RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 43 ◆ISSUE-135 ◆TUESDAY ◆11 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୫ ◆ମଙ୍ଗଳବାର ◆୧୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




'ବର୍ଡର ୨'
ଆସିଲା ବରୁଣଙ୍କ ଲୁକ୍
▶ପୃଷ୍ଠା ୧୧ ଦେଖନ୍ତୁ...

# ବିସ୍ଫୋରଣରେ ଥରିଲା ଦିଲ୍ଲୀ; ୮ ମୃତ

## ଲାଲ୍‌କିଲ୍ଲା ନିକଟରେ ଭୟଙ୍କର କାର୍ ଧମାକା





**ଜଳିଗଲା ୮ଟି କାର୍; ୨୨ଟି ଗାଡ଼ି କ୍ଷତିଗ୍ରସ୍ତ**

**ଘଟଣାସ୍ଥଳରେ ଏନ୍‌ଆଇଏ, ଏନ୍‌ଏସ୍‌ଜି ଫୋରେନ୍‌ସିକ୍ ଟିମ୍**

**ହାଇଆଲର୍ଟରେ ଦେଶର ପ୍ରମୁଖ ମେଟ୍ରୋ ସହର**

■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଆଜି ସନ୍ଧ୍ୟାରେ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ଥରହର ହୋଇଛି ଜାତୀୟ ରାଜଧାନୀ ନୂଆଦିଲ୍ଲୀ। ଏହି ବିସ୍ଫୋରଣରେ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଆହୁରି ୧୭ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆସନ୍ତାକାଲି ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଛି ଏବଂ ସମଗ୍ର ଦେଶବାସୀଙ୍କ ନଜର ବିହାର ଉପରେ ଥିବା ବେଳେ ଦିଲ୍ଲୀରେ ଏଭଳି ବିସ୍ଫୋରଣ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ତେବେ ଏହି ବିସ୍ଫୋରଣ ପଛରେ କିଏ ଅଛନ୍ତି, ତାହା ଜଣାପଡ଼ି ନାହିଁ। ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ପରେ ଏହି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ପରେ ଦିଲ୍ଲୀ ସମେତ ମୁମ୍ବଇ, ଚେନ୍ନଇ, ଉତ୍ତରପ୍ରଦେଶ, ହରିଆଣା, ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରେ ହାଇ ଆଲର୍ଟ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରିଦିଆଯାଇଛି। ରାଜଧାନୀ ଦିଲ୍ଲୀର ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି।

ସୂଚନା ଅନୁଯାୟୀ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ଟ୍ରାଫିକ ସିଗନାଲ ।।ରେ ଏକ ହୁଣ୍ଡାଇ ଆଇ-୨୦ କାର୍‌ରେ ଆଜି ସନ୍ଧ୍ୟାରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ ନିଆଁ ବ୍ୟାପି ଆଖପାଖରେ ଥିବା ଅନ୍ୟ ଗାଡ଼ିକୁ କବଳିତ କରି ନେଇଥିଲା। ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୁରକ୍ଷାବାହିନୀ, ଏନ୍‌ଆଇଏ ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେପହଞ୍ଚିଥି ।।ଲେ ।ଅଞ୍ଚଳକୁସମ୍ପୂର୍ଣ୍ଣ ସିଲ୍ କରି ତଦନ୍ତ ଆରମ୍ଭ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। କିନ୍ତୁ ଜମ୍ମୁ-କଶ୍ମୀରରୁ ବିସ୍ଫୋରକ ▶ପୃଷ୍ଠା-୭

### ସବୁ ଦିଗର ଯାଞ୍ଚ ହେବ: ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବିସ୍ଫୋରଣକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜୀବନହାନୀର କଷ୍ଟକୁ ଶବ୍ଦର ପ୍ରକାଶ କରିହେବ ନାହିଁ ବୋଲି କହିଛନ୍ତି। ସେ ବିସ୍ଫୋରଣ ସ୍ଥଳକୁ ଗସ୍ତ କରିବା ସହିତ ହସ୍ପିଟାଲ ଯାଇ ଆହତଙ୍କ ସହ କଥା ହୋଇଛନ୍ତି। ପ୍ରମୁଖ ଏଜେନ୍ସିଗୁଡ଼ିକ ମାମଲାର ତଦନ୍ତ ଆରମ୍ଭ କରିଦେଇଛନ୍ତି। ଶାହା ଦିଲ୍ଲୀ ପୁଲିସ ମୁଖ୍ୟ ଏବଂ ସ୍ପେସିଆଲ ବ୍ରାଞ୍ଚର ପ୍ରଭାରୀଙ୍କ ସହ ଆଲୋଚନା କରିଛନ୍ତି। ବିସ୍ଫୋରଣର ପ୍ରତ୍ୟେକ ସମ୍ଭାବନାକୁ ଧ୍ୟାନରେ ରଖି ଯାଞ୍ଚ କରାଯିବ ବୋଲି ଶାହା କହିଛନ୍ତି। ସବୁ ବିକଳ୍ପ ଯାଞ୍ଚ କରାଯିବ ଏବଂ ଫଳାଫଳକୁ ଜନତାଙ୍କ ସାମ୍ନାରେ ରଖାଯିବ।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୋହନ ଓ ନବୀନଙ୍କ ଶୋକ

ଦିଲ୍ଲୀ ବିସ୍ଫୋରଣକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆହତଙ୍କୁ ଅଧିକାରୀମାନେ ସହାୟତା ପ୍ରଦାନ କରୁଛନ୍ତି। ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ▶ପୃଷ୍ଠା-୭

**ଆତଙ୍କବାଦର ନୂଆ ଚେହେରା**

# ବିସ୍ଫୋରକ, ରାଇଫଲ ସହ ୪ ଡାକ୍ତର ଗିରଫ



**ଆକ୍ରମଣ ପାଇଁ ଚାଲିଥିଲା ଯୋଜନା; ପଣ୍ଡ କଲା କଶ୍ମୀର ପୁଲିସ**

**ଟାର୍ଗେଟରେ ଥିଲା ଦିଲ୍ଲୀ ସମେତ ଉତ୍ତର ଭାରତ**

■ **ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି):** ଏକ ଉଦ୍‌ବେଗଜନକ ଘଟଣା କ୍ରମେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ଚଳାଇଥିବା ୪ ଜଣ ଡାକ୍ତର ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୨୯୦୦ କିଲୋ ବିସ୍ଫୋରକ ସହିତ ଏକେ-୪୭ ରାଇଫଲ ଏବଂ କିଛି ବିଷାକ୍ତ ରସାୟନ ସାମଗ୍ରୀ ଜବତ କରାଯାଇଛି। ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଚାଲିଥିଲା ଯୋଜନା। ଠିକ୍ ସମୟରେ ପୁଲିସ ସେମାନଙ୍କୁ ଧରିବା ପରେ ଏକ ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଛି ଜମ୍ମୁ-କଶ୍ମୀର ପୁଲିସ। ଏହି ୪ ଜଣ ଡାକ୍ତରଙ୍କୁ ଜମ୍ମୁ-କଶ୍ମୀର, ଉତ୍ତର ପ୍ରଦେଶ, ହରିଆଣା ଏବଂ ଗୁଜରାଟରୁ ଗିରଫ କରାଯାଇଛି। କଶ୍ମୀର ।।ରେ ଧରାପଡ଼ିଥିବା ଜଣେ ଡାକ୍ତରଙ୍କ ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। ତାଙ୍କ କାରରେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ଥିଲା। ଏହି ଘଟଣାରେ ମୋଟ୍ ୮ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କ ଇସାରାରେ କାମ କରୁଥିଲେ।

ଗିରଫ ଡାକ୍ତରମାନେ ହେଲେ ଆଦିଲ ଅହମଦ, ମୁଜାମ୍ମିଲ ସକିଲ, ସାହିନ ସହିଦ ଓ ଅହମଦ ସୟଦେ। ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ଓ ଗଜବତ-ଅଲ- ହିନ୍ଦ ସହିତ ସେମାନଙ୍କର ସଂପର୍କ ରହିଛି। ଜମ୍ମୁ-କଶ୍ମୀର, ଉତ୍ତର ▶ପୃଷ୍ଠା-୭

**ବିହାରରେ ବିଧାନସଭା ନିର୍ବାଚନ**

# ଶେଷ ପର୍ଯ୍ୟାୟ ମତଦାନ ଆଜି

**ସୀମାଞ୍ଚଳ ଉପରେ ନଜର**

**୧୨୨ ଆସନରେ ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ ୩.୭ କୋଟି ଭୋଟର**




■ **ପାଟନା, ୧୦।୧୧ (ଏଜେନ୍ସି):** ବିହାର ନିର୍ବାଚନ ପାଇଁ ମଙ୍ଗଳବାର ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ସକାଳ ୭ଟାରୁ ଏହି ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଏହି ପର୍ଯ୍ୟାୟରେ ୨୦ ଜିଲ୍ଲାର ୩.୭ କୋଟି ଭୋଟର ୧୨୨ ଆସନର ପ୍ରାର୍ଥୀଙ୍କ ଭାଗ୍ୟ ସ୍ଥିର କରିବେ। ୨୪୩ ଆସନ ବିଶିଷ୍ଟ ବିହାରରେ କିଏ ପରବର୍ତ୍ତୀ ସରକାର ଗଠନ କରୁଛି ତାହା ଏହି ପର୍ଯ୍ୟାୟ ନିର୍ବାଚନରୁ ସ୍ଥିର ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ମୋଟ ୧୩୦୨ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୧୩୬ ମହିଳା ସାମିଲ ଅଛନ୍ତି। ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବା ପାଇଁ ୪ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷାବାହିନୀ ନିୟୋଜିତ କରାଯାଇଛି। ୪୫, ୩୯୯ ବୁଥ୍ ପ୍ରତିଷ୍ଠା ହୋଇଛି। ଏହି ପର୍ଯ୍ୟାୟରେ ମୁସଲିମ ବହୁଳ ସୀମାଞ୍ଚଳ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କ୍ଷେତ୍ର ପାଲଟି ଯାଇଛି। ପୂର୍ଣ୍ଣିଆ, ଅରରିଆ, କଟିହାର ଏବଂ କିଶନଗଞ୍ଜର ୨୪ ▶ପୃଷ୍ଠା-୭

### ଆଜି ନୂଆପଡ଼ା ଭୋଟ

■ **ନୂଆପଡ଼ା, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚିସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ▶ପୃଷ୍ଠା-୭

**୨୭ରୁ ବିଧାନସଭା ଶୀତ ଅଧିବେଶନ**

## ସମ୍ବୋଧିତ କରିବେ ରାଷ୍ଟ୍ରପତି



**୨୯ଟି କାର୍ଯ୍ୟଦିବସ**

**୨୮ରେ ଅତିରିକ୍ତ ବଜେଟ ଉପସ୍ଥାପନ**

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଆସନ୍ତା ୨୭ ତାରିଖରୁ ସପ୍ତଦଶ ବିଧାନସଭାର ପଞ୍ଚମ ଅର୍ଥାତ୍ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ କାର୍ଯ୍ୟସାରଣୀ ପ୍ରକାଶ ପାଇଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିବେ। ▶ପୃଷ୍ଠା-୭

**ସିଇସିଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ**

## ନିରବ ଅବଧିରେ ଆଚରଣ ବିଧି ଉଲ୍ଲଙ୍ଘନ



**ବିଶ୍ୱସନୀୟତା ରକ୍ଷା ପାଇଁ ନିଅନ୍ତୁ ତୁରନ୍ତ ପଦକ୍ଷେପ**

**କଡ଼ାକଡ଼ି ଲାଗୁ ହେଉ ୩୬ ଘଣ୍ଟାର ନିରବ ଅବଧି**

■ **ଭୁବନେଶ୍ୱର, ୧୦।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୋଟଗ୍ରହଣର ୩୬ ଘଣ୍ଟା ପୂର୍ବରୁ ଧାର୍ଯ୍ୟ ସାଇଲେନ୍ସ ପିରିୟଡ (ନିରବ ଅବଧି)ରେ ଏପରି ଅନେକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି, ଯାହା ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛି। ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଶାସକ ଦଳର ସ୍ୱାର୍ଥ ପୂରଣ ଦିଗରେ ପୂରା ଜୋରରେ ଲାଗିପଡ଼ିଛି। ମୁକ୍ତ ଓ ଅବାଧ ନିର୍ବାଚନ ▶ପୃଷ୍ଠା-୭

**ଅପମିଶ୍ରିତ ତିରୁପତି ଲଡୁ ମାମଲା: ବଡ଼ ସୂଚନା ଦେଲା ସିବିଆଇ**

## ନକଲି ଘିଅ ଦେଇଥିଲା ଉତ୍ତରାଖଣ୍ଡ କମ୍ପାନୀ



**୬୮ ଲକ୍ଷ କେଜି ଘିଅ ବିକି ଆୟ କରିଥିଲା ୨୫୦ କୋଟି ଟଙ୍କା**

**ନକଲି ଥିଲା କମ୍ପାନୀର ସବୁ କାଗଜପତ୍ର**

**ଧରାପଡ଼ିବା ସତ୍ତ୍ୱେ ନୂଆ କମ୍ପାନୀ ଗଠନ କରି ଚାଲିଥିଲା ଯୋଗାଣ**

■ **ତିରୁପତି, ୧୦।୧୧ (ଏଜେନ୍ସି):** ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି)ରେ ଅପମିଶ୍ରିତ ପ୍ରସାଦ ମାମଲାକୁ ନେଇ ଚାଞ୍ଚଲ୍ୟକର ସୂଚନା ସାମ୍ନାକୁ ଆସିଛି। ମନ୍ଦିରକୁ ଘିଅ ଯୋଗାଣ କରୁଥିବା ଉତ୍ତରାଖଣ୍ଡ ଡାଏରୀ କମ୍ପାନୀର କଳାକାରନାମାର ଗୁମର ଖୋଲି ଯାଇଛି। ଏହି କମ୍ପାନୀ ୨୦୧୯ରୁ ୨୦୨୪ ମଧ୍ୟରେ ୬୮ ଲକ୍ଷ କେଜି ଅପମିଶ୍ରିତ ଘିଅ ମନ୍ଦିରକୁ ଯୋଗାଣ କରିଥିଲା। ଏହି ବାବଦରୁ ୨୫୦ କୋଟି ଟଙ୍କା ଲାଭ କରିଥିଲା। ସିବିଆଇ ଏବଂ ଆନ୍ଧ୍ର ପ୍ରଦେଶ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚରୁ ଏହା ଜଣାପଡ଼ିଛି।

ଯାଞ୍ଚ ରିପୋର୍ଟ ଅନୁଯାୟୀ ଏହି ଘିଅ ଯୋଗାଣ କରୁଥିବା ଡାଏରୀ କମ୍ପାନୀର ସବୁ କାଗଜପତ୍ର ନକଲି ଥିଲା। ଏହି କମ୍ପାନୀ କେବେ ବି କ୍ଷୀର ଏବଂ ▶ପୃଷ୍ଠା-୭

# ବିରାଦରୀ ପ୍ରୀତି: ବରିଷ୍ଠ ସୁରକ୍ଷିତ; କନିଷ୍ଠଙ୍କୁ ବଳି

**ରଥଯାତ୍ରା ମହାବିଭ୍ରାଟ**

**ଲୋକ ମଲେ ବାବୁଙ୍କର କି ଯାଏ?**

**୫ ମେଗାପିକ୍ସଲ ପରିବର୍ତ୍ତେ କାହିଁକି ଲାଗିଲା ୨ ମେଗାପିକ୍ସଲ କ୍ୟାମେରା**

**୨୮୨ ବଦଳରେ ୧୭୦ଟି କ୍ୟାମେରା ଲଗାଇବା ପଛରେ କାହା ହାତ**

**ସିସିଟିଭି ଲଗାଇବା ନିମନ୍ତେ ସମ୍ପୃକ୍ତ ଠିକା ସଂସ୍ଥାକୁ କାହିଁକି ବଛାଗଲା**

**ଠିକା ସଂସ୍ଥା ବାଛିଥିବା ତତ୍କାଳୀନ ଏଡିଜି (ମୁଖ୍ୟାଳୟ)ଙ୍କ ଭୂମିକାକୁ ନେଇ ପ୍ରଶ୍ନ**

**୨୦ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟା ଅଧିକାରୀ କ'ଣ ଦୋଷମୁକ୍ତ**

**ରିପୋର୍ଟରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକାକୁ ନେଇ ରହସ୍ୟମୟ ନିରବତା**



**ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ପୁଲିସ ଏଡିଜିଙ୍କୁ କାହିଁକି ଅନୁକମ୍ପା**

■ **ଭୁବନେଶ୍ୱର, ୧୦।୧୧ (ସମିସ):** ଅପରେସନ ସିନ୍ଦୂର ପରେ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଥିଲା ଦେଶର ସବୁଠାରୁ ବଡ଼ ଧାର୍ମିକ ଉତ୍ସବ। ରଥଯାତ୍ରାରେ ୧୫ ଲକ୍ଷ ଲୋକଙ୍କ ସମାଗମ ହେବା ଆକଳନ ହୋଇଥିଲା ଓ ଏହାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ପରିଚାଳନା ପାଇଁ ସରକାର ଯୋଜନା କରିଥିଲେ। ତୁହାକୁ ତୁହା ବୈଠକ ବସିଲା, ସରକାର ଘନଘନ ବିବୃତି ଦେଲେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ ଠାରୁ ଆରମ୍ଭ କରି ପୁଲିସ ଡ଼ିଜିଙ୍କ ପର୍ଯ୍ୟନ୍ତ ରଥଯାତ୍ରାକୁ ଐତିହାସିକ କରାଯିବ ବୋଲି ଘୋଷଣା କଲେ। ସତରେ ଚଳିତ ବର୍ଷ ରଥଯାତ୍ରା ଐତିହାସିକ ହେଲା। ରଥଯାତ୍ରା ଦିନ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଗଡ଼ିଲା ନାହିଁ। କେବଳ ବିଧି ଦୃଷ୍ଟିରୁ ରାତିରେ ଆଲୁଅ ଲଗାଇ କେଇ ହାତ ରଥ ଟଣାଗଲା। ରଥଯାତ୍ରାରେ ଠେଲାପେଲାରେ ଶହଶହ ଭକ୍ତ ଆହତ ହେଲେ; ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେଲା। ସରକାର ଉନ୍ନୟନ କମିଶନରଙ୍କୁ ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଲେ ଓ ତଦନ୍ତ ରିପୋର୍ଟ ଆଧାରରେ ୭ ଜଣ କନିଷ୍ଠ ପୁଲିସ କର୍ମଚାରୀଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ। ରଥଯାତ୍ରା ପରିଚାଳନା ପାଇଁ ▶ପୃଷ୍ଠା-୭

# ଦିଲ୍ଲୀ ବିସ୍ଫୋରଣ ପଛରେ କିଏ ?

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଆଜି ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ଭୟଙ୍କର ବିସ୍ଫୋରଣରେ ୮ ଜଣ ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ନେସନାଲ ସିକ୍ୟୁରିଟି ଗାର୍ଡ, ନେସନାଲ ସିକ୍ୟୁରିଟି ଏଜେନସି, ଦିଲ୍ଲୀ ପୁଲିସ ଏବଂ ଫରେନସିକ୍ ସାଇନ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ପଛରେ କିଏ, ତାହା ମଧ୍ୟ ଜଣାପଡ଼ି ନାହିଁ। ତେବେ ଯେଉଁ କାରରେ ବିସ୍ଫୋରଣ ହୋଇଛି, ତାହାର ମାଲିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମହମ୍ମଦ ସଲମାନ ନାମକ ଏହି ବ୍ୟକ୍ତି ଦୁଇ ବର୍ଷ ପୂର୍ବେ ଉକ୍ତ କାରକୁ ଓଖଲାର ଦେବେନ୍ଦ୍ର ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ପୁଣି ଦେବେନ୍ଦ୍ର ଏହି କାରକୁ ଅମ୍ବାଲାରେ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ସଲମାନଙ୍କ ଘର ହରିଆଣାର ଗୁରୁଗ୍ରାମ ହୋଇଥିବା ବେଳେ କାରର ନମ୍ବର ମଧ୍ୟ ହରିଆଣାରେ ପଞ୍ଜୀକରଣ ହୋଇଛି। ତେବେ ଏବେ ଯେଉଁ

## ■ କାର୍‌ର ପୁରୁଣା ମାଲିକ ଅଟକ
## ■ ଗିରଫ ଡାକ୍ତରଙ୍କୁ ପଚରାଉଚରା

ଲୋକର ନାମରେ ଏହି କାର ରହିଛି, ତାହାକୁ ପୁଲିସ ଖୋଜୁଛି। ଏହି ବିସ୍ଫୋରଣରେ ସେମାନଙ୍କର ସଂପୃକ୍ତି ରହିଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଏହି କାରଟି ହେଉଛି ହୁଣ୍ଡାଇ ଆଇ-୨୦ କାର ଏବଂ ଏଥିରେ ତିନି ଚାରି ଜଣ ଲୋକ ବସିଥିଲେ ବୋଲି କୁହାଯାଉଛି। ପୁଲିସ ଏଅଧିକ କିଛି ସୂଚନା ଦେଉନାହିଁ।

ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ଯୋଜନା କରୁଥିବା ବେଳେ ଧରାପଡ଼ିଥିବା ୮ ଜଣ ବ୍ୟକ୍ତିଙ୍କୁ ପୁଲିସ ଏସଂପର୍କରେ ପଚରାଉଚରା କରୁଛି। ଆଜିର ବିସ୍ଫୋରଣ ସହିତ ସେମାନଙ୍କର ସଂପର୍କ ରହିଛି କି ନାହିଁ ତାହାର ଖୋଳତାଡ଼ କରରୁଛି ପୁଲିସ। ଗିରଫ ୮ ଜଣଙ୍କ ମଧ୍ୟରୁ ୪ ଜଣ ଡାକ୍ତର ଥିବା ବେଳେ ୭ ଜଣ ହେଉଛନ୍ତି କଶ୍ମୀର ବାସିନ୍ଦା। ସେମାନେ ମଧ୍ୟ ଦିଲ୍ଲୀ ସମେତ ଉତ୍ତର ଭାରତରେ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ ବୋଲି ପୁଲିସ ଆଗରେ ବୟାନ ଦେଇଥିଲେ। ତେଣୁ ଆଜିର ବିସ୍ଫୋରଣ ପଛରେ ସେମାନଙ୍କ ଗୋଷ୍ଠୀର ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେଣୁ ସେମାନେ ଆଉ କାହା ସହିତ ସଂପର୍କରେ ଥିଲେ, ସେସଂପର୍କରେ ସୂଚନା ହାସଲ ଲାଗି ଆଜି ରାତି ତମାମ ସେମାନଙ୍କୁ ଜେରା କରାଯାଉଛି। ଇଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ପରେ ବିସ୍ଫୋରଣ ସ୍ଥଳକୁ ମଧ୍ୟ ଯାଇଥିଲେ।





● ଦିଲ୍ଲୀ ବିସ୍ଫୋରଣରେ ନୂଆ ପାଟର୍ଣ୍ଣ

## ହୋଇନି ଖାଲ କି କଳା ପଡ଼ିନି ଆହତଙ୍କ ଶରୀର

ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣରେ ନୂଆ ପାଟର୍ଣ୍ଣ ସାମ୍ନାକୁ ଆସିଛି। ଯେଉଁ କାର୍‌ରେ ବିସ୍ଫୋରଣ ହୋଇଥିଲା, ସେଥିରେ ଆଉ କିଛି ଲୋକ ବସି ଥିଲେ। ତେବେ ଏହି ବିସ୍ଫୋରଣ ଯୋଗୁଁ ଘଟଣାସ୍ଥଳରେ କୌଣସି ଖାଲ ହୋଇ ନ ଥିଲା। ଆହତଙ୍କ ଶରୀରରେ କଣ୍ଟା କିମ୍ବା ତାର ପଶି ଯାଇ ନ ଥିଲା। ଆହତ ବ୍ୟକ୍ତିଙ୍କ ମୁହଁ କିମ୍ବା ଶରୀର କଳା ପଡ଼ି ନ ଥିଲା। ଦିଲ୍ଲୀ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହା ସାଧାରଣ ବିସ୍ଫୋରଣ ନ ଥିଲା। ଏହା ଏକ ବଡ଼ ବୋମା ବିସ୍ଫୋରଣ ଥିଲା। ୨୦୦ ମିଟର ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏହା ଏକ ବଡ଼ ଆତଙ୍କବାଦୀ ଘଟଣା ବୋଲି ଜଣାପଡୁଛି। ଏବେ ଯାଞ୍ଚ ଜାରି ରହିଛି। ଏବେ ବିସ୍ଫୋରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ବିସ୍ଫୋରଣରେ କେଉଁ ବାରୁଦ ବ୍ୟବହାର କରାଯାଇଥିଲା? କାହିଁକି ବିସ୍ଫୋରଣ ପରେ ମୃତାହତଙ୍କ ଶୀରର କଳା ପଡ଼ି ନ ଥିଲା? କାର୍ ଭିତରେ କିଏ ବସି ଥିଲେ? ଜମ୍ମୁ-କଶ୍ମୀରରୁ ଜବତ ବିସ୍ଫୋରକ ସହ ଏହାର କୌଣସି ଲିଙ୍କ୍ ନାହିଁ ତ? ବିସ୍ଫୋରଣ ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ନାହିଁ ତ? ଏଭଳି ଅନେକ ପ୍ରଶ୍ନ ଉଠୁଛି।

## ଆତଙ୍କୀଙ୍କ ଟାର୍ଗେଟରେ ଦିଲ୍ଲୀ: ୧୯୯୬ରୁ ୨୦୨୫

୧୯୯୬ ମେ ୨୫: ଲାଜପତ ନଗରରେ ବିସ୍ଫୋରଣ, ୨୦ ମୃତ
୧୯୯୭ ନଭେମ୍ବର ୩୦; ଲାଲକିଲ୍ଲା ଅଞ୍ଚଳରେ ଟ୍ୱିନ୍ ବ୍ଲାଷ୍ଟ, ୩ ମୃତ
୧୯୯୭ ଡିସେମ୍ବର ୩୦: ପଞ୍ଜାବୀ ବାଗରେ ବସ୍ ବିସ୍ଫୋରଣ, ୪ମୃତ
୨୦୦୦ ଜନୁ ୧୮; ଲାଲକିଲ୍ଲାରେ ଦୁଇଟି ବିସ୍ଫୋରଣ, ୨ ମୃତ
୨୦୦୧ ଡିସେମ୍ବର: ପାର୍ଲାମେଣ୍ଟ ଉପରେ ଆକ୍ରମଣ, ୯ ସୁରକ୍ଷା କର୍ମୀ ସହିଦ
୨୦୦୫ ଅକ୍ଟୋବର ୨୯: ସରୋଜିନୀ ନଗର, ପାହାଡଗଞ୍ଜରେ ବିସ୍ଫୋରଣ, ୬୭ ମୃତ
୨୦୦୬ ଏପ୍ରିଲ ୧୪; ଜାମା ମସଜିଦ ପରିସରରେ ବିସ୍ଫୋରଣ, ୧୪ ଆହତ
୨୦୦୮ ସେପ୍ଟେମ୍ବର ୧୩; କାରୋଲ ବାଗ, କନଟ ପ୍ଲେସ, ଗ୍ରେଟର କୈଳାଶ-୧ରେ ସିରିଜ ବିସ୍ଫୋରଣ, ୩୦ ମୃତ
୨୦୧୧ ମେ ୨୫: ଦିଲ୍ଲୀ ହାଇକୋର୍ଟ ପାର୍କିଂ ଲଟ୍‌ରେ ବିସ୍ଫୋରଣ, ୧୫ ମୃତ
୨୦୨୫ନଭେମ୍ବର ୧୦: ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ, ୮ ମୃତ



## ଭେଣ୍ଟିଲେଟରରେ ହି-ମ୍ୟାନ ଧର୍ମେନ୍ଦ୍ର

ମୁମ୍ବଇ, ୧୦।୧୧(ଏଜେନ୍ସି): ବର୍ଷୀଆନ ବଲିଉଡ ଅଭିନେତା ତଥା ହି-ମ୍ୟାନ ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡିଛି। ମୁମ୍ବଇର ବ୍ରିଚ୍‌କାଣ୍ଡି ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ନିଃଶ୍ୱାସ ନେବାରେ ସମସ୍ୟା ହେବା କାରଣରୁ ତାଙ୍କୁ ଗୋଟିଏ ସପ୍ତାହ ତଳେ ହସ୍ପିଟାଲ ନିଆଯାଇଥିଲା। ଆଗାମୀ ଡିସେମ୍ବର ୮ରେ ସେ ୯୦ ବର୍ଷରେ ପଦାର୍ପଣ କରିବେ। ପୂର୍ବରୁ ଏପ୍ରିଲ୍‌ରେ ତାଙ୍କର ଚକ୍ଷୁ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଧର୍ମେନ୍ଦ୍ର ହସ୍ପିଟାଲରେ ଅଛନ୍ତି। ତେବେ ଧର୍ମେନ୍ଦ୍ରଙ୍କୁ ଭେଣ୍ଟିଲିଟରରେ ରଖାଯାଇନାହିଁ ବୋଲି ତାଙ୍କ ଟିମ୍ ତରଫରୁ କୁହାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ସେ ଏକାଧିକ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି। ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି। ପୂରା ପରିବାର ତାଙ୍କ ସହ ଅଛନ୍ତି। ଦୁଇ ଝିଅଙ୍କୁ ମଧ୍ୟ ଆମେରିକାରୁ ଡକାଯାଇଛି। ୧୯୬୦ରେ ସେ 'ଦିଲ୍ ଭି ତେରା, ହମ୍ ଭି ତେରା' ସିନେମାରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିଲେ। ୧୯୬୦ ଦଶକରେ ସେ ଅନପଢ଼, ବନ୍ଦିନୀ, ଅନୁପମା ଓ ଆୟା ସାବନ ଝୁମ୍‌କେରେ ଅଭିନୟ କରି ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ସୃଷ୍ଟି କରିଥିଲେ। ସେ ସୁପରହିଟ୍ ଚଳଚ୍ଚିତ୍ର ଶୋଲେ, ଧରମବୀର, ଚୁପ୍‌କେ ଚୁପ୍‌କେ, ମେରା ଗାଁଓ ମେରା ଦେଶ ଓ ଡ୍ରିମ ଗର୍ଲରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ୬ ଦଶନ୍ଧିର କ୍ୟାରିୟରରେ ସେ ମୋଟ ୩୦୦ଟି ସିନେମାରେ ଅଭିନୟ କରିଛନ୍ତି।

## ଫ୍ଲାଇଟ୍ ଜିପିଏସ୍‌ରେ ଟ୍ୟାମ୍ପରିଂ କରାଯାଇଥିଲା

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ଦୁଇଦିନ ତଳେ ୮୦୦ରୁ ଊର୍ଦ୍ଧ୍ୱ ବିମାନ ଉଡାଣ ବାଧାପ୍ରାପ୍ତ ହୋଇଥିଲା ଓ ଏଥିପାଇଁ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ଏବେ ଏହି ଘଟଣା ପଛର କାରଣ ସାମ୍ନାକୁ ଆସିଛି। ଜିପିଏସ୍ ଅର୍ଥାତ ଗ୍ଲୋବାଲ ପୋଜିସନିଂ ସିଷ୍ଟମର ସିଗନାଲ୍‌କୁ ଟ୍ୟାମ୍ପରି କରାଯାଇଥିଲା ବୋଲି ଯାଞ୍ଚ ଓ ବିଶେଷଜ୍ଞଙ୍କଠାରୁ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ନଭେମ୍ବର ୬ ଓ ୭ରେ ସନ୍ଧ୍ୟା ୭ଟାରେ ବିମାନଗୁଡିକର ଜିପିଏସ୍‌ର ନକଲି ସିଗ୍‌ନାଲ ମିଳିଥିଲା। କକ୍‌ପିଟ୍‌ର ପର୍ଦ୍ଦାରେ ବିମାନର ପୋଜିସନିଂ ବଦଳି ଯାଇଥିଲା ଓ ନକଲି ଚିତ୍ର ଦେଖିବାକୁ ମିଳିଥିଲା। ଫଳରେ ଏହି ଅବସରରେ ରନୱେ ବଦଳରେ ଚାଷଜମି ଦେଖିବାକୁ ମିଳିଥିଲା। ସେହିପରି ବିମାନର ଉଚ୍ଚତା ନେଇ ଭ୍ରମ ସୃଷ୍ଟି ହୋଇଥିଲା। ଫଳରେ ବିମାନର ପାଇଲଟ୍ ଜିପିଏସ୍ ବେଷ୍ଟ ଅଟୋ ମେସେଜିଂ ବଦଳରେ ମାନୁଆଲ ପୋଜିସନକୁ ସ୍ଥାନାନ୍ତର ହୋଇଥିଲା। ନଭେମ୍ବର ୭ରେ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)ର ଅଟୋମେଟିକ ମେସେଜ ସୁଇଚ୍ ସିଷ୍ଟମ୍ (ଏଏମ୍‌ଏସ୍‌ଏସ)ରେ ବୈଷୟିକ ତ୍ରୁଟି ବିମାନଗୁଡିକର ଚଳାଚଳ ୧୨ ଘଣ୍ଟାଧରି ପ୍ରଭାବିତ ହୋଇଥିଲା। ୮୦୦ରୁ ଊର୍ଦ୍ଧ୍ୱ ଘରୋଇ ଓ ଅନ୍ତର୍ଜାତୀୟ ବିମାନର ଉଡାଣ ବିଳମ୍ବିତ ହୋଇଥିଲା। ଏପରିକି ୨୦ଟି ବିମାନର ଉଡାଣକୁ ବାତିଲ କରିବାକୁ ପଡ଼ିଥିଲା। ୪୮ ଘଣ୍ଟା ପରେ ଯାଇ ବିମାନବନ୍ଦରର ପରିଚାଳନା ସାଧାରଣ ହୋଇଥିଲା।

## ପାଟନାରେ ଛାତ ଭୁଶୁଡ଼ି ଗୋଟିଏ ପରିବାରର ୫ ମୃତ

ପାଟନା, ୧୦।୧୧(ଏଜେନ୍ସି): ବିହାର ରାଜଧାନୀ ପାଟନା ଉପକଣ୍ଠରେ ଥିବା ଦାନପୁରରେ ଘରର ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରବିବାର ରାତି ୯ଟାରେ ମାନସ ନୟା ପାନାପୁର ଗାଁରେ ଏହି ଘଟଣା ଘଟିଛି। ଏହି ଗାଁ ପାଟନା ଓ ସାରଣ ସୀମରେ ଅବସ୍ଥିତ। ଛାତ ଭୁଶୁଡିବା ଫଳରେ ୩୫ ବର୍ଷୀୟ ମହମ୍ମଦ ବବଲୁ, ପତ୍ନୀ ୩୦ ବର୍ଷୀୟ ରୋଶନ ଖାତୁନ ଓ ତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ପ୍ରାଣ ହରାଇଛନ୍ତି। ଭଙ୍ଗା ଛାତ ଓ କାନ୍ଥ ତଳେ ସମସ୍ତଙ୍କ ମୃତଦେହ ଫସି ରହିଛି। ଭଗ୍ନାବଶେଷ ତଳେ ପିଲାଙ୍କ ସ୍କୁଲ ବ୍ୟାଗ, କିଛି ପୋଷାକ ଓ ପଙ୍ଖା ଦେଖିବାକୁ ମିଳିଛି। କେତୋଟି ଇଟାରେ ରକ୍ତର ଛିଟା ମଧ୍ୟ ଦେଖାଯାଇଛି। ପାଖରେ ଏକ କଡେଇ, ଗ୍ୟାସ ଚୁଲା ଓ ଅନ୍ୟାନ୍ୟ ରୋଷେଇ ତଥା ଘରୋଇ ଉପକରଣ ପଡ଼ି ରହିଛି। ଛାତ ଭୁଶୁଡିବା ପରେ ଜୋରରେ ଶବ୍ଦ ଶୁଣି ଲୋକେ ଘରୁ ବାହରକୁ ଆସିଥିଲେ। ପୂରା ପରିବାର ରାତିରେ ଖାଇ ସାରିବା ପରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା ବୋଲି ପଡୋଶୀ କହିଛନ୍ତି। ଇନ୍ଦିରା ଆବାସ ଯୋଜନାରୁ ବବ୍‌ଲୁ ଏହି ଘର ତିଆରି କରିଥିଲେ। କିନ୍ତୁ ଏହି ଘର ପୁରଣା ହୋଇଯାଇଥିଲା ଓ ଅତି ବିପଦ ଶଙ୍କୁଳ ଅବସ୍ଥାରେ ଥିଲା। ଏହି ଘର ୩୦ ବର୍ଷର ପୁରୁଣା ଘର ଥିଲା। ଆରଜେଡି ନେତ୍ରୀ ତଥା ପାଟଳିପୁତ୍ର ସାଂସଦ ମିସା ଭାରତୀ ପୀଡିତ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି।

### ସଂରକ୍ଷଣକୁ ନେଇ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଲୋକସଭା, ବିଧାନସଭା ନିର୍ବାଚନରେ ମହିଳା ସଂରକ୍ଷଣ ନିୟମ କାର୍ଯ୍ୟକାରୀ କରିବାକୁ ନେଇ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାର ଉପରେ ଜବାବ ଦେବାକୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳା ସଂରକ୍ଷଣ ଆଇନରେ ନିର୍ବାଚନରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାର ନିୟମ ରହିଛି।

ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ନାଗରତ୍ନା ବଡ଼ ଟିପ୍ପଣୀ ଦେଇଥିଲେ। ଦେଶରେ ମହିଳା ସବୁଠୁ ବଡ଼ ସଂଖ୍ୟାଲଘୁ ବୋଲି କହିଥିଲେ। ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି ଯେ ସମସ୍ତ ନାଗରିକ ରାଜନୈତିକ ଏବଂ ସାମାଜିକ ସମାନତା ପାଇବାକୁ ହକ୍‌ଦାର। ଏହି ଦେଶରେ ମହିଳା ସବୁଠାରୁ ବଡ଼ ସଂଖ୍ୟାଲଘୁ। ମହିଳା ସଂଖ୍ୟା ୪୮ ପ୍ରତିଶତ ରହିଛି। ତେବେ ଏହା ମହିଳାଙ୍କ ରାଜନୈତିକ କ୍ଷମତା ଆଧାରରେ ବୋଲି ଜଷ୍ଟିସ ନାଗରତ୍ନା ସ୍ପଷ୍ଟ କରିଥିଲେ। କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନର ଶୁଣାଣି କରି ସେ ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ରେ ଅଣାଯାଇଥିବା ମହିଳା ସଂରକ୍ଷଣ ନିୟମକୁ ତୁରନ୍ତ ଲାଗୁ କରିବାକୁ କଂଗ୍ରେସ ନେତ୍ରୀ ଏଥିରେ ଦାବି କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ସୋଫିଆ ଗୁପ୍ତା କହିଥିଲେ ଯେ ଦେଶ ସ୍ୱାଧୀନତାକୁ ୭ ଦଶନ୍ଧି ବିତି ଯାଇଥିଲେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଦୁର୍ଭାଗ୍ୟର ବିଷୟ। ଏହା ଉପରେ ଜଷ୍ଟିସ ନାଗରତ୍ନା କେନ୍ଦ୍ରକୁ ନୋଟିସ ଜାରି କରିବାକୁ କହିଥିଲେ ଏବଂ ପରିସୀମା ନିର୍ଦ୍ଧାରଣ କେବେ ହେବ ବୋଲି ଜବାବ ମାଗିଥିଲେ। ତେବେ ସେ ସ୍ପଷ୍ଟ କରିଥିଲେ ଯେ ଆଇନ କାର୍ଯ୍ୟକାରୀ କରିବା କାର୍ଯ୍ୟପାଳିକା ଉପରେ ନିର୍ଭର କରୁଛି। ଏ ନେଇ କୋର୍ଟ ମାଣ୍ଡାମସ ରୁଜୁ କରିପାରିବେ ନାହିଁ।



## ଆମେରିକାରେ ଶେଷ ହେବ ସଟ୍‌ଡାଉନ୍

ୱାସିଂଟନ, ୧୦।୧୧(ଏଜେନ୍ସି): ରେକର୍ଡ ୪୦ ଦିନ ହେବ ଆମେରିକାରେ ସଟ୍‌ଡାଉନ୍ ଜାରି ରହିଥିବା ବେଳେ ଏବେ ଏହା ଶେଷ ହେବା ନେଇ ଆଶା ସଞ୍ଚାର ହୋଇଛି। ରବିବାର ଆମେରିକାର ଉପର ଗୃହ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାରିତ କରାଇବା ପ୍ରକ୍ରିୟା ଆଗକୁ ବଢ଼ିଛି। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଫଣ୍ଡିଂ ଉପଲବ୍ଧ କରାଇବ। ଏହି ବିଲ୍ ଅନୁସାରେ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକାଯିବ। ଏଥିସହ ସଟ୍‌ଡାଉନ୍ ଅବସରରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ବାକିଆ ପାଉଣା ପ୍ରଦାନ କରାଯିବ। ଏହି ବିଲ୍ ୬୦-୪୦ ଅନ୍ତରେ ପାରିତ ହୋଇଛି।

**'ଓବାମା କେୟାର' ଉପରେ ଭୋଟିଂ ପାଇଁ ଟ୍ରମ୍ପ ରାଜି**

ଏବେ ସିନେଟ ଏଥିରେ ସଂଶୋଧନ କରିବ। ଏହାପରେ ଏହି ପ୍ରସ୍ତାବ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ ଅର୍ଥାତ ନିମ୍ନ ଗୃହରେ ମଞ୍ଜୁରୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦସ୍ତଖତ ପାଇଁ ପଠାଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପାଇଁ ଏବେ ଆହୁରି କିଛି ଦିନ ଲାଗିବ। ସଟ୍‌ଡାଉନ୍ ଶେଷ କରିବା ପାଇଁ ରିପବ୍ଲିକାନ ପାର୍ଟି କେତେଜଣ ଡେମୋକ୍ରାଟ୍ ସିନେଟରଙ୍କୁ ଓବାମାକେୟାରର ସବ୍‌ସିଡ ବୃଦ୍ଧି କରିବା ପାଇଁ ଡିସେମ୍ବରରେ ଭୋଟିଂ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଇତିମଧ୍ୟରେ ସଟ୍‌ଡାଉନ୍ ଶେଷ ହେବା ଭଳି ମନେ ହେଉଥିବା ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକଙ୍କୁ କହିଛନ୍ତି। କିନ୍ତୁ ଓବାମା କେୟାର ସବ୍‌ସିଡ୍‌କୁ ହେଲଥ୍ ଇନସୁରାନ୍ସ କମ୍ପାନୀଗୁଡିକ ପାଇଁ ଲାଭଜନକ ଓ ଆମେରିକୀୟ ଲୋକଙ୍କ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ଲୋକଙ୍କ ସବ୍‌ସିଡ୍ ବଦଳରେ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ଇନସୁରାନ୍ସ କ୍ରୟ କରିବାକୁ ସୁବିଧା ଦିଆଯିବ ଆବଶ୍ୟକ। ଦୁଇ ପାର୍ଟି ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ରାଜି ଅଛି ବୋଲି ଟ୍ରମ୍ପ କହିଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ମଡେଲଙ୍କ ମୃତ୍ୟୁ




ଭୋପାଳ, ୧୦।୧୧(ଏଜେନ୍ସି): ମଧ୍ୟପ୍ରଦେଶର ସେହୋର ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ଖୁସ୍‌ବୁ ଅହିରୱାର ନାମକ ଜଣେ ୨୧ ବର୍ଷୀୟା ମଡେଲ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ସୋମବାର ସକାଳେ ପୁରୁଷ ବନ୍ଧୁ ଏହି ହସ୍ପିଟାଲରେ ଛାଡି ତାଙ୍କୁ ଚାଲିଯାଇଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ମୃତ ଅବସ୍ଥାରେ ଅଣାଯାଇଥିବା ଡାକ୍ତରମାନେ କହିଛନ୍ତି। ମୃତ ବୋଲି ଜାଣିବା ପରେ ପୁଲିସକୁ ତୁରନ୍ତ ସୂଚନା ଦିଆଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ଖୁସ୍‌ବୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭୋପାଳର ଗାନ୍ଧୀ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। 'ଝିଅକୁ ମାରି ଦିଆଯାଇଛି ଓ ଦେହସାରା ନୀଳ ଚିହ୍ନ ରହିଛି। ତାର ମୁହଁ ମଧ୍ୟ ଫୁଲି ଯାଇଛି ଓ ଗୁପ୍ତାଙ୍ଗରେ ଆଘାତ ଲାଗିଛି। ଝିଅକୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଆମେ ନ୍ୟାୟ ଚାହୁଁଛୁ। ଝିଅର ହତ୍ୟାକାରୀକୁ କଠୋର ଦଣ୍ଡ ଦିଆଯାଉ' ବୋଲି ଖୁସ୍‌ବୁଙ୍କ ମା' ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଖୁସ୍‌ବୁ ୨୭ ବର୍ଷୀୟ କାସିମଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି। ଉଜ୍ଜୈନରୁ ଭୋପାଳ ଫେରିବା ବାଟରେ ଖୁସ୍‌ବୁ ଅସୁସ୍ଥ ହୋଇପଡ଼ିଥିଲେ। କିନ୍ତୁ କାସିମ ହସ୍ପିଟାଲରେ ରହିବା ପରିବର୍ତ୍ତେ ତାଙ୍କୁ ଛାଡି ପଳାଇଥିଲେ ବୋଲି ପୁଲିସ କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁ ଦିଗରୁ ତଦନ୍ତ କରାଯିବ ବୋଲି ପୁଲିସ କହିଛି। ନ୍ୟାୟ ପାଇଁ ଖୁସ୍‌ବୁଙ୍କ ଭଉଣୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ନିବେଦନ କରିଛନ୍ତି।

## ଭୟଙ୍କର ପ୍ରଦୂଷଣ; ଦିଲ୍ଲୀ ପ୍ରଶ୍ୱାସରେ ବିଷ

ନୂଆଦିଲ୍ଲୀ, ୧୦।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଆହୁରି ଖରାପ ସ୍ତରରେ ପହଞ୍ଚିଛି। ଘନ କୁହୁଡି ଓ ତାପମାତ୍ର ହ୍ରାସ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଦିଲ୍ଲୀ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ପିଏମ୍ ୨.୫ ଓ ପିଏମ ୧୦ ଦୁଇଟିର ସ୍ତର ଅତି ଖରାପ ହୋଇଯାଇଛି। ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ଲୋକେ ବାଧ ହେଉଛନ୍ତି। ଏଥିସହ (ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ) ଜିଆରଏପି-୨ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି। ଦୀପାବଳି ପରେ ଦିଲ୍ଲୀରେ ପ୍ରଦୁଷଣ ଆହୁରି ଖରାପ ସ୍ଥିତିରେ ପହଞ୍ଚିଛି। ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆ ଗେଟ୍ ନିକଟରେ ପିଲାମାନଙ୍କ ସହ ସେମାନଙ୍କ ପିତାମାତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣକୁ ଆଣିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏମାନେ ଦାବି କରିଛନ୍ତି। ବିନା ଅନୁମତିରେ ଇଣ୍ଡିଆ ଗେଟ୍ ନିକଟରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିବାରୁ କେତେଜଣଙ୍କୁ ଅଟକ ରଖାଯାଇଛି ବୋଲି ଦିଲ୍ଲୀ ପୁଲିସ କହିଛି। କେବଳ ଜନ୍ତରମନ୍ତରରେ ଆନ୍ଦୋଳନ ତଥା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଅନୁମତି ଦିଆଯାଇଛି। ତେବେ ନିୟମ ଅନୁସାରେ ଏଥିପାଇଁ ଅନୁମତିର ଆବଶ୍ୟକତା ଅଛି ବୋଲି ପୁଲିସ କହିଛି। ସୋମବାର ସକାଳ ୭ଟାରେ ଦିଲ୍ଲୀ ଏକ୍ୟୁଆଇ ୩୫୪ ଥିଲା। ଏହା ଅତ୍ୟନ୍ତ ଖରାପ ବର୍ଗରେ ରହିଥିବା ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) କହିଛି। ଏହା ରବିବାର ୩୯୦ ଥିଲା।

ଅନ୍ୟ ସ୍ଥାନଗୁଡିକରେ ଏକ୍ୟୁଆଇ ଆହୁରି ଖରାପ ରହିଛି। ଏକ୍ୟୁଆଇ ଆନନ୍ଦ ବିହାରରେ ୩୭୯, ଦିଲ୍ଲୀ ଆଇଟିଓରେ ୩୭୬, ଚାନ୍ଦିନୀ ଚୌକରେ ୩୬୦, ଅଖଲା ଫେଜ-୨ରେ ୩୪୮, ଜବାହରଲାଲ ନେହେରୁ ଷ୍ଟାଡିୟମରେ ୩୧୬ ଓ ଇନ୍ଦିରାଗାନ୍ଧୀ ବିମାନ ବନ୍ଦର ଟର୍ମିନାଲ-୩ରେ ୩୦୫ ରହିଛି। ସେହିପରି ନୋଏଡାରେ ଏକ୍ୟୁଆଇ ୩୪୨, ସେକ୍ଟର-୧ରେ ୩୨୫ ଓ ସେକ୍ଟର ୧୧୬ରେ ୩୩୯, ଗ୍ରେଟର ନୋଏଡା ନଲେଜ ପାର୍କ-୩ ଓ ୫ରେ ଯଥାକ୍ରମେ ୩୧୬ ଓ ୩୧୪ ରହିଛି। ଅନ୍ୟପଟେ ଗୁରୁଗ୍ରାମ ସେକ୍ଟର ୫୧ରେ ଏକ୍ୟୁଆଇ ୩୨୭ ରହିଛି। ସେହିପରି ଫରିଦାବାଦ୍‌ର ନ୍ୟୁ ଇଣ୍ଡଷ୍ଟ୍ରିଆଲ ଟାଉନ୍ ଓ ସେକ୍ଟର ୧୧ରେ ଏକ୍ୟୁଆଇ ଯଥାକ୍ରମେ ୨୩୦ ଓ ୨୩୮ ରହିଛି। ରବିବାର ଦିଲ୍ଲୀ ସର୍ବାଧିକ ତାପମାତ୍ରା ୨୮.୧ ଓ ସର୍ବନିମ୍ନ ୧୧.୭ ରହିଥିଲା ଏବଂ ଏହା ସାଧାରଣ ତାପମାତ୍ରାଠାରୁ ଯଥେଷ୍ଟ କମ୍ ରହିଥିଲା।



ଭିଏନାର ସ୍ୱଚ୍ଛ ଆକାଶ (ବାମ) ଏବଂ ଦିଲ୍ଲୀର ପ୍ରଦୂଷିତ ଆକାଶ (ଡାହାଣ)ର ଦୃଶ୍ୟ। ଭିଏନାରୁ ଦିଲ୍ଲୀ ଆସିଥିବା ଏକ ବିମାନରୁ ଜଣେ ଯାତ୍ରୀ ଏହି ଫଟୋ ଉତ୍ତୋଳନ କରିଛନ୍ତି।

# ବିଜେପି ନେତାଙ୍କୁ ସାତଖୁଣ ମାଫ୍

ନୂଆପଡ଼ା/ଭୁବନେଶ୍ୱର, ୧୦।୧୧ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବାକୁ ଆଉ କେଇ ଘଣ୍ଟା ବାକି ରହିଛି। ସୋମବାରଠାରୁ ନୂଆପଡ଼ାରେ ନିରବ ଅବଧି ଆରମ୍ଭ ହେବା ସହ ବାହାର ନେତାଙ୍କୁ ଜିଲ୍ଲା ଛାଡ଼ିଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) କଡ଼ା ନିର୍ଦ୍ଦେଶ ଦେଇଛନ୍ତି; ମାତ୍ର ସ୍ଥିତି ଠିକ୍ ବିପରୀତ। ଏ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଉଭୟ ବିଜେଡି ଓ କଂଗ୍ରେସ। 'ଏକ୍ସ'ରେ ପ୍ରଶ୍ନ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ ଅଧିକାରୀ କଂଗ୍ରେସ କାର୍ଯ୍ୟାଳୟରେ ରେଡ୍ କରିପାରୁଛନ୍ତି। ହେଲେ ଏହା କ'ଣ ତାଙ୍କ ଆଖିକୁ ଦିଶୁନାହିଁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତିଙ୍କ ନେମ୍‌ପ୍ଲେଟ୍ ଲାଗିଥିବା ଗାଡ଼ିକୁ ମଧ୍ୟ ସେଠାରେ ସ୍ଥାନୀୟ ଲୋକେ ଅଟକ ରଖିବା ସହ ବିଜେପି ପକ୍ଷରୁ ସେ ଭୋଟର୍‌ଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଏହାର ଭିଡିଓ ସୋସିଆଲ୍ ମିଡିଆରେ



- ନୂଆପଡ଼ାରେ ବୁଲୁଛନ୍ତି ଗଣ୍ଡାଗଣ୍ଡା ବିଜେପି ନେତା
- ସୋସିଆଲ୍ ମିଡିଆରେ ଭାଇରାଲ ଟଙ୍କା ବଣ୍ଟା ଭିଡିଓ
- ନୂଆପଡ଼ା ଥାନା ସମ୍ମୁଖରେ ବିଜେଡି କର୍ମୀଙ୍କ ଧାରଣା
- ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠାଇଲେ ଭକ୍ତ

ସୋମବାର ବିଜେଡି ଏକାଧିକଥର ସିଇଓଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ କରିଥିବା ବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟ ଜରିଆରେ ସରକାରୀ ଦଳ ଦ୍ୱାରା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ନେଇ ଆପତ୍ତି ଉଠାଇ ଚାଲିଛନ୍ତି। ଏସବୁ ଅଭିଯୋଗ ସତ୍ତ୍ୱେ ସିଇଓଙ୍କ ପକ୍ଷରୁ ସେଭଳି କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଅଭିଯୋଗ କରି ବିଜେଡି ଓ କଂଗ୍ରେସ ଭାରତ ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ନିରବ ଅବଧି ମଧ୍ୟରେ ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି ପାଳନ ହୋଇଥାଏ। ଏହି ସମୟରେ ବାହାର ଜିଲ୍ଲାର ନେତାଙ୍କୁ ସେଠାରେ ରହଣି ଅନୁମତି ନ ଥିବା ସତ୍ତ୍ୱେ ଅତାବିରା ବିଜେପି ବିଧାୟକ ନୀହାର ମହାନନ୍ଦ ଜିଲ୍ଲାରେ ଭୋଟର୍‌ଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ ହୋଇଛି। ତାଙ୍କ ଗାଡ଼ି ନୂଆପଡ଼ାରେ ଥିବା ନେଇ ମଧ୍ୟ ଏକ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ ହୋଇଛି। ଏହାକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସ ଭାଇରାଲ୍ ହେଉଛି। ପୁନଶ୍ଚ ନୂଆପଡ଼ାରେ ବିଜେପି ନେତା ଟଙ୍କା ବାଣ୍ଟୁଥିବା, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ନିରବ ଅବଧିରେ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରି ଭୋଟ୍ ଭିକ୍ଷା କରୁଥିବା ଭିଡିଓ ଭାଇରାଲ ହୋଇଛି। ଏଭଳି ଅଭିଯୋଗ ଆସୁଥିଲେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ରାଜନୈତିକ ଦଳଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପଟେ, ସରକାରୀ ଦଳର ନେତା ଓ କର୍ମୀଙ୍କ ଏଭଳି କାଣ୍ଡକୁ ବିଜେଡି କର୍ମୀ ବିରୋଧ କରିବା ସହ ଅନେକ ସ୍ଥାନରେ ପ୍ରତିବାଦ କରିଛନ୍ତି। ନୂଆପଡ଼ା ବିଜେଡି ଜିଲ୍ଲା ସଭାପତି ଓ ବିଜେଡି ପ୍ରାର୍ଥୀ ନୂଆପଡ଼ାର ଏକ ଥାନାରେ ଆଜି ଧାରଣାରେ ମଧ୍ୟ ବସିଛନ୍ତି। ଅନ୍ୟପକ୍ଷରେ ରାଜଧାନୀରେ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ, ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରମୁଖ ଶାସକ ଦଳ ବିରୋଧରେ ଗର୍ଜିଥିବା ବେଳେ କଂଗ୍ରେସ ମଧ୍ୟ ବିଭିନ୍ନ ମାଧ୍ୟମରେ ଏଭଳି ଘଟଣାକୁ ନେଇ ଆପତ୍ତି ଉଠାଉଛି।

## ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୧୦।୧୧(ସମିସ): ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ(ଆଇଆର୍‌ସି)ର ୮୪ତମ ବାର୍ଷିକ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଚାରିଦିନ ଧରି ଜନତା ମଇଦାନରେ ଆୟୋଜିତ ଏହି ସମାବେଶରେ ଦେଶ ଓ ବିଦେଶରୁ ୨,୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଷ୍ଠାନର ଇଞ୍ଜିନିୟର, ସରକାରୀ ପଦାଧିକାରୀ ତଥା ପ୍ରତିଷ୍ଠିତ ସରକାରୀ ଅନୁଷ୍ଠାନର ରିସର୍ଚ୍ଚ ସ୍କଲାର୍‌ମାନେ ଯୋଗ ଦେଇଥିଲେ। ସମାବେଶରେ ସଡ଼କ ବ୍ୟବସ୍ଥା ଓ ଏହାର ପରିଚାଳନା ପ୍ରସଙ୍ଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ମୋଟ ୧୯ଟି ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ଭାରତର ସଡ଼କ ଭିତ୍ତିଭୂମିକୁ ମଜଭୁତ ଓ ଉନ୍ନତ କରିବାକୁ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ମଧ୍ୟରେ ମାନସ ମନ୍ଥନ ହୋଇଥିଲା। ଏହି ଅବସରରେ ବୈଷୟିକ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା।

### ଦିଲ୍ଲୀ ବିସ୍ଫୋରଣ ପରେ ସୁରକ୍ଷା କଡ଼ାକଡ଼ି

# ସାରା ରାଜ୍ୟରେ ହାଇଆଲର୍ଟ

ଭୁବନେଶ୍ୱର, ୧୦।୧୧(ସମିସ): ନୂଆଦିଲ୍ଲୀର ଲାଲକିଲାରେ କାର୍ ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ହେବା ପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଇଆଲର୍ଟ ଜାରି ହୋଇଛି। ବିଶେଷକରି, ପୁରୀ ଓ ସମ୍ବଲପୁରକୁ ହାଇଆଲର୍ଟରେ ରଖାଯାଇଛି। ପୁରୀ ଶ୍ରୀମନ୍ଦିର ସମେତ ବେଳାଭୂମି, ରେଳଷ୍ଟେସନ, ବସ୍‌ଷ୍ଟାଣ୍ଡ ଏବଂ ସମ୍ବଲପୁରରେ ମା' ସମଲେଇ ମନ୍ଦିର, ହୀରାକୁଦ ଡ୍ୟାମ୍ ସମେତ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସେହିପରି ହୋଟେଲ, ଲଜ୍‌ରେ ଯାଞ୍ଚ କରିବା ଉପରେ ମଧ୍ୟ ପୁଲିସ ଅଧିକ ଗୁରୁତ୍ୱ ଦେଇଛି। କୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେଲେ, ତୁରନ୍ତ ୧୧୨କୁ କଲ୍ କରି ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ, ବୁଲେଟ୍ ପ୍ରୁଫ୍ 'ରକ୍ଷକ' ଗାଡ଼ି ଏବେ ପୁରୀ ସହରରେ ପଇଁତରା ମାରୁଛି। ଶ୍ରୀମନ୍ଦିର ଏବଂ ବଡ଼ଦାଣ୍ଡ ଉପରେ ଏହି ଗାଡ଼ିରୁ ସଶସ୍ତ୍ର ଯବାନମାନେ ନଜର ରଖିଛନ୍ତି।

ଏହାବ୍ୟତୀତ, ରାଜଧାନୀ ଭୁବନେଶ୍ୱର ସମେତ ରାଉରକେଲା, ସୁନ୍ଦରଗଡ଼, ବ୍ରହ୍ମପୁର, ପାରାଦୀପ ଓ ଗୋପାଳପୁର ବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ତୀକ୍ଷ୍ଣ ନଜର ରଖିବାକୁ ଏସ୍‌ପିଙ୍କ ପକ୍ଷରୁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ସଂଧାରେ କମିସନରେଟ୍ ପୁଲିସ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ପୁଲିସ ଅଧିକାରୀମାନେ ସାମିଲ ହୋଇ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଗୁଇନ୍ଦା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ସହରର ପ୍ରବେଶ ପଥ, ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଚେକିଂ, ବ୍ଲକିଂ କରିବାକୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ, ଆଜି ରାତିରୁ ଭୁବନେଶ୍ୱରର ବିଭିନ୍ନ ଛକରେ ପୁଲିସ ପକ୍ଷରୁ କଡ଼ାକଡ଼ି ଚେକିଂ ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ପୁଲିସ ଚେକପୋଷ୍ଟ କରି ତନ୍ନତନ୍ନ କରି ଗାଡ଼ି ଯାଞ୍ଚ କରୁଛି। ଭୁବନେଶ୍ୱର ବିମାନବନ୍ଦର, ରେଳଷ୍ଟେସନ୍, ପ୍ରବେଶପଥ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବଢ଼ାଇ ଦିଆଯାଇଛି। ଅପରପକ୍ଷେ, ଥାନାସ୍ତରରେ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଗୋଟିଏ ହୋଟେଲରୁ ଅନ୍ୟ ହୋଟେଲକୁ ବୁଲିବୁଲି ଅତିଥିଙ୍କୁ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ରୁମ୍ ଯାଞ୍ଚ କରୁଛି।



- ବଡ଼ଦାଣ୍ଡରେ 'ରକ୍ଷକ', ବାଲିଯାତ୍ରାରେ ସୁରକ୍ଷା କଡ଼ାକଡ଼ି
- ସମଲେଶ୍ୱରୀ ମନ୍ଦିର ଓ ହୀରାକୁଦ ଡ୍ୟାମ୍‌ର ସୁରକ୍ଷା ବଢ଼ିଲା
- ରାଜଧାନୀର ବିଭିନ୍ନ ସ୍ଥାନରେ ଚେକିଂ, ବ୍ଲକିଂ ଜୋର୍‌ଦାର୍

## ଡିଜି କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

କଟକ, ୧୦।୧୧ (ସମିସ): ରାଜ୍ୟ ପୁଲିସ ମୁଖ୍ୟାଳୟରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକ ପରେ ଡିଜିପି ଶ୍ରୀ ଖୁରାନିଆ ତୁରନ୍ତ କଟକରେ ଚାଲିଥିବା ଐତିହାସିକ ବାଲିଯାତ୍ରା ଆୟୋଜନସ୍ଥଳକୁ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାକୁ ବିସ୍ତୃତ ଭାବେ ଅନୁଧ୍ୟାନ କରିଥିଲେ। ନିୟୋଜିତ ଥିବା ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହ ସେ ଆଲୋଚନା କରି ଲକ୍ଷାଧିକ ଲୋକଙ୍କ ଜନଗହଳିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାରେ ଯେଭଳି କୌଣସି ତ୍ରୁଟି ନରୁହେ, ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଡିଜିପି ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସମାଗମସ୍ଥଳ, ବଜାର, ରେଳ ଷ୍ଟେସନ, ବସ୍ ଟର୍ମିନାଲ୍ ଓ ଧାର୍ମିକ ସ୍ଥାନ ସମେତ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଇବା ସହ ସିସିଟିଭି ନିରୀକ୍ଷଣ, ବିସ୍ଫୋରକ ପଦାର୍ଥ ଚେକିଂ ଏବଂ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଗୁଇନ୍ଦା ସୂଚନା ସଂଗ୍ରହକୁ ଅଧିକ କ୍ରିୟାଶୀଳ କରିବାକୁ ସେ ପରାମର୍ଶ ଦେଇଛନ୍ତି। କୌଣସି ଅସ୍ୱାଭାବିକ ଘଟଣା ନଜରକୁ ଆସିଲେ, ତୁରନ୍ତ ୧୧୨ ନମ୍ବରରେ ମାଧ୍ୟମରେ ପୁଲିସକୁ ଜଣାଇବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଓ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

### ୧୫ ଡିଗ୍ରୀ ତଳେ ରାଜ୍ୟର ୧୬ ସହର

## ଆଜିଠୁ କଲବଲ କରିବ ଶୀତ

ଭୁବନେଶ୍ୱର, ୧୦।୧୧(ସମିସ): ରାଜ୍ୟରେ ତାପମାତ୍ରା ହ୍ରାସ ସାଙ୍ଗକୁ ଥଣ୍ଡା ବଢ଼ିବାରେ ଲାଗିଛି। କ୍ରମାଗତ ଭାବେ ରାଜ୍ୟକୁ ଥଣ୍ଡା ଓ ଶୁଷ୍କ ବାୟୁର ପ୍ରବାହ ହେତୁ ତାପମାତ୍ରା କମି ଚାଲିଛି। ଫଳରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଲହରୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ୧୧ ଓ ୧୨ ତାରିଖ ପାଇଁ ୫ଟି ଜିଲ୍ଲାରେ ଶୀତ ଲହରୀ ଜନିତ ୟେଲୋୱାର୍ଣ୍ଣିଂ ଜାରି କରିଛି। ଅନ୍ୟପଟେ, ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଛି। ଏହାସହ ପ୍ରଥମଥର ପାଇଁ ଚଳିତ ରାଜ୍ୟରେ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଥିବା ବେଳେ ରାଜ୍ୟର ୧୬ଟି ସହରରେ ତାପମାତ୍ରା ୧୫ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୮.୪ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଥିବା ବେଳେ ଦାରିଙ୍ଗବାଡ଼ି ୧୦, ଫୁଲବାଣୀ ୧୧, ଝାରସୁଗୁଡ଼ା ୧୧.୬,

- ଜି.ଉଦୟଗିରିରେ ୮.୪ ଡିଗ୍ରୀକୁ ଖସିଲା ପାରଦ
- ଦାରିଙ୍ଗବାଡ଼ିରେ ୧୦ ଡିଗ୍ରୀ, ଫୁଲବାଣୀ ୧୧, ଝାରସୁଗୁଡ଼ା ୧୧.୬

କିରେଇରେ ୧୨, ସେମିଳିଗୁଡ଼ା ୧୨.୫, ରାଉରକେଲା ୧୨.୫ ଓ ଅନୁଗୁଳରେ ତାପମାତ୍ରା ୧୨.୬ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଚଳିତବର୍ଷ ପ୍ରଥମଥର ପାଇଁ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ତାପମାତ୍ରା ୧୫ଡିଗ୍ରୀ ତଳକୁ ଖସିଛି। ରାଜଧାନୀରେ ରାତିର ତାପମାତ୍ରା ୧୪.୮ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରାରେ ଆହୁରି ୨.୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୪ ଡିଗ୍ରୀ କମ୍ ରହିବା ସହ କିଛି କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ପାଇଁ ଅନୁଗୁଳ, ଝାରସୁଗୁଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ କେନ୍ଦ୍ର କହିଛି। ଏଥିପାଇଁ ଏହି ୫ ଜିଲ୍ଲାକୁ ୨ ଦିନ ଯାଏଁ ୟେଲୋ ଆଲର୍ଟ ଜାରି କରାଯାଇଛି।

## ଭେଣ୍ଟିଲେଟରରୁ ବାହାରିଲେ ଅଭିଜତ୍

ଭୁବନେଶ୍ୱର, ୧୦।୧୧(ସମିସ): ଓଲିଉଡ୍‌ର ବିଶିଷ୍ଟ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କୁ ସୋମବାର ଭେଣ୍ଟିଲେଟର୍‌ରୁ ବାହାର କରାଯାଇଛି। ତାଙ୍କୁ ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏମସ୍ ପକ୍ଷରୁ ସୂଚନା ଦିଆଯାଇଛି।



### ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର

ସୂଚନାନୁସାରେ, ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ଅଭିଜିତ୍‌ଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ୪ ତାରିଖରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାରରେ ରଖାଯାଇ ଚିକିତ୍ସା ଆରମ୍ଭ କରିଥିବା ବେଳେ ପରେ ତାଙ୍କୁ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ରେନ୍‌ରେ ସୋଡିୟମ୍ କମୁଥିବା ବେଳେ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା ଡାକ୍ତର ସୂଚନା ଦେଇଥିଲେ। ଅକ୍ଟୋବର ୨୩ରେ ତାଙ୍କର ଏମଆରଆଇ ବ୍ରେନ୍ ସ୍କାନ କରାଯାଇଥିବା ବେଳେ ରିପୋର୍ଟରେ ମଧ୍ୟ କୌଣସି ସୁଧାର ଦେଖାଯାଇନଥିବା ଏମସ୍ ପକ୍ଷରୁ ସୂଚନା ଦିଆଯାଇଥିଲା।

### ପୋଷ୍ୟ ଓଡ଼ିଆ ଝିଅକୁ ଆମେରିକୀୟ ଦମ୍ପତିଙ୍କ ନିର୍ଯାତନା

## ଉଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ବନ୍ଧୁ

ବାଲେଶ୍ୱର, ୧୦।୧୧ (ସମିସ): ପୋଷ୍ୟ ଓଡ଼ିଆ ଝିଅ ପୂଜାକୁ ଆମେରିକୀୟ ଦମ୍ପତିଙ୍କ ଅକଥନୀୟ ନିର୍ଯାତନା ଘଟଣାରେ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂଜାଙ୍କ ଜଣେ ବନ୍ଧୁ ଅମର ଦାସ। ପୂଜାଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାକୁ ସେ ଗୁହାରି କରିଛନ୍ତି।



ଅମରଙ୍କ କହିବା ଅନୁସାରେ, ଦୁହେଁ ସାଙ୍ଗ ହୋଇ ସ୍କୁଲରେ ପଢୁଥିଲେ। ୨୦୨୩ ମସିହାରେ ଇନଷ୍ଟାଗ୍ରାମରେ ପୂଜା ତାଙ୍କ ସହ ଯୋଗାଯୋଗ କରିଥିଲେ। ପୂଜାଙ୍କ ପାଖରେ ମୋବାଇଲ ନ ଥିବାରୁ ସେ ତାଙ୍କ ଘରେ ଥିବା କମ୍ପ୍ୟୁଟର୍‌ରୁ ସୋସିଆଲ ମିଡିଆ ମାଧ୍ୟମରେ ଯୋଗାଯୋଗ କରନ୍ତି। ତେବେ ସେଠାରେ ତାଙ୍କର ପାଳିତ ମା' ସୁସେନ ଏବେ ତାଙ୍କୁ ନିର୍ଯାତନା ଦେଉଛନ୍ତି ଏବଂ ସେ ଓଡ଼ିଶା ଫେରିବାକୁ ଚାହୁଁଥିବା ଅମରଙ୍କୁ କହିଛନ୍ତି। ଅମର ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୂଜାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ଗୁହାରି କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଏହି ଘଟଣାକୁ ନେଇ ସରକାରଙ୍କୁ ଜଣାଇବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଭୁବନେଶ୍ୱରର କୋଳଥିଆ ଅଞ୍ଚଳର ପୂଜା ନହରକଣ୍ଟାରେ ଥିବା ଏକ କନ୍ୟାଶ୍ରମରେ ରହୁଥିଲେ। ୨୦୧୮ ମସିହାରେ ଆମେରିକାର ଏକ ଦମ୍ପତି ପୂଜାଙ୍କୁ ପୋଷ୍ୟକନ୍ୟା ଭାବେ ସାଥିରେ ନେଇଯାଇଥିଲେ।

# ଭୁବନେଶ୍ୱରରେ ହେବ 'ଫିଲ୍ମ ଆର୍କାଇଭସ୍'

ଭୁବନେଶ୍ୱର,୧୦।୧୧(ସମିସ): ପୁଣିଥରେ ପୁରୁଣା ଓଡ଼ିଆ ସିନେମା ଦେଖିବାକୁ ପାଇବେ ଦର୍ଶକ। ନଷ୍ଟ ହୋଇଯାଇଥିବା ବହୁ ବର୍ଷର ସିନେମାଗୁଡ଼ିକ ପୁନଃସ୍ଥାପନ କରାଯିବ। ଓଡ଼ିଆ ସିନେମାର ଅନେକ ଚିର ସବୁଜ ସ୍ମୃତିକୁ ସାଇତି ରଖାଯିବାକୁ ପୁରୁଣା ଫିଲ୍ମ ଗୁଡ଼ିକର ରିଷ୍ଟୋରେସନ୍ ଏବଂ ପ୍ରିଜର୍ଭେସନ୍ ପାଇଁ ରାଜ୍ୟରେ ପ୍ରତିଷ୍ଠା ହେବ ଫିଲ୍ମ ଆରକାଇଭସ୍ ବା ଅଭିଲେଖାଗାର। ଏଥିପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍, ଟାଟା ଟ୍ରଷ୍ଟ ଏବଂ ଇଣ୍ଟରନେସନାଲ ଫେଡେରେସନ ଅଫ ଫିଲ୍ମ ଆର୍କାଇଭ ସହ ଓଡିଶା ସରକାରଙ୍କର ସହ ଆସନ୍ତା ୧୯ ତାରିଖରେ ଏକ ବୁଝାମଣା ହେବ। ଏହି ଐତିହାସିକ ଚୁକ୍ତି ଦ୍ୱାରା ଓଡିଶା ସଂସ୍କୃତିର ଦର୍ପଣ ସାଜିଥିବା ଓଡ଼ିଆ ସିନେମାର ଅନେକ ଚିରସବୁଜ ସିନେମାର ଇତିହାସକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିହେବ। ଓଡ଼ିଆ ଚଳଚିତ୍ର ଜଗତର ସ୍ୱର୍ଣ୍ଣିମ ଇତିହାସକୁ ପୁନର୍ଜୀବିତ କରିବା ପାଇଁ ଚଳିତ ମାସ ୧୨ ରୁ ୧୯ ତାରିଖ ଯାଏ ଅନୁଷ୍ଠିତ ହେବ 'ଫିଲ୍ମ ପ୍ରିଜର୍ଭସନ ଆଣ୍ଡ ରେଷ୍ଟୋରେସନ ୱାର୍କସପ ଇଣ୍ଡିଆ ୨୦୨୫'। ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ବିଭାଗ, ବୟନ ଓ ହସ୍ତତନ୍ତ ବିଭାଗ ସହଯୋଗରେ ପ୍ରଥମ ପାଇଁ ଭାରତୀୟ ଚଳଚିତ୍ର ଐତିହ୍ୟ ସଂରକ୍ଷଣର ଏହି କର୍ମଶାଳା ଓଡ଼ିଶାରେ ଆୟୋଜିତ ହେବ।



ପୋଖରୀପୁଟସ୍ଥିତ କ୍ରାଫ୍ଟ ମ୍ୟୁଜିୟମ୍ କଳାଭୂମିଠାରେ ଏହି ଅନ୍ତର୍ଜାତୀୟ କର୍ମଶାଳାରେ ଦାଦା ସାହେବ ଫାଲକେ ପୁରସ୍କାର ବିଜେୟିନୀ ବିଶିଷ୍ଟ ଅଭିନେତ୍ରୀ ୱାହିଦା ରେହମାନ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ସେହିପରି ବରିଷ୍ଠ ବଲିଉଡ୍ ଅଭିନେତା ତଥା ଫିଲ୍ମ ହେରିଟେଜ ଫାଉଣ୍ଡେସନର ବ୍ରାଣ୍ଡ ଆମ୍ବାସଡର ଅମିତାଭ ବଚ୍ଚନ ଭିଡିଓ କନଫରେନସିଂ ମାଧ୍ୟମରେ ଉପସ୍ଥିତ ରହିବେ। କର୍ମଶାଳାରେ ବିଭିନ୍ନ ଦେଶର ଫିଲ୍ମ ଏକ୍ସପର୍ଟ, ଟେକ୍ନିସିଆନ୍ସ, ରେଷ୍ଟୋରେଟରମାନେ ଅଂଶଗ୍ରହଣ କରି ନଷ୍ଟ ହୋଇଯାଇଥିବା ସାଉଣ୍ଡ, ଫଟୋ, ରିଲ୍ସ ଆଦିରୁ ପୁଣିଥରେ କିପରି ସିନେମାକୁ ସଂରକ୍ଷଣ କରାଯିବ ସେ ସଂକ୍ରାନ୍ତରେ ପ୍ରଶିକ୍ଷଣ ଦେବେ। ଏହି ଅବସରରେ ଓଡ଼ିଆ ସିନେମା ବିକାଶ ଦିଗରେ କାର୍ଯ୍ୟକରୁଥିବା ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟଦେଓଙ୍କୁ 'ଚମ୍ପିଆନ୍ସ ଅଫ ଫିଲ୍ମ ହେରିଟେଜ ସମ୍ମାନ'ରେ ସମ୍ମାନିତ କରାଯିବ। ପୁନଃସ୍ଥାପିତ ହୋଇଥିବା ନିରୋଦ ମହାପାତ୍ରଙ୍କର 'ମାୟା ମିରିଗ' (୧୯୮୪ ) ଓ ଘନଶ୍ୟାମ ମହାପାତ୍ରଙ୍କର 'କନକଲତା'(୧୯୭୪) ସିନେମା ନଭେମ୍ବର ୧୩ ଓ ୧୭ ତାରିଖ ସନ୍ଧ୍ୟା ୬ଟା୩୦ରେ ସ୍ଥାନୀୟ କେଶରୀ ହଲରେ ପ୍ରଦର୍ଶିତ କରାଯିବ। ଦର୍ଶକମାନେ ଏହି ଫିଲ୍ମକୁ ନିଃଶୁଳ୍କ ଦେଖିପାରିବେ।

- ଆସିବେ ୱାହିଦା ରହେମାନ, ଆଭାସୀରେ ଯୋଗ ଦେବେ ଅମିତାଭ୍
- ପୁରୁଣା ସିନେମାର ସଂରକ୍ଷଣ ପାଇଁ ପ୍ରଥମ ଥର ଅନ୍ତର୍ଜାତୀୟ କର୍ମଶାଳା

### ନବୋଦୟ ବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ରାଜପଥରେ ୮ କିମି ଚାଲିଲେ

କୋରାପୁଟ, ୧୦।୧୧ (ସମିସ): ସ୍କୁଲର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ଜାତୀୟ ରାଜପଥରେ ବିପଜ୍ଜନକ ଭାବେ ୮ କିମି ଚାଲିଲେ ଛାତ୍ରଛାତ୍ରୀ। କୋରାପୁଟ ସହର ଉପକଣ୍ଠ ଲାଣ୍ଡିଗୁଡ଼ାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଏହି ଘଟଣା ଆଜି ଅଭିଭାବକମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।



ସୂଚନାନୁଯାୟୀ, ଦଶମ ପରୀକ୍ଷା ପାଖେଇ ଆସୁଥିବା ବେଳେ ସ୍କୁଲର ବିଭିନ୍ନ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀମାନେ ଠିକ୍ ଭାବେ ପାଠ ପଢ଼ିପାରୁନାହାନ୍ତି। ବିଶେଷକରି ଇତିହାସ ଶିକ୍ଷକଙ୍କ ପାଠପଢ଼ାକୁ ନେଇ ଛାତ୍ରଛାତ୍ରୀମାନଙ୍କ ଭିତରେ ପ୍ରବଳ ଅସନ୍ତୋଷ ରହିଛି। ଏ ସଂପର୍କରେ ସେମାନେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ସ୍କୁଲ କର୍ତ୍ତୃପକ୍ଷ ଶୁଣି ନଥିଲେ। ତେଣୁ ଆଜି ଛାତ୍ରଛାତ୍ରୀମାନେ ଏକାଠି ହୋଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବାକୁ ବାହାରିଥିଲେ। ସକାଳୁ ସେମାନେ ୨୬ ନମ୍ବର ଜାତୀୟ ରାଜପଥରେ ଚାଲିଚାଲି ଜିଲ୍ଲାପାଳଙ୍କ ଅଫିସ୍‌କୁ ଯାଇଥିଲେ। ଖବର ପାଇ କୋରାପୁଟ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ଅତିରିକ୍ତ ଶିକ୍ଷା ଅଧିକାରୀ ଓ ପୁଲିସ ସେମାନଙ୍କୁ ଅଧାବାଟରୁ ବୁଝାସୁଝା କରିଥିଲା। କିନ୍ତୁ ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେମାନେ ଚାଲିଚାଲି ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚି ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ହେଲା, ଦଶମ ଶ୍ରେଣୀ ପରୀକ୍ଷା ପାଖେଇ ଆସୁଥିବା ବେଳେ ଠିକାରେ ଥିବା ଇତିହାସ ଶିକ୍ଷକ ଏପର୍ଯ୍ୟନ୍ତ ପାଠ୍ୟକ୍ରମ ସାରିନାହାନ୍ତି। ସେ ଠିକ୍ ଭାବେ ପାଠ ପଢ଼ାଉନାହାନ୍ତି। ପ୍ରଶ୍ନ କଲେ ଛାତ୍ରଛାତ୍ରୀଙ୍କୁ ଗାଲିଗୁଲଜ କରିବା ସହ ଉଚ୍ଚ ସ୍ୱରରେ ତାଗିଦ୍ କରୁଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏ ବାବଦରେ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ ସେମାନେ କିଛି ଶୁଣୁନାହାନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଶୁଣିଥିଲେ। ପରେ ଜିଲ୍ଲାପାଳ ସ୍କୁଲରେ ପହଞ୍ଚି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀମାନେ ଶାନ୍ତ ପଡ଼ିଥିଲେ।

### ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ନେଇ ଜିଲ୍ଲାପାଳଙ୍କୁ ଗୁହାରି

# ମାଓ ଅଞ୍ଚଳକୁ ହେଲିକପ୍ଟରରେ ଗଲେ ପୋଲିଂ ଦଳ

ନୂଆପଡ଼ା,୧୦।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍ ଗ୍ରହଣ ହେବ। ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ମତଦାନ ହେବାକୁ ଥିବା ବେଳେ ଏଥିରୁ ୪୭ଟି ମାଓ-ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି। ତନ୍ମଧ୍ୟରୁ ୮ଟି



ବୁଥ ଦୁର୍ଗମ ଅଞ୍ଚଳରେ ଥିବାରୁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି।

ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ଷ୍ଟେସନରେ ପୋଲିଂ ଟିମ ନିଜ ନିଜ ସ୍ଥାନରେ ପହଞ୍ଚି ସାରିଛନ୍ତି। ମତଦାନ ପ୍ରକ୍ରିୟାକୁ ସୁରୁଖୁରରେ ସମ୍ପନ୍ନ କରିବା ପାଇଁ ୧୫୮୪ଜଣ ପୋଲିଂ କର୍ମଚାରୀ ନିୟୋଜିତ ଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୨୩୧ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

ନୂଆପଡ଼ା ଜିଲ୍ଲାର ଦୁଇଟି ବ୍ଲକ ନୂଆପଡ଼ା ଏବଂ

### ୧୫୮୪ ପୋଲିଂ କର୍ମଚାରୀ, ୧୨୩୧ ପୁଲିସ ନିୟୋଜିତ

କୋମନା, ଦୁଇଟି ଏନ୍‌ଏସି ଖରିଆରରୋଡ ଏବଂ ନୂଆପଡାରେ ଭୋଟ ଗ୍ରହଣ ହେବ। ଏଥିରେ ମୋଟ ୨ଲକ୍ଷ ୫୪ହଜାର ଭୋଟର ମତଦାନ କରିବେ। ଏଥିରେ ୧ଲକ୍ଷ ୨୪ହଜାର ୫୪୪ଜଣ ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗୀ ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି।





### ଷଷ୍ଠ ଦିନରେ ଐତିହାସିକ ବାଲିଯାତ୍ରା

# ଖାଇଲେ କମ୍; କିଣିଲେ ଅଧିକ













**କଟକ, ୧୦।୧୧(ସମିସ)**

ଐତିହାସିକ ବାଲିଯାତ୍ରାର ଆଜି ଥିଲା ଷଷ୍ଠ ଦିନ। ସୋମବାର ଥିବା ଦର୍ଶକମାନେ ଖାଇବା ଉପରେ ଏତେ ବେଶି ଧ୍ୟାନ ଦେଇନଥିଲେ। କିଣାବିକା ଜୋରଦାର୍ ହୋଇଥିଲା। ଯଦିଓ ଗତକାଲି ଭଳି ଭିଡ଼ ସମାଗମ ହୋଇନଥିଲା ତଥାପି ୮ ଲକ୍ଷରୁ ଅଧିକ ଦର୍ଶକ ପଡ଼ିଆରେ ଯାତ୍ରା ଉପଭୋଗ କରୁଥିଲେ। ଯାତ୍ରା ପଡ଼ିଆରେ ମଧ୍ୟାହ୍ନ ସମୟରୁ ଲୋକଙ୍କ ଭିଡ଼ ବେଶ ଜମିଥିବା ଦେଖିବାକୁ ମିଳିଥିଲା। ଘର କରଣା ଓ ହସ୍ତତନ୍ତ ସାମଗ୍ରୀ କିଣିବାକୁ ଲୋକ ଆଗ୍ରହ ଥିବାବେଳେ 'ଓରମାସ' ପରିସର ଲୋକାରଣ୍ୟ ହୋଇ ଉଠିଥିଲା। ଏହାସହ ସନ୍ଧ୍ୟା ବେଳକୁ ମଧ୍ୟ ଭିଡ଼ ବଢ଼ି ବଢ଼ି ଯାଇଥିଲା। ଓରମାସରେ ହାତବୁଣା ଶାଢ଼ୀ, ଡ୍ରେସ କପଡ଼ା, ଘର କରଣା ଜିନିଷର ଅଧିକ ଡିମାଣ୍ଡ ରହିଛି। ସେହିପରି ସୋମବାର ଥିବାରୁ ଆମିଷ ଖାଦ୍ୟର ଡିମାଣ୍ଡ ଯେତିକି ନଥିଲା ସେତିକି ଦହିବରା ଆଳୁଦମ, ଚାଟ୍, ଗୁପଚୁପ ଓ ରାଜସ୍ଥାନୀ ଖାଦ୍ୟର ମଜା ଉଠାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଲେଜର୍ ଲାଇଟ ସୋ ବାଲିଯାତ୍ରାର ଷଷ୍ଠଦିନର ପ୍ରମୁଖ ଆକର୍ଷଣ ଥିଲା। ମହାନଦୀର ଜଳରାଶିରେ ପ୍ରାୟ ୨୦ମିନିଟ ସମୟରେ ଧରି ଏହି ସୋ' କରାଯାଇଥିଲା। ଲେଜର ଲାଇଟ୍ ସୋ'ରେ ମହାନଦୀର ଜଳରେ ଫୁଆର ସୃଷ୍ଟି କରାଯାଇ ସେଥିରେ ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ପ୍ରଦର୍ଶନ କରାଯାଇଥିଲା। ଜାତୀୟ ଫୁଲ, ପତାକା, ନୌବାଣିଜ୍ୟ ଗାଥା ସହ ତଅପୋଇ ଗୀତ ଠାରୁ ଆରମ୍ଭ କରି ମହାନଦୀରେ ବୋଇତ ବନ୍ଦାଣ ଆଦି ବିଭିନ୍ନ କଳାକୃତି ଏଥିରେ ପ୍ରଦର୍ଶିତ କରାଯାଇଥିଲା। ଏହି ଲେଜର ଲାଇଟ ସୋକୁ ଦେଖିବାକୁ ମହାନଦୀ କୂଳରେ ଲୋକଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। ଅନ୍ୟପଟେ ଓରମାସ୍‌ରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ ହୋଇଥିବା ଗୋବରରେ ତିଆରି ବିଭିନ ସାମଗ୍ରୀର ଡିମାଣ୍ଡ ଦେଖିବାକୁ ମିଳିଥିଲା। ଏହାକୁ କଟକ କଲ୍ୟାଣନଗର ଅଞ୍ଚଳରେ ଥିବା ରୁଦ୍ରାଣି ଏସଏସଜି ଗ୍ରୁପ ପକ୍ଷରୁ ୧୦ଜଣ ସଦସ୍ୟ ମାନେ ତିଆରି କରିଛନ୍ତି। ଗାଈ ଗୋବରରେ ତିଆରି ଚପଲ, କଠଉ, ମଧୁମେହ ଓ ରକ୍ତଚାପ ରୋଗୀଙ୍କ ପାଇଁ ଆକ୍ୟୁପ୍ରେସର, ଦୀପ, ଡୋର ୱାଲ, ବସ୍ତୁ ସାମଗ୍ରୀ, ଘଣ୍ଟା, ମୋବାଇଲ ଷ୍ଟାଣ୍ଡ, ଓମ, ସ୍ୱସ୍ତିକ ଭଳି ବିଭିନ୍ନ ଭେରାଇଟିର ସୋ ପିସ ଆଦି ରହିଛି। ଏହି ସବୁର ଦର ୫୦ ଟଙ୍କାରୁ ଆରମ୍ଭ ହୋଇ ୧୫୦୦ ଟଙ୍କା ଯାଏ ରହିଛି। ତେବେ ବାଲିଯାତ୍ରାକୁ କିଛିବର୍ଷ ହେବ ବେପାର ପାଇଁ ଆସୁଥିବାବେଳେ ଚଳିତବର୍ଷ ଏହି ସାମଗ୍ରୀର ଡିମାଣ୍ଡ ରହିଛି ଏବଂ ଖୁବ ଭଲ ବେପାର ହେବ ବୋଲି ବ୍ୟବସାୟୀ ମାନେ ଆଶା ରଖିଛନ୍ତି।

ଅନ୍ୟପଟେ ଯାତ୍ରା ପଡ଼ିଆରେ ମହିଳା, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ହଜିଯାଇଥିବା ଜିନିଷପତ୍ରକୁ ଠାବ କରିବା ଲାଗି ୪ଟି ସ୍ୱତନ୍ତ୍ର ଦଳ ନାକେଦମ ହୋଇଥିଲେ। ଆଜି ଗହଳି ଥିବାରୁ ଭିଡ଼ ଭିତରେ ଅପରାଧ ଭିଆଇବାକୁ ମସୁଧା କରୁଥିବା ଅପରାଧୀଙ୍କ ଉପରେ ସ୍ୱତନ ନଜର ରଖାଯାଇଥିଲା। ଚୋରି ଓ ଛିନତାଇ ଅଭିଯୋଗରେ ୩୦ ଜଣ ବଞ୍ଚାରା ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖିଥିଲା। ଅନ୍ୟପଟେ ପ୍ରତି 'ରୋ'ରେ ସାଦାପୋଷାକଧାରୀ ପୁଲିସ ଏହି ଅଭିଯୁକ୍ତଙ୍କୁ ଧରିଥିଲେ। ବାଲିଯାତ୍ରାରେ ଲୋକଙ୍କର ବେଶ ଘର କରଣା ସମଗ୍ରୀ କିଣିବାକୁ ଓରମାସ ପରିସରରେ ଭିଡ଼ ଜମିଥିଲା। ଏହାସହ ବ୍ରହ୍ମପୁର ଆଚାର, ପାମ୍ପଡ କିଣିବାକୁ ଲୋକ ବେଶ ଆଗ୍ରହ ଥିବା ଦେଖିବାକୁ ମିଳିଥିଲା। ସେହିପରି ପଡ଼ିଆରେ ଖାସ କରି ଛୋଟ ପିଲା ଓ ଯୁବପିଢ଼ୀ ଦୋଳି କାଉଣ୍ଟର ପାଖରେ ବେଶ ଭିଡ଼ ଜମାଇ ଦୋଳି'ର ମଜା ନେଇଥିଲେ। ପଡ଼ିଆରେ ନିରାମିଷ ଖାଦ୍ୟ ମଧ୍ୟରେ ଦହିବରା ଆଳୁଦମ, ଚାଟ, ମୋମୋ, ଠୁଙ୍କାପୁରୀ, ଲଙ୍କାଚପ ଇତ୍ୟାଦି ଖାଦ୍ୟ ଷ୍ଟଲ ଗୁଡିକରେ ଲୋକ ଭିଡ଼ ଜମାଇ ଖାଇବାର ମଜା ନେଉଥିବା ଦେଖିବାକୁ ମିଳିଥିଲା।













## ଗୌରମୋହନ ଓ ପ୍ରେମଲତାଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ, ୧୦।୧୧(ସମିସ):** ଅବସରପ୍ରାପ୍ତ ପ୍ରଶାସକ ତଥା ଜଣାଶୁଣା ସ୍ତମ୍ଭକାର, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଗୌରମୋହନ ଷଡଙ୍ଗୀ ଓ ତାଙ୍କ ସହଧର୍ମିଣୀ ପ୍ରେମଲତା ଷଡଙ୍ଗୀଙ୍କ ପ୍ରୟାଗରାଜରେ ଅସ୍ଥି ବିସର୍ଜନ କ୍ରିୟା ସମ୍ପନ୍ନ ଅବସରରେ ଟାଙ୍ଗୀସ୍ଥିତ ବାସଭବନରେ ସୋମବାର ବିଶେଷ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ୟେଷ୍ଠପୁତ୍ର ଭାରତୀୟ ବନସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ ଷଡଙ୍ଗୀ ଶ୍ରାଦ୍ଧ କର୍ମ ସମ୍ପାଦନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱର୍ଗତ ଗୌରମୋହନ ଓ ପ୍ରେମଲତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ ଷଡଙ୍ଗୀ, ପ୍ରବୁଦ୍ଧ ଷଡଙ୍ଗୀ, ବୈକୁଣ୍ଠ ମିଶ୍ର, ଜୟନ୍ତୀ ମିଶ୍ର, ଶର୍ମିଷ୍ଠା ହୋତା, ପୁଷ୍ପଲତା ଷଡଙ୍ଗୀ, ଦେବସ୍ମିତା ଷଡଙ୍ଗୀ, ବିବେକ ଜୈନଙ୍କ ସମେତ ପରିବାରର ସଦସ୍ୟ ଏବଂ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ 'କ୍ଲବ ଟିଭି-୭୪' ପକ୍ଷରୁ ଜଗବନ୍ଧୁ ସାହୁ, ରମେଶ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ କୋଟେଶ୍ୱର ମନ୍ଦିରରେ ପଂକ୍ତିଭୋଜନ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ମୁରବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗଦେଇଥିଲେ।

### ବାଲିଯାତ୍ରା ପରିମଳ ବ୍ୟବସ୍ଥାରେ ସିଏମ୍‌ସିର ନୂଆ ପଦକ୍ଷେପ

## 'ବାର୍‌କୋଡ୍ ମୂଲ୍ୟାଙ୍କନ' ଓ 'ପ୍ଲାଷ୍ଟିକ୍ ମୁକ୍ତ' ଅଭିଯାନ ଆରମ୍ଭ



**କଟକ, ୧୦।୧୧(ସମିସ):** କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ବାଲିଯାତ୍ରାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା ଆଜି ଏହି ସୂଚନା ଦେଇଛନ୍ତି। ମୁଖ୍ୟ ପଦକ୍ଷେପଗୁଡ଼ିକ ବାର୍‌କୋଡ୍ ଆଧାରିତ ମୂଲ୍ୟାଙ୍କନ: ପ୍ରତ୍ୟେକ ଷ୍ଟଲ୍‌କୁ ଏକ ବାର୍‌କୋଡ୍ ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ଦଳ ବାର୍‌କୋଡ୍ ସାହାଯ୍ୟରେ ବ୍ୟବସାୟ ସମୟରେ ପରିମଳ ଯାଞ୍ଚ କରିବ ଏବଂ ଶ୍ରେଷ୍ଠ ଷ୍ଟଲ୍‌କୁ 'ସ୍ୱଚ୍ଛ ଚାମ୍ପିଅନ୍' ଭାବେ ପୁରସ୍କୃତ କରାଯିବ। ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଅନ୍ତର୍ଗତ ସିଏମସି ଓ କୋକାକୋଲା କମ୍ପାନୀର ମିଳିତ ଉଦ୍ୟମରେ 'ପ୍ଲାଷ୍ଟିକ ଦିଅନ୍ତୁ, ବ୍ୟାଗ୍ ନିଅନ୍ତୁ' ଅଭିଯାନ ଆରମ୍ଭ ହୋଇଛି, ଯାହାଦ୍ୱାରା ପଡ଼ିଆକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। କମିଶନର କହିଛନ୍ତି ଯେ, ଅଯଥା ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ପ୍ରବର୍ତ୍ତନ ଦଳ ଗଠନ କରାଯାଇଛି ଏବଂ ନିୟମ ଉଲ୍ଲଙ୍ଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



### ଫୁଟପାଥ୍ ଶିଶୁଙ୍କ ପାଇଁ ଶିକ୍ଷାର ଆଲୋକ

## ବାଲିଯାତ୍ରାରେ 'ଆସ ସ୍କୁଲ୍ ଯିବା' ଶିବିର ଆରମ୍ଭ

**କଟକ, ୧୦।୧୧(ସମିସ):** ବାଲିଯାତ୍ରା ପଡ଼ିଆରେ କଟକ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଶିବିର ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଆଧାର କରି ଫୁଟ୍‌ପାଥ୍‌ରେ ବସବାସ କରୁଥିବା ୫୦ରୁ ଉର୍ଦ୍ଧ୍ୱ ବଞ୍ଜାରା ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ। 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିରରେ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ସହ ସାହିତ୍ୟ, ସୃଜନୀ, ଚିତ୍ରାଙ୍କନ ଓ ନାଚଗୀତ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧ ଏହି ଶିବିରକୁ ଉଦ୍‌ଘାଟନ କରିଛନ୍ତି। ଏହି ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ, ପୋଷାକ ଓ ସମସ୍ତ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏବଂ ସମଗ୍ର ଶିକ୍ଷାର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସମାଜର ମୁଖ୍ୟ ସ୍ରୋତରୁ ବିଚ୍ଛିନ୍ନ ଥିବା ପିଲାମାନଙ୍କୁ ଶିକ୍ଷା ଦେବାର ଏହି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

**ବାଘୁଣୀ 'ଜିନତ୍' ଗର୍ଭଧାରଣକୁ ନେଇ ଦ୍ୱନ୍ଦ୍ୱ**

# ୨୦୦ ଦିନ ହେଲା କୋଳ ଖାଲି

ବାରିପଦା, ୧୦।୧୧ (ମନୋଜ ପଣ୍ଡା): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ସହ ଏଠାକାର କଳାବାଘଙ୍କ ଜେନେଟିକ୍ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନ୍‌ର ସଫଳତା ଘୁଞ୍ଚିଘୁଞ୍ଚି ଯାଉଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଆସିଥିବା ୩ ବର୍ଷୀୟ ବାଘୁଣୀ ଜିନତ୍ ମା' ହେବାକୁ ଯାଉଛି ବୋଲି ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ପ୍ରେମ କୁମାର ଝା ଜୁଲାଇ ପହିଲାରେ କହିଥିଲେ। ହେଲେ ଧାର୍ଯ୍ୟ ସମୟକୁ ୨ ମାସ ବିତିବା ପରେ ମଧ୍ୟ ଜିନତ ଶାବକ ଜନ୍ମ ଦେବା ନେଇ କୌଣସି ସୂଚନା ନାହିଁ। ଏନେଇ ଶିମିଳିପାଳ କର୍ତ୍ତୃପକ୍ଷ ମଧ୍ୟ ନିରବ।

ପ୍ରକାଶ ଥାଉକି, ଶିମିଳିପାଳରେ କଳାରଙ୍ଗର ବାଘ(ମେଲାନିଷ୍ଟିକ୍ ଟାଇଗର୍) ଦେଖାଯିବା ଯଦିଓ ବିରଳ, କିନ୍ତୁ ଏହା ଏକ ଜିନ୍‌ଗତ ବିକୃତି ବୋଲି ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର୍ ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗ ସୂଚନା ଦେଇଥିଲା। ଏହାକୁ ରୋକିବା ପାଇଁ ଅନ୍ୟ ରାଜ୍ୟରୁ ମାଈ ବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ଶିମିଳିପାଳର ଆଗାମୀ ପିଢ଼ିର ବାଘଙ୍କ ଜିନ୍‌ରେ ପରିବର୍ତ୍ତନ ଘଟିବ ଏବଂ ଧୀରେଧୀରେ ଏହି ବିକୃତି ନିୟନ୍ତ୍ରଣକୁ ଆସିପାରିବ ବୋଲି କୁହାଯାଇଥିଲା।



ତଦନୁସାରେ ନ୍ୟାସନାଲ ଟାଇଗର କଞ୍ଜର୍ଭେସନ ଅଥରିଟି (ଏନଟିସିଏ) ପକ୍ଷରୁ ଦୁଇଟି ବାଘୁଣୀ ଆଣିବାକୁ ସ୍ଥିର କରାଯାଇଥିଲା। ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୨ ବାଘୁଣୀ ଯମୁନା ଓ ଜିନତକୁ ଶିମିଳିପାଳ ଅଣାଯାଇଥିଲା। ଗତ ଜୁଲାଇରେ ଜିନତ୍ ମା' ହେବ ବୋଲି ପିସିସିଏଫ୍ ଶ୍ରୀ ଝା କହିବା ପରେ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅଗଷ୍ଟ ଶେଷ ସପ୍ତାହ କିମ୍ବା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବାଘଛୁଆ ଜନ୍ମ ନେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ନଭେମ୍ବର ଅଧା ହେବାକୁ ଆଉ ୫ ଦିନ ଥିବା ବେଳେ ଏଯାଏ ଜିନତ୍‌ର ଛୁଆ ସଂପର୍କରେ କିଛି ଜଣାପଡ଼ିନାହିଁ।

ମେ' ମାସ ଦ୍ୱିତୀୟ ସପ୍ତାହ ଆଡ଼କୁ ୧୧ବର୍ଷୀୟ ମେଲାନିଷ୍ଟିକ୍ ଟି-୧୨ ମହାବଳ ବାଘ ସହ ଜିନତ୍‌ର ମିଳନ ହୋଇଥିଲା। ପରେ ତା'ର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା। ଦୀର୍ଘ ୨୫-୩୦ ବର୍ଗକିମି ଅଞ୍ଚଳକୁ ସେ ନିଜର ଇଲାକା ଭାବେ ଗ୍ରହଣ କରିଥିଲା। ଯମୁନାଗଡ଼ରୁ ଗୁଡୁଗୁଡିଆ ମଧ୍ୟରେ ଖଞ୍ଜାଯାଇଥିବା ଟ୍ରାପ ଓ ଏଆଇ କ୍ୟାମେରାରେ ଉଭୟଙ୍କ ଫୁଟେଜ କଏଦ ହୋଇଥିଲା। ଉଭୟଙ୍କ ସହ ଶାରୀରିକ ମିଳନ ହେବା ପରେ ଜିନତ୍ ମା' ହେବାକୁ ଯାଉଛି ବୋଲି ଆଶା ଥିଲା। ସାଧାରଣତଃ ମିଳନର ୧୦୫ରୁ ୧୨୦ ଦିନ ମଧ୍ୟରେ ମହାବଳ ବାଘୁଣୀ ଶାବକକୁ ଜନ୍ମ ଦେଇଥାଏ। କିନ୍ତୁ ତଦନୁସାରେ ଆହୁରି ୭୦ ଦିନ ଅତିକ୍ରାନ୍ତ ହେଲାଣି, ହେଲେ ଜିନତ ବିନା ଶାବକରେ ଚଳପ୍ରଚଳ କରୁଛି। ଜିନତ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଏକ ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଥିଲେ ମଧ୍ୟ ବିଭାଗୀୟ ସୂଚନା କିଛି ନାହିଁ।

ଅପରପକ୍ଷରେ ବାଘୁଣୀ ଯମୁନା ଏ ପର୍ଯ୍ୟନ୍ତ ସାଥୀ ନ ପାଇ କୁଲଡିହା ଓ ହଦଗଡ଼ ଅଭୟାରଣ୍ୟରେ ଚଳପ୍ରଚଳ କରୁଛି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘ ସଂଖ୍ୟା ସହ ବାଘର ଜେନେଟିକ ଡାଇଭର୍ସିଟିକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଆଯାଇଥିବା ମିଶନର ସଫଳତା ବିଳମ୍ବିତ ହେଉଛି।

**ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡିର ସଙ୍ଗୀନ ଅଭିଯୋଗ**

# ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଆଇନ ଭାଙ୍ଗୁଛି ବିଜେପି

ଭୁବନେଶ୍ୱର,୧୦।୧୧(ସମିସ): ରାତି ପାହିଲେ ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ହେବ। ଏହା ପୂର୍ବରୁ ଶାସକ ବିଜେପି ବିରୋଧରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚାରିଟି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ପତ୍ର ଦାଖଲ କରିଛି। ଏଥିରେ ଆଦର୍ଶ ଆଚରଣ ବିଧି ଓ ନିର୍ବାଚନ ନିୟମର ଉଲ୍ଲଂଘନ ଭଳି ଗମ୍ଭୀର ଅଭିଯୋଗ ରହିଛି। ନିର୍ବାଚନ ପୂର୍ବରୁ ୪୮ ଘଣ୍ଟାର ସାଇଲେଣ୍ଟ ପିରିୟଡ ମଧ୍ୟରେ ବିଜେପି ଓ ତାଙ୍କ ପ୍ରାର୍ଥୀ ଜୟ ଢୋଲକିଆ ନିଜ ମାଆ କଳ୍ପନା ଢୋଲକିଆଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ନିର୍ବାଚନ ପ୍ରଚାର ଭିଡ଼ିଓ ପୋଷ୍ଟ କରିଛନ୍ତି। ଏହି ଭିଡ଼ିଓରେ ସେମାନେ ବିଜେପିକୁ ଭୋଟ ଦେବା ପାଇଁ ଲୋକଙ୍କୁ ଆହ୍ୱାନ କରୁଛନ୍ତି। ଯାହା ନିର୍ବାଚନ ଆଚରଣବିଧିକୁ ଉଲ୍ଲଙ୍ଘନ କରିଛି।

ବିଜେଡିର ଅଭିଯୋଗ ଅନୁଯାୟୀ ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡଜେନା, ବିଜେପି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ନୂଆପଡା ନିର୍ବାଚନମଣ୍ଡଳୀରେ ଗାଡ଼ି ଧରି ପ୍ରଚାର ଚଳାଇଛନ୍ତି। ବିଜେପି କାର୍ଯ୍ୟକର୍ତ୍ତା ଓ ଛତିଶଗଡ଼ରୁ ଆସିଥିବା ଲୋକମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସଂଗଠିତ ଭାବରେ ଟଙ୍କା ବଣ୍ଟନ କରୁଛନ୍ତି। ଏହାର ପ୍ରମାଣସ୍ୱରୂପ ବିଜେଡି ଏହାର ଭିଡିଓ ସିଇଓଙ୍କୁ ପ୍ରଦାନ କରିଛି। ସେହିପରି ନୂଆପଡ଼ାର ଜିଲ୍ଲାପାଳ ଓ ଏସପି ପକ୍ଷପାତିତାରେ ମାତିଛନ୍ତି।

- ନିୟମ ଭାଙ୍ଗି ସମବେଦନା ଗୋଟାଉଛନ୍ତି ଜୟ ଢୋଲକିଆ
- ବିଜେପିର ଏଜେଣ୍ଟଙ୍କ ପରି କାମ କରୁଛନ୍ତି ଜିଲ୍ଲାପାଳ-ଏସ୍‌ପି
- ଘୂରି ବୁଲୁଛନ୍ତି ବିଜେପି ନେତାମାନଙ୍କ ସହ ଛତିଶଗଡ଼ ଗୁଣ୍ଡା
- ଅଗଣତାନ୍ତ୍ରିକ ଭାବରେ ବିଜେଡି ନେତାଙ୍କୁ ଗିରଫ କରିଛି ପୁଲିସ

ରାଜନୈତିକ କର୍ମୀ ଭଳି ବିଜେପିକୁ ସୁହାଇବା ଭଳି କାର୍ଯ୍ୟରେ ଦୁଇ ବରିଷ୍ଠ ଅଧିକାରୀ ଲିପ୍ତ ରହିଛନ୍ତି। ତାଙ୍କ ସୁରକ୍ଷାରେ ବିଜେପି ଉପନିର୍ବାଚନରେ ଜନମତକୁ ପ୍ରଭାବିତ କରିବା ଲାଗି ଦିନ ରାତି ଉଦ୍ୟମ ଚଳାଇଛନ୍ତି। ତେଣୁ ନୂଆପଡ଼ାରେ ପ୍ରଚାର ସାମଗ୍ରୀ, ଅନଧିକୃତ ଗାଡ଼ି ଓ ବ୍ୟକ୍ତିମାନଙ୍କୁ ତୁରନ୍ତ ନିର୍ବାଚନୀ ଅଞ୍ଚଳରୁ ବାହାର କରିବା ସହିତ ପକ୍ଷପାତ କରୁଥିବା ଅଧିକାରୀଙ୍କୁ ଦାୟିତ୍ୱରୁ ଦୂରେଇ ରଖିବା ପାଇଁ ବିଜେଡି ଦାବି କରିଛି।

ସେହିପରି ନୂଆପଡ଼ାର ୩୨ଟି ଅତି ସମ୍ବେଦନଶୀଳ ବୁଥକୁ ନେଇ ଚିନ୍ତାବ୍ୟକ୍ତ କରିଛି ବିଜୁ ଜନତା ଦଳ। ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାରେ ହିଂସାକାଣ୍ଡ ହେବା ଆଶଙ୍କାରେ ସୁରକ୍ଷା ଯାଞ୍ଚ ଓ ଆନୁସଙ୍ଗିକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ବିଜେଡି ନିବେଦନ କରିଛି। ବିଜେପି ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆ ଏବଂ ଅନ୍ୟ ବିଜେପି ନେତାଙ୍କ ନିର୍ଦ୍ଦେଶରେ ଏବେ ଠାରୁ ହିଂସାକାଣ୍ଡର ପଦଚିହ୍ନ ଦେଖିବାକୁ ମିଳିଲାଣି ବୋଲି ବିଜେଡି ଗୁରୁତର ଅଭିଯୋଗ ଆଣିଛି। ଏପରିସ୍ଥଳେ ଉକ୍ତ ୩୨ଟି ଅତି ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ବୋଲି ସିଇଓଙ୍କୁ ବିଜେଡି ନିବେଦନ କରିଛି।

ଅନ୍ୟପକ୍ଷରେ ନୂଆପଡ଼ା ପୁଲିସ ଅବୈଧ ଭାବରେ ବିଜେଡି ଏନ୍‌ଏସି ଅଧ୍ୟକ୍ଷ ସୁବାସ ପଣ୍ଡା ଓ ବବଲୁ ଖାନଙ୍କୁ ଗିରଫକୁ ନିନ୍ଦା କରିଛି। ଗତ ରାତିରେ ବିଜେପିର ଏଜେଣ୍ଟ ଓ ଛତିଶଗଡ଼ରୁ ଆସିଥିବା ଗୁଣ୍ଡା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିପୁଳ ପରିମାଣର ଟଙ୍କା ବାଣ୍ଟିଥିଲେ। ବିଜେଡିର ଉପରୋକ୍ତ ଦୁଇ ନେତା ଶାନ୍ତିପୂର୍ଣ୍ଣ ଭାବରେ ଏହି ବେଆଇନ୍ କାର୍ଯ୍ୟର ବିରୋଧ କରୁଥିବା ବେଳେ ତାଙ୍କୁ ପୁଲିସ ଗିରଫ କରିଛି। ତେଣୁ ଏହି ପ୍ରସଙ୍ଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ, ମିହିର ରାୟ, ନାରାୟଣ ଜେନା, ଇଲ୍ଲା ସ୍ୱାଇଁ, ଅଂଶୁ ତ୍ରିପାଠୀ, ସୋଫିଆ ଆଲମ୍, ଜ୍ୟୋସ୍ନା ପରିଡ଼ା, ରିତାଞ୍ଜଳି ପ୍ରଧାନ ଓ ମୀନତି ବେହେରା ସାମିଲ ଥିଲେ।

# ସୂର୍ଯ୍ୟସ୍ନାତ ତ୍ରିପାଠୀ ପାଇବେ 'ସୋଆ ଯୁବ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫ ପ୍ରଦାନ କରାଯିବ। ଆସନ୍ତା ୩୦ ତାରିଖରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ବର୍ଷା




ପ୍ରକାଶନୀ ଦ୍ୱାରା ୨୦୨୪ରେ ପ୍ରକାଶିତ ଶ୍ରୀ ତ୍ରିପାଠୀଙ୍କର କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆପୁଚି ନାରଙ୍ଗ' ନିମନ୍ତେ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ୧୯୯୧ ମସିହାରେ ଜନ୍ମିତ ଶ୍ରୀ ତ୍ରିପାଠୀଙ୍କର ୭ଟି କବିତା ସଂକଳନ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ ପ୍ରକାଶ ପାଇଛି। ସେ ଧରମବୀର ଭାରତୀଙ୍କ ଲିଖିତ 'କନୁପ୍ରିୟା'ର ଓଡିଆ ଅନୁବାଦ କରିଛନ୍ତି। ୨୦୧୭ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ସମ୍ମାନିତ ଶ୍ରୀ ତ୍ରିପାଠୀ ହାଇଦ୍ରାବାଦସ୍ଥିତ ନାଟକ ସଂସ୍ଥା 'କାସ', 'କିସ୍ ସା ଗୋ' ଏବଂ 'ପ୍ଲେ ଅଫ୍ ଶିବା' ଭଳି ଅନୁଷ୍ଠାନଗୁଡିକ ନିମନ୍ତେ ନାଟକର ସଂଳାପ ଲେଖିଥିବା ବେଳେ 'ବୋତଲ ଅର୍ଜ ହେ, ଲାଷ୍ଟ ୱିସ, ଜେନେରେସନ୍ସ ଅଫ୍ ନ୍ୟୁଟନ୍ ଭଳି ନାଟକର ସଂଳାପ ଲେଖିଛନ୍ତି। ନିକଟରେ ସେ ଓଡ଼ିଆ ସିନେମା ଇନ୍ଦ୍ରଧନୁ ସମେତ ୨ଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଟି ମୁହାଣ' (ଓଡ଼ିଆ) ଏବଂ 'ଖିଡ଼କିଆଁ' (ହିନ୍ଦୀ) ନିମନ୍ତେ ସଂଳାପ ରଚନା କରିଛନ୍ତି। ପୁରସ୍କାର ପାଇଁ ମନୋନୀତ ହୋଇଥିବା ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନରେ ୧୨ଟି ଗଳ୍ପ ରହିଛି। ଏଥିରେ ଲେଖକ ମଣିଷର ମନସ୍ତତ୍ତ୍ୱ ଏବଂ ସମସାମୟିକ ଅନୁଭୂତିର ନିଛକ ପରିପ୍ରକାଶ କରିଛନ୍ତି। ତାଙ୍କର କବିତା ପରି ସ୍ୱପ୍ନ ଏବଂ ପ୍ରେମ ତାଙ୍କ ଗଳ୍ପର ମୁଖ୍ୟ ସ୍ୱର। ଶ୍ରୀ ତ୍ରିପାଠୀ ସଂପ୍ରତି ଆଇଆଇଟି ରୋପାର୍ ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି।

କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟର ସୃଜନାତ୍ମକ କ୍ଷେତ୍ରରେ ଲେଖୁଥିବା ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ସାହିତ କରିବା ନିମନ୍ତେ ଚଳିତ ବର୍ଷଠାରୁ ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରିବା ନିମନ୍ତେ ସ୍ଥିର କରାଯାଇଛି। ମନୋନୀତ ସାହିତ୍ୟିକଙ୍କୁ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ରୌପ୍ୟ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯିବ। ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଏବଂ ଚିନ୍ତକ ଜାଭେଦ ଅଖତରଙ୍କୁ ଭାରତୀୟ ସିନେମା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଜୀବନବ୍ୟାପୀ ସାଧନା ଏବଂ ଅବଦାନ ନିମନ୍ତେ ନଭେମ୍ବର ୨୯ ତାରିଖରେ ଆରମ୍ଭ ହେବାକୁ ଥିବା ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ମାନିତ କରାଯିବ। ସୋଆ ପରିଚାଳିତ ସେଣ୍ଟର ଫର୍ ପ୍ରିଜର୍ଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର୍ ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ତାରିଖରେ ଏହି ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଛି। ଚଳିତ ବର୍ଷର ପ୍ରସଙ୍ଗ ରହିଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଉତ୍ସବରେ ଦେଶର କୋଣଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଦିନିଆ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି 'ପ୍ରାଚୀନ'ର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସୂଚନା ଦେଇଛନ୍ତି।

# ଗଞ୍ଜାମରୁ କୌଣସି ଇଭିଏମ୍ ଆସିନାହିଁ: ସିଇଓ

ଭୁବନେଶ୍ୱର,୧୦।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ଗଞ୍ଜାମରୁ ଗୋଟିଏ ଟ୍ରକ୍ ଇଭିଏମ୍ ଆସିଥିବା ନେଇ ବିଜେଡି କରିଥିବା ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଖଣ୍ଡନ କରିଛନ୍ତି। ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀ ଏ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏକ ରାଜନୈତିକ ଦଳ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ ଅଭିଯୋଗ କରିଥିଲା ଯେ ୯ ତାରିଖରେ ଗଞ୍ଜାମ ଜିଲ୍ଲାରୁ ବେଆଇନ ଭାବରେ ଗୋଟିଏ ଟ୍ରକ୍ ଇଭିଏମ୍ ସେ ଆଣିଛନ୍ତି। ଏହା ଏକ ଅତ୍ୟନ୍ତ ଗୁରୁତର ଅଭିଯୋଗ। ମାତ୍ର ଏହା ଭିତ୍ତିହୀନ। ଗଞ୍ଜାମ ଜିଲ୍ଲାର ସିସିଟିଭି ଫୁଟେଜ୍ ଭଲ ଭାବରେ ଯାଞ୍ଚ କରାଯାଇଛି। ସେଠାରେ କୌଣସି ବି ଟ୍ରକ୍ ଇଭିଏମ୍ ଗୋଦାମଗୁଡ଼ିକୁ ପ୍ରବେଶ କିମ୍ବା ବାହାରିଥିବା ରେକର୍ଡ ହୋଇନାହିଁ।

# ଡାଲି ଉତ୍ପାଦନ ବଢ଼ାଇବାକୁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ଗୁରୁତ୍ୱ

କଟକ,୧୦।୧୧(ସମିସ): କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ



(ଏନ୍‌ଆର୍‌ଆର୍‌ଆଇ) ଗସ୍ତ କରି ଓଡ଼ିଶାର କୃଷି କ୍ଷେତ୍ର ପାଇଁ ଏକ ପ୍ରମୁଖ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ରାଜ୍ୟର କୃଷକମାନଙ୍କୁ ସଶକ୍ତ କରିବା ପାଇଁ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା', 'ଡାଲିଜାତୀୟ ଫସଲ ଆତ୍ମନିର୍ଭରତା ମିଶନ' ଏବଂ 'ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନ' କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱିତ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇଥିଲେ। ଭର୍ଚୁଆଲ୍ ମାଧ୍ୟମରେ କୃଷି ଗବେଷଣା ଏବଂ ଶିକ୍ଷା ବିଭାଗ (ଡିଏଆରଇ) ର ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ଏମ୍.ଏଲ୍. ଜାଟ ଏବଂ ଅତିରିକ୍ତ ସଚିବ ଡ.ଦେବେଶ ଚତୁର୍ବେଦୀ ଯୋଗଦେଇଥିଲେ। ଏଥିରେ ପ୍ରାୟ ୪୦୦ ଜଣ ଚାଷୀ ଓ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ରୀୟ ଯୋଜନାଗୁଡ଼ିକ ଚାଷୀଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବ। ସେ ଓଡ଼ିଶାର ଅନୁକୂଳ ଜଳବାୟୁରେ ଡାଲିର ବୃହତ ପରିମାଣର ଉତ୍ପାଦନକୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ଶେଷରେ ଆଇସିଏଆର ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ସମସ୍ତ ଅତିଥି ଏବଂ ଚାଷୀଙ୍କୁ ସ୍ୱାଗତ କରିଥିବା ବେଳେ ଡ. ରାହୁଲ ତ୍ରିପାଠୀ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ଆଚରଣବିଧି କେବଳ ବିରୋଧୀଙ୍କ ପାଇଁ: ବିଜେଡି



ଭୁବନେଶ୍ୱର, ୧୦।୧୧ (ସମିସ): ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଛି ବିଜେଡି। ଏହାସହ ଉପରୋକ୍ତ ବୁଥ୍‌ଗୁଡିକରେ ନିଆଯାଇଥିବା ଇଭିଏମ୍‌ଗୁଡିକୁ ବ୍ୟବହାର କରିବାକୁ ଯୋଜନା କରାଯାଉଛି ବୋଲି ବିଜେଡି ପକ୍ଷରୁ ପୁଣି ଥରେ ଅଭିଯୋଗ କରିଛି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ଗୋଟିଏ ଟ୍ରକ୍‌ରେ ଇଭିଏମ୍ ମେସିନ ନୂଆପଡ଼ାକୁ ନିଆଯାଇଛି ବୋଲି କରାଯାଇଥିବା ଅଭିଯୋଗ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ଯେ ଗଞ୍ଜାମ ଜିଲ୍ଲାରେ ରଖାଯାଇଥିବା ଇଭିଏମ୍ ମେସିନଗୁଡିକ ସିସି କ୍ୟାମେରା ନଜରରେ ରଖାଯାଇଛି। ତେବେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ରାଜରାସ୍ତାରେ ହୋଇଥିଲା ବେଳେ ଏହି ଅଞ୍ଚଳର ସିସିଟିଭି କାମ କରୁ ନ ଥିଲା। ସରକାରୀ ଖାତାରେ ସିସିଟିଭି ଅଛିର ଅର୍ଥ ଏହା ନୁହେଁ ଯେ ସିସିଟିଭିର ଫୁଟେଜ୍ ରହିଛି। ଆଜି ବିଜେଡି ପକ୍ଷରୁ ସିଇଓଙ୍କ ପାଖରେ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ତାଲିକା ପ୍ରଦାନ କରାଯାଇଛି। ଏହି ବୁଥ୍‌ଗୁଡିକୁ ନିଆଯାଇଥିବା ଇଭିଏମ୍ ମେସିନ୍‌ଗୁଡ଼ିକ ସ୍ଥାନିତ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗ କରାଯାଇଛି।

ରାଜ୍ୟସଭା ସାଂସଦ ସୁଲତା ଦେଓ କହିଥିଲେ ଯେ ଏହି ଉପନିର୍ବାଚନରେ ନିୟମିତ ଭାବେ ସରକାରୀ ଦଳ ପକ୍ଷରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରାଯାଉଥିବା ନେଇ ବିଜେଡି ପକ୍ଷରୁ ସିଇଓଙ୍କ ପାଖରେ ବାରମ୍ବାର ଉପସ୍ଥାପନ କରାଯାଇଛି। ଏହାଛଡ଼ା ଆୟକର ବିଭାଗ ଓ ଅନ୍ୟ ଅଧିକାରୀଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ନେତାଙ୍କ ଘରେ ଚଢ଼ଉ କରାଯାଇଛି। ଇଭିଏମ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ ରୁମ୍‌ରେ ରଖା ନ ଯାଇ କେଉଁ ଏକ ଅଜଣା ସ୍ଥାନରେ ରଖା ଯାଇଛି ବୋଲି ଅଭିଯୋଗ କରାଯାଇଥିଲା। ଏହାକୁ ଖୋଜି ବାହାର କରିବା ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ। ସେହିପରି ବିଜେପି ଦ୍ୱାରା କରାଯାଉଥିବା ବିଭିନ୍ନ ଆଚରଣ ବିଧି ଉଲ୍ଲଂଘନକୁ ରୋକିବା ସହିତ ମୁକ୍ତ ଅବାଧ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଯତ୍ନବାନ ହୁଅନ୍ତୁ ବୋଲି ପୂର୍ବତନ ମହିଳା କମିସନର ମୀନତି ବେହେରା ଓ ବିଜେଡି ଛାତ୍ର ସଭାପତି ଇପ୍ସିତା ସାହୁ ଦାବି କରିଛନ୍ତି।


**Government of India**
**Ministry of Environment, Forest & Climate Change**
**Regional Office, Bhubaneswar, Odisha**

**Online Proposal No.:**
**FP/OR/RAIL/438606/2023**

**Dated: 24/01/2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys 'Stage-I/in-principle' approval for diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasilof Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions.

**1. General Conditions**

| S. No | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 4.519 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The non forest land of 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division for raising compensatory afforestation shall be transferred and mutated in the name of Forest Department and notified as RF/PF prior to Stage-II approval. |
| 1.4 | The user agency shall transfer the cost of raising and maintaining the CA/Addl. CA at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. |
| 1.5 | Compensatory afforestation shall be raised over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.6 | Addl. Compensatory afforestation shall be raised over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.7 | The species to be planted in the CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.8 | A Site Specific Wildlife Conservation Plan shall be prepared and duly approved by Chief Wildlife Warden, Odisha shall be implemented at project cost. The fund for implementation of Site Specific Wildlife Conservation shall be deposited by the user agency after duly vetted by Regional Office, MoEF&CC, Bhubaneswar. |
| 1.9 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.10 | The KML files of the area to be diverted and the CA areas shall be uploaded on the e-Green watch portal with all requisite details before issuing working permission towards linear projects or submitting compliance report for seeking Stage-II approval, as the case may be. |
| 1.11 | All the funds received from the user agency under the project shall be transferred/ deposited in CAMPA account only through e-portal (https://parivesh.nic.in/). Amount deposited through other mode will not be accepted as compliance of the Stage-I clearance. |
| 1.12 | The compliance report of the Stage-I approval shall be uploaded on e-portal (https://parivesh.nic.in/). |
| 1.13 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.14 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.15 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.16 | Speed regulating signage will be erected along the railway line at regular intervals in Protected Areas/Forest Areas. |
| 1.17 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLWL of the State Govt. There should be regular communication with the local forest department to know the presence/movement of elephant near the track. |
| 1.18 | The designing of culverts/bridges, if any over the natural streams/rivers/canals should be done in such a manner that it does not hamper the natural course of water, does not give rise to water logging, and also does not hamper movement of wild animals including elephant. |
| 1.19 | The reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed |
| 1.20 | The user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.21 | The user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.22 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.23 | No additional or new path will be constructed inside the forest area for any activity related to the project work. |
| 1.24 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.25 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.26 | The forest land shall not be used for any purpose other than that specified in the proposal. |
| 1.27 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.28 | No damage to the flora and fauna of the adjoining area shall be caused. |
| 1.29 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.30 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.31 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.32 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.33 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**
**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year ("working permission" means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of nonforest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

**Your's faithfully**
**(Dr. Padma Mahanti)**
**Dy. Inspector General of Forests (C)**

ସକାଳ
THE SAKALA

# ସମ୍ପାଦକୀୟ



ଆମ ଭିତରୁ ଆଜି ଶାନ୍ତି ହଜିଯାଉଛି, କାରଣ ସମସ୍ତେ ସମସ୍ତଙ୍କ ପରିପୂରକ ବୋଲି ଆମେ ଭୁଲି ଯାଉଛେ।
-ମଦର ଟେରେସା

## ଅଘଟଣ ପାଇଁ ଦାୟୀ କିଏ?

ହଜାରେ ବର୍ଷର ପୁରୁଣା ସହର କଟକ। ଯେଉଁଠି ସମ୍ଭ୍ରାନ୍ତୀୟ ଠାଣିରେ ହାକିମ ଓ ଜମିଦାରଙ୍କ ସୌଧ ମୁଣ୍ଡ ଟେକିଛି ସେଠି ଅଛି ଛୋଟ ବଡ଼ ଚାଳଘର। ସମୟ ବଦଳିବା ସହ ସେହି ଜୀବନଧାରା କୁଆଡ଼େ ହଜିଗଲାଣି। ଚାଳ ଛପର ଘର ସ୍ଥାନରେ ମୁଣ୍ଡ ଟେକିଲାଣି ଛାତ ଘର। କିନ୍ତୁ ସେହି ପୁରଣା ସୌଧ ସେମିତି ମୁଣ୍ଡ ଟେକି ରହିଛି। ତିନି ପୁରୁଷର ଘରକୁ ମରାମତି ପାଇଁ ଏବେ ଯେଉଁମାନେ ଅଛନ୍ତି ସେମାନଙ୍କ ଖୋସଣିରେ ପଇସା ନାହିଁ। ଏମିତି କିଛି ଘର ଅଛି ଯାହାକି ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି। ତାହାର ଦେଖାଶୁଣା ଦାୟିତ୍ୱରେ ଥିବା ଉତ୍ତର ପିଢ଼ି ସହର ଛାଡ଼ି ଅନ୍ୟତ୍ର ଘରବାଡ଼ି କରି ଅବସ୍ଥାନ କରିଛନ୍ତି। ଯେଉଁଠି ବିଶାଳକାୟ ସୌଧ ବା ଇମାରତ୍ ଅଛି ତତ୍‌ସଂଲଗ୍ନ ଅଞ୍ଚଳରେ ଗରିବ ଗୁରୁବାଙ୍କ ଛୋଟବଡ଼ ଘର ଅଛି। ଏମାନେ ପରସ୍ପର ଉପରେ ନିର୍ଭରଶୀଳ। ଆଜିକାଲି ସହରତଳି ଅଞ୍ଚଳରେ ଦିନ ମଜୁରିଆଙ୍କ ବସ୍ତି ମୁଣ୍ଡ ଟେକିଲାଣି। ବିପଦସଂକୁଳ ଅବସ୍ଥାରେ କୋଠାବାଡ଼ିଗୁଡ଼ିକୁ ଠିକଣା ସମୟରେ ଭାଙ୍ଗି ଦିଆନଗଲେ ତାହା ପାଖ ପଡ଼ିଶାଙ୍କ ପାଇଁ ନିଶ୍ଚୟ ଦିନେ ନା ଦିନେ ବିପଦ ହେବ। ଯାହା ଗତ ଶନିବାର କଟକ ମଣି ସାହୁ ଛକରେ ପରିଲକ୍ଷିତ ହୋଇଥିଲା। ଅସୁରକ୍ଷିତ ଘୋଷିତ ଆପାର୍ଟମେଣ୍ଟରେ ବାଲକୋନି ଭୁଶୁଡ଼ି ପଡ଼ିଲା। ତଳେ ଟିଣ ଛପର ଘରେ ରହୁଥିବା ଗୋଟିଏ ପରିବାରର ୩ ଜଣ ଙ୍କ ପ୍ରାଣହାନି ଘଟିଲା ଏବଂ ଅନ୍ୟ ୪ ଜଣ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଗତ ଦଶ ବର୍ଷ ତଳେ ସହରରେ ଭୂମିକମ୍ପ ଅନୁଭୂତ ହୋଇଥିବାରୁ ବହୁ କୋଠାରେ ଫାଟ ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ମହାନଗର ନିଗମ ଓ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ମିଳିତ ସର୍ଭେରେ ସହରର ୨୩୭ ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୧୬ଟିକୁ ଭାଙ୍ଗି ସେଠାରେ ନୂଆ ଇମାରତ ମୁଣ୍ଡଟେକିଛି। ଅବଶିଷ୍ଟ ଅସୁରକ୍ଷିତ ୨୨୧ ଟି ପ୍ରାସାଦ ସେମିତି ମୁଣ୍ଡ ଟେକି ରହିଛି। କେତେବେଳେ କାହା ଉପରେ ଭୁଶୁଡ଼ି ପଡ଼ିବ ତାହାର କୌଣସି ଠିକଣା ନାହିଁ। ହାଇକୋର୍ଟଙ୍କ ତାଗିଦ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଘରମାଲିକଙ୍କୁ କେବଳ ନୋଟିସ ଦେଇ ଚୁପ ରହିଛି ପ୍ରଶାସନ। ସବୁଠାରୁ ଉଲ୍ଲେଖନୀୟ ହେଲା, ସରକାରୀ କ୍ୱାର୍ଟର୍ସ ଅଫିସ ଓ ଅବ୍ୟବହୃତ ଗୋଦାମ ଘର ସଂଖ୍ୟା ସବୁଠାରୁ ଅଧିକ। ଏକ୍ଷେତ୍ରରେ କିଏ କାହାକୁ ନୋଟିସ ଦେବ? ଅନ୍ତତଃ ସରକାରୀ ବ୍ୟବସ୍ଥା ଏଥିପ୍ରତି ସଚେତନ ହେବା ଜରୁରୀ। ମଣିସାହୁ ଛକ ଘଟଣା ପରେ ଜିଲ୍ଲା ପ୍ରଶାସନ, ମହାନଗର ନିଗମ ଓ ସିଡିଏ କର୍ତ୍ତୃପକ୍ଷ ଏହି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଆମେ ଆଶା କରୁ। ରାଜ୍ୟର ଐତିହାସିକ ସ୍ମୃତିର ସ୍ମାରକ ରୂପେ ପ୍ରସିଦ୍ଧ ଅଟ୍ଟାଳିକାର ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ସୁରକ୍ଷା ହେବା ଜରୁରୀ। ●

## କୁହାମୁଣ୍ଡା କପିଳା

ଜୁନ୨୯ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଘଟିଥିବା ଦଳାଚକଟା ଓ ଚରମ ବିଶୃଙ୍ଖଳାର କାରଣ ସଂପର୍କରେ ତଦନ୍ତ କମିଟି ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି। ଏହି ଘଟଣାରେ ୩ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୨୦ ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେତେବେଳେ ସରକାର ତୁରନ୍ତ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ବଦଳି କରି ଜନଅସନ୍ତୋଷକୁ ପ୍ରଶମିତ କରିଥିଲେ। ଉନ୍ନୟନ କମିଶନଙ୍କ ରିପୋର୍ଟ କିନ୍ତୁ ସରକାରଙ୍କ ମୁଖା ଖୋଲି ଦେଇଛି। ରାଜ୍ୟ କ୍ଷମତାରେ ଥିବା ନୂଆ ସରକାର, ଅନଭିଜ୍ଞ ଓ ଅପରିପକ୍ୱ। କିନ୍ତୁ ବାକ୍ୟବୀରଙ୍କ ବାକ୍‌ପଟୁତାରେ କେହି ତାଙ୍କ ସରି ହେବେନାହିଁ। ସମନ୍ୱିତ ନିୟନ୍ତ୍ରଣ କେନ୍ଦ୍ର(ଆଇସିସିସି )ର ଦାୟିତ୍ୱ ଥିଲା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏବଂ ଜରୁରୀସ୍ଥିତି ଓ ଭିଆଇପିଙ୍କ ଗସ୍ତକୁ ସୁନିୟୋଜିତ ଉପାୟରେ ପରିଚାଳନା କରିବା। ଅସଲ ସମୟରେ ଏହି ବ୍ୟବସ୍ଥା ଫସର ଫାଟି ଯାଇଥିଲା। ଆଇସିସିସିକୁ ସହାୟତା ଯୋଗାଇବା ସକାଶେ ଯେଉଁ ଯାନ୍ତ୍ରିକ ବ୍ୟବସ୍ଥା ଉପରେ ନିର୍ଭର କରାଯାଉଥିଲା ସେ ସବୁ ଥିଲା ନିମ୍ନମାନର। ଅଥଚ ସେସବୁରୁ ଉପଯୋଗିତା ସଂପର୍କରେ ଧାରଣା ନଥିବା ଲୋକେ ବଡ଼ ବଡ଼ କଥା କହି ରାଜ୍ୟବାସୀଙ୍କୁ ଭରସା ଦେଇଥିଲେ। ଏବର୍ଷ ପ୍ରଥମ ଥର ପାଇଁ ବ୍ୟବହୃତ ହୋଇଥିବା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସଂପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ସେହିଭଳି ଖଞ୍ଜାଯାଇଥିବା ସିସିଟିଭି ଭିଡ଼ ନିୟନ୍ତ୍ରଣ ପାଇଁ ଆଦୌ ଉପଯୋଗୀ ନଥିଲା। ଡ୍ରୋନ ମାଧ୍ୟମରେ ବ୍ୟବସ୍ଥାର ତଦାରଖ ଉଦ୍ୟମ ଅନ୍ୟ ଏକ ନିଷ୍ଫଳ ପ୍ରୟାସ। ଏହିସବୁ ସାଜ ସରଂଜାମ ଯୋଗାଇଥିବା ସଂସ୍ଥା (ଭେଣ୍ଡର) କୁ ରିପୋର୍ଟରେ କଳାତାଲିକାଭୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି।

ଏକଥା ସତ ଯେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୁଲିସ ବାହିନୀର। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଯାତ୍ରୀ ଭିଡ଼ ହେବାରେ କିଛି ଅସ୍ୱାଭାବିକ ନାହିଁ। ରଥ ସାମ୍ନାରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ବେଳେ ଚାରମାଳ ଲଦା ଯାଇଥିବା ଟ୍ରକ ଧସେଇ ପଶି ଆସିଲା। ଏହି ଟ୍ରକର ପ୍ରବେଶ ଅନୁମତି ହିଁ ତଥାକଥିତ ବିଭ୍ରାଟ ପାଇଁ ଅନେକାଂଶରେ ଦାୟୀ। ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀ ଓ ନିୟନ୍ତ୍ରଣ କକ୍ଷ ମଧ୍ୟରେ ଯୋଗାଯୋଗ ନ ରହିବା ଅନ୍ୟତମ ପ୍ରମୁଖ କାରଣ। ଗୁଣ୍ଡିଚା ମନ୍ଦିର ସମ୍ମୁଖ ରଥରୁ ତିନିଠାକୁରଙ୍କ ବିଳମ୍ବିତ ପହଣ୍ଡି ବିଜେ ହେଉ ବା ଦାୟିତ୍ୱରେ ଥିବା ୭ ଜଣ ବିରଷ୍ଠ ପୁଲିସ୍ ଅଧିକାରୀଙ୍କ ଅନୁପସ୍ଥିତି ହେଉ ଦାୟିତ୍ୱ ନିର୍ବାହରେ ଗୁରୁତର ତ୍ରୁଟି ହୋଇଛି, ଯାହା ଅକ୍ଷମଣୀୟ। ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଗୃହ ବିଭାଗ ପକ୍ଷରୁ ଏ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ। ରିପୋର୍ଟର ତଥ୍ୟ ଅନୁଯାୟୀ ରଥଯାତ୍ରା ସମୟରେ ଅତି ବେପରବାୟ ଢଙ୍ଗରେ କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହ କରିଛନ୍ତି। ୨୭୫ ଟି ଏଆଇ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଥିବାବେଳେ ୧୨୩ ଟି କ୍ୟାମେରା କାର୍ଯ୍ୟକ୍ଷମ ଥିଲା। କ୍ୟାମେରାଠାରୁ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ଉପର ମୁହାଁ। ତେଣୁ ଯାତ୍ରୀ ଭିଡ଼ ଉପରେ ନଜର ରଖାଯାଇ ପାରିଲା ନାହିଁ। ଏପରିକି କିଛି କ୍ୟାମେରାରେ ନିୟନ୍ତ୍ରିଣ କକ୍ଷ ସହ ସଂଯୋଗ ନଥିଲା। ବଡ଼ ବଡ଼ ଏଲଇଡି ପ୍ୟାନେଲ ଓ ତଥାକଥିତ ଡ୍ରୋନର ମଧ୍ୟ ସଦୁପଯୋଗ ହୋଇପାରିନାହିଁ।

ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ସକାଶେ ଯେଉଁ ଆଡ଼ମ୍ବରପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଯେ ମିଛ ହାୱା ଏହା ପ୍ରମାଣିତ ହୋଇଛି ତଦନ୍ତ ରିପୋର୍ଟରୁ। ସରକାରଙ୍କୁ ମଧ୍ୟ ଏଥିରୁ ଶିକ୍ଷା ମିଳିଛି। ପଦାଧିକାରୀଙ୍କ ମିଛ ପ୍ରତିଶ୍ରୁତି ଉପରେ ନିର୍ଭର ନ କରି ତାହାର ଠିକଣା ଭାବେ ତଦାରଖ ନକଲେ ନିନ୍ଦା ଓ ଅପଯଶ ମୁଣ୍ଡାଇବାକୁ ପଡ଼ିବ। ●

# ନିଆଁ ସହ ଖେଳୁଛି ବାଂଲାଦେଶ



ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ନୋବେଲ୍ ପୁରସ୍କାର ପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ। ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ସେ ତାଙ୍କ ଜାଣ ଅଜାଣତରେ ବାଂଲାଦେଶର ଭବିଷ୍ୟତକୁ ଏକପ୍ରକାର ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେଉଛନ୍ତି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ କରିବା ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ଭାରତ ବିରୋଧୀ ମନୋଭାବ ଓ ଚୀନ୍-ପାକିସ୍ତାନ ପ୍ରତି ବଶମ୍ବଦତା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ଅପକର୍ମ ଓ ଅଯୋଗ୍ୟତା ପାଇଁ ଖୁବ୍‌ଶୀଘ୍ର ବାଂଲାଦେଶକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

ୟୁନୁସ୍ ଅପରିଣାମଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାଂଲାଦେଶର ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁ ନଥିବା ବେଳେ ନିକଟରେ ପାକିସ୍ତାନର ଏକ ଯୁଦ୍ଧଜାହାଜ ବଙ୍ଗୋପସାଗର ଉପକୂଳ ପାରି ହୋଇ ବାଂଲାଦେଶର ଚଟଗାଁରେ ପହଞ୍ଚିଛି। ଏଥିସହିତ ପାକିସ୍ତାନ ନୌସେନାର ଅନେକ ଉଚ୍ଚ ଅଧିକାରୀ ବାଂଲାଦେଶ ଆସିଛନ୍ତି। ବାଂଲାଦେଶର ନୌସେନା ଚୀନ୍ ନିର୍ମିତ ଏହି ଯୁଦ୍ଧଜାହାଜକୁ ବିପୁଳ ସ୍ୱାଗତ କରିଛି। ପ୍ରାୟ ୫୦ ବର୍ଷ ପରେ ପାକିସ୍ତାନ ସହିତ ଏଭଳି ସାମରିକ ସମ୍ପର୍କ ବୃଦ୍ଧି ଜରିଆରେ ବାଂଲାଦେଶ ଭାରତକୁ ପରାଭବ ଦେବା ପାଇଁ ଷଡ଼ଯନ୍ତ୍ର କରିପାରୁ ଥାଇପାରେ। କିନ୍ତୁ ନିଆଁ ସହିତ ଖେଳିଲେ ପରାଭବ କ'ଣ ହୁଏ ତାହା ବୋଧହୁଏ ୟୁନୁସ୍‌ଙ୍କୁ ୧୯୭୧ ମସିହାରେ ପାକିସ୍ତାନ ସେନାର ବର୍ବରତା ବିଷୟରେ ବିଶ୍ୱ ସମୁଦାୟ ସ୍ମରଣ କରିବା ଆବଶ୍ୟକ ନୁହେଁ। ପାକିସ୍ତାନ-ବାଂଲାଦେଶ ବନ୍ଧୁତ୍ୱକୁ ତ୍ୱରାନ୍ୱିତ କରିବା ଏହାପଛର କାରଣ ବୋଲି ବାଂଲାଦେଶ ପକ୍ଷରୁ କୁହାଯାଉଥିଲେ ହେଁ ପ୍ରଚ୍ଛନ୍ନ କାରଣ ବିଷୟରେ ପ୍ରାୟ ବିଶ୍ୱବାସୀ ଜାଣିଛନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ ନିଆଁ ସହିତ ଖେଳିବା ଭଳି। ଏହା ୟୁନୁସ୍ ଯେତେଶୀଘ୍ର ବୁଝିବେ ତାହା ତାଙ୍କ ଦେଶ ସହିତ ଭାରତ ପାଇଁ ଶୁଭଙ୍କର। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେବା ଆବଶ୍ୟକ।

ଭୂ-ରାଜନୈତିକ ଦୃଷ୍ଟିକୋଣରୁ ଦକ୍ଷିଣ-ଏସିଆ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବାଂଲାଦେଶର ଭୌଗୋଳିକ ଅବସ୍ଥିତି ଆମେରିକା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେଠାରେ ନୌସେନା ଘାଟି ସ୍ଥାପନ କରି ଦକ୍ଷିଣ-ଚୀନ୍ ସାଗର ଓ ତାଇୱାନ୍ ଉପରେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବାକୁ ଆମେରିକା ସଦା ଚେଷ୍ଟିତ। ଏଥିପାଇଁ ଆମେରିକା ଦେଇଥିବା ପ୍ରସ୍ତାବକୁ ଯଦି ହସିନା ଗ୍ରହଣ କରି ନେଇଥା'ନ୍ତେ ତେବେ ତାଙ୍କୁ ଗାଦିଚ୍ୟୁତ ହେବାକୁ ପଡ଼ି ନଥା'ନ୍ତା। ବାଂଲାଦେଶର ଅସ୍ଥିରତା ଓ ଏଥିରେ ଆମେରିକା-ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ଚୀନ୍ ମଧ୍ୟ ବାଂଲାଦେଶକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ଇତିମଧ୍ୟରେ ଚୀନ୍ ସହିତ ଆମେରିକାର ବାଣିଜ୍ୟ ଯୁଦ୍ଧ ପ୍ରମଶିତ ହେବା ସ୍ଥିତିକୁ ଆସିଯାଇଛି। ତେଣୁ ଆମେରିକା-ଚୀନ୍-ପାକିସ୍ତାନ ବାଂଲାଦେଶକୁ ସାମରିକ ଉପନିବେଶ କରିବାର ସମ୍ଭାବନା ଉଜ୍ଜ୍ୱଳ।

କାମଚଳା ଶାସନ ମୁଖ୍ୟ ୟୁନୁସ୍ ଜଣେ ଭଦ୍ର ଓ ଜ୍ଞାନୀ ବ୍ୟକ୍ତି। କିନ୍ତୁ ବୁଦ୍ଧିଜୀବୀର ଦୁନିଆ ରାଜନୀତିର ଦୁନିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ସେ ଖୁବ୍‌ଶୀଘ୍ର ଆମେରିକା, ଚୀନ୍ ଓ ପାକିସ୍ତାନର ଜାଲରେ ଫସିଗଲେ। ତେଣୁ ୟୁନୁସ୍ ଯେ ଆଗାମୀ ଦିନରେ ବାଂଲାଦେଶରେ ଢାଞ୍ଚାଗତ ସଂସ୍କାର ଏବଂ ନୀତି ନିର୍ଦ୍ଧାରଣରେ ଅନେକ ସମସ୍ୟାର ସମ୍ମୁଖୀନ ହେବେ ଏହା ଏବେଠାରୁ ଜଳଜଳ ଦିଶିଲାଣି। ବାଂଲାଦେଶରେ ଯାହା ଘଟୁଛି ତାହା ସେହି ଦେଶର ଆଭ୍ୟନ୍ତରୀଣ ବ୍ୟାପର; କିନ୍ତୁ ତା'ର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଯାହା ଘଟିବାକୁ ଯାଉଛି ତାହା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ।

ପ୍ରଥମତଃ, ଭାରତ ସହିତ ବାଂଲାଦେଶ ସୀମାନ୍ତ ସବୁଠାରୁ ଦୀର୍ଘ ୪୦୯୬ କିମି, ଯାହା ଉନ୍ମୁକ୍ତ। ଏଣୁ ସେଠାରେ ଯେକୌଣସି ଅଶାନ୍ତି, ଅସ୍ଥିରତା, ଅରାଜକତା ସୃଷ୍ଟି ହେଲେ ଅନୁପ୍ରବେଶକାରୀଙ୍କ ସମେତ ବିଭିନ୍ନ ସଶସ୍ତ୍ର ଉଗ୍ରବାଦୀ ସଂଗଠନର କାର୍ଯ୍ୟକଳାପ ଭାରତରେ ବୃଦ୍ଧି ପାଇବା ନିଶ୍ଚିତ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ବାଂଲାଦେଶ ବାତ୍ୟା, ମରୁଡ଼ି, ଚାଷଜମିରେ ଲୁଣା ମାଡ଼ିଯିବା ଆଦି ପ୍ରାକୃତିକ ଦୁର୍ବିପାକରେ ଗୁରୁତର ପ୍ରଭାବିତ ଦେଶ। ତେଣୁ ସେଠାରେ ସାମାନ୍ୟତମ ବିପର୍ଯ୍ୟୟରେ ଭାରତ ଉପରେ ଅନୁପ୍ରବେଶ ସମସ୍ୟା ବୋଝ ଆହୁରି ବଢ଼ିବ। ଭାରତ ବିରୋଧୀ ଆଭିମୁଖ୍ୟରେ ଚୀନ୍ ଓ ପାକିସ୍ତାନ ବାଂଲାଦେଶର ମୌଳବାଦୀ ଉଗ୍ର ସଂଗଠନଗୁଡ଼ିକୁ ଆର୍ଥିକ ଓ ସାମରିକ ସହାୟତା ଓ ସମର୍ଥନ ଯୋଗାଇ ଆସୁଛନ୍ତି। ବାଂଲାଦେଶର ଅର୍ଥନୀତି ଗୁରୁତର ଚାପରେ ରହିଛି। କୃଷି, ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିବାରୁ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଏଥିରୁ ଚୀନ୍ ଫାଇଦା ଉଠାଇବା ବିଚିତ୍ର ନୁହେଁ।

ବାଂଲାଦେଶର ଅସ୍ଥିରତା ଭାରତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭୂରାଜନୈତିକ, କୂଟନୈତିକ, ଅର୍ଥନୈତିକ, ଆଭ୍ୟନ୍ତରୀଣ ସୁରକ୍ଷା, ସାର୍ବଭୌମ ଓ ଅଖଣ୍ଡତା ଦୃଷ୍ଟିରୁ ପ୍ରଭାବିତ କରିବା ନିଶ୍ଚିତ। ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ସହିତ ମୂଳ ଭୂଖଣ୍ଡକୁ ସଂଯୋଗ ପଥ(ଚିକେନ୍ ନେକ୍)ଅଧିକ ବିପଦସଂକୁଳ ହୋଇପଡ଼ିବ। ଏହାଦ୍ୱାରା ଉତ୍ତର-ପୂର୍ବ ରାଜ୍ୟ ମଣିପୁର, ତ୍ରିପୁରା, ମେଘାଳୟ ଓ ଆସାମ ସୀମା ଦେଇ ଆତଙ୍କବାଦୀ, ଡ୍ରଗ୍ସ, କଳା ଟଙ୍କା ଓ ବେଆଇନ କାରବାର ଭାରତରେ ବଢ଼ିବାର ଆଶଙ୍କା ଅଧିକ। ଯଦି ସେଠାରେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ବିଏନ୍‌ପି ନେତ୍ରୀ ଖଲିଦା ଜିଆ କିମ୍ବା ଜମାତ୍ ଏ ଇସ୍‌ଲାମ୍ ନେତା ସଫିକ୍ ଉର ରହମାନ୍ ଶାସନ କ୍ଷମତାକୁ ଆସନ୍ତି ତେବେ ସେମାନେ ଯଥାକ୍ରମେ ଚୀନ୍ ଓ ପାକିସ୍ତାନର ଇଙ୍ଗିତରେ ଭାରତରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଥିବା ବେଳେ ବାଂଲାଦେଶର ଶାନ୍ତି ଓ ସ୍ଥିରତା ମଧ୍ୟ ବ୍ୟାଘାତ ହେବ।

ଏବେ ୟୁନୁସ୍‌ଙ୍କ ଆଗରେ ମୁଖ୍ୟ ଆହ୍ୱାନ ରହିଛି ସେ ଦେଶରେ ନୀତିଗତ ସଂସ୍କାର ଏବଂ ଗଣତାନ୍ତ୍ରିକ ସରକାରର ପ୍ରତିଷ୍ଠା। ପାକିସ୍ତାନ ଓ ଚୀନ୍ କୋଳରେ ବସିଲେ ତାହା ଆଦୌ ସମ୍ଭବ ନୁହେଁ। କିନ୍ତୁ ଏ କଥା ୟୁନୁସ୍‌ଙ୍କୁ ବୁଝାଇବ କିଏ? ଓଡ଼ିଆରେ ଗୋଟେ ଢଗ ଅଛି - ନିଆଁ ଗିଳିଲେ ଅଙ୍ଗାର ବାହାରିବ। ଏବେ ପାକିସ୍ତାନ ରୂପୀ ଯେଉଁ ନିଆଁକୁ ୟୁନୁସ୍ ଗଳାହାର କରିଛନ୍ତି ତାହାର ପରାଭବ ବୁଝିବା ବେଳକୁ ବାଂଲାଦେଶର ରାଜନୀତି, ଅର୍ଥନୀତି, ଶାନ୍ତି, ସ୍ଥିରତା, ଗଣତନ୍ତ୍ର ଅଙ୍ଗାର ପାଲଟି ଯାଇଥିବ। ●

(ସକାଳ ମିଡିଆ ସର୍ଭିସ୍)

# କ୍ୱାଣ୍ଟମ୍ କମ୍ପ୍ୟୁଟିଂ: ଆଶା ଓ ଆହ୍ୱାନ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ କ୍ୱାଣ୍ଟମ୍ ମେକାନିକ୍ସର ପ୍ରଥମ ୧୦୦ ବର୍ଷ। ଏକ ବିରାଟ ମାଇଲଖୁଣ୍ଟ। କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଅନ୍ତର୍ଜାତୀୟ ବର୍ଷ (ଆଇୱାଇକ୍ୟୁ) ରେ ବହୁତ କିଛି ଲେଖାଯାଇଛି। ତଥାପି ମୁଁ କ୍ୱାଣ୍ଟମ୍ ପ୍ରଯୁକ୍ତିର ଏକ ନିର୍ଦ୍ଦିଷ୍ଟ ଅଂଶ, ଅର୍ଥାତ୍ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଉପରେ ଏହି ଆଲେଖ୍ୟରେ କିଞ୍ଚିତ ଆଲୋଚନା କରିବାକୁ ଚାହେଁ।

ଲୋକମାନେ ନିଶ୍ଚିତ ଭାବରେ କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ଭଲ କାମ କରିବା ପାଇଁ ବ୍ୟବହାର କରୁଛନ୍ତି ଏବଂ ନିଶ୍ଚିତ ଭାବରେ ଏଗୁଡ଼ିକ ଖୁବ୍‌ଶୀଘ୍ର ଶାସ୍ତ୍ରୀୟ କମ୍ପ୍ୟୁଟର ପରି ସାଧାରଣ ହୋଇଯିବ। କିନ୍ତୁ ପ୍ରକୃତରେ ଅବସ୍ଥା କ'ଣ, ତାହାର ଏକ ସ୍ୱଷ୍ଟ ଚିତ୍ର ଏବେବି ଅସ୍ୱଷ୍ଟ। ଆମେ ଏ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବା ପୂର୍ବରୁ ମନେ ପକାଇବା ଉଚିତ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଅନେକ ପ୍ରମୁଖ କ୍ୱାଣ୍ଟମ୍ ଗୁଣଧର୍ମ ଉପରେ ନିର୍ଭର କରେ, ଯେଉଁଥିରେ ସୁପରପୋଜିସନ୍ ଅନ୍ତର୍ଭୁକ୍ତ। ଏହା କ୍ୱାଣ୍ଟମ୍ ବିଟ୍ କିମ୍ବା କ୍ୟୁବିଟ୍ ସୃଷ୍ଟି କରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଡ଼ିତ ହେବାର ଧାରଣା (ଏନଟାଙ୍ଗଲମେଣ୍ଟ), ଯାହା ଦ୍ୱାରା ଦୁଇ କିମ୍ବା ଅଧିକ କ୍ୱିବିଟ୍ ମଧ୍ୟରେ ସମନ୍ୱୟସ୍ଥାପନ ହୁଏ। ଏହା କ୍ୱିବିଟ୍‌ଗୁଡ଼ିକୁ କ୍ୱାଣ୍ଟମ୍ ସୂଚନା ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରେ।

ଏକ ଅତ୍ୟନ୍ତ ସହବନ୍ଧିତ ବ୍ୟବସ୍ଥାରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଏକକାଳୀନ ଅନେକ ପଥ ଅନୁସନ୍ଧାନ କରିପାରିବ। ଏହି ବୃହଦାକାର ସମାନ୍ତରାଳ ପ୍ରକ୍ରିୟାକରଣ ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟର ଏକ ଶାସ୍ତ୍ରୀୟ କମ୍ପ୍ୟୁଟର ଅପେକ୍ଷା କିଛି ସମସ୍ୟାକୁ ଅତି ଦ୍ରୁତ ଗତିରେ ସମାଧାନ କରିପାରେ। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ଅନ୍ୟ ଏକ ପ୍ରମୁଖ ପ୍ରଣାଳୀ ହେଉଛି କ୍ୱାଣ୍ଟମ୍ ହସ୍ତକ୍ଷେପ (ଇଣ୍ଟରଫେରେନ୍ସ)। କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ କ୍ୱାଣ୍ଟମ୍ ହସ୍ତକ୍ଷେପ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା କ୍ୱାଣ୍ଟମ୍ ଆଲଗୋରିଦମରେ ସଠିକ୍ ଉତ୍ତରର ସମ୍ଭାବନାକୁ ବୃଦ୍ଧି କରେ ଏବଂ ଭୁଲ ଉତ୍ତରଗୁଡ଼ିକୁ ଦମନ କରେ, ଯାହା ଗଣନାକୁ ବହୁତ ଦ୍ରୁତ କରିଥାଏ। ସୁପରପୋଜିସନ୍ ଓ ଜଡ଼ିତ କରିବା ସହିତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଏକାଥରେ ବିପୁଳ ସଂଖ୍ୟକ ସମ୍ଭାବନାକୁ ପ୍ରକ୍ରିୟାକରଣ ଓ ସଂରକ୍ଷଣ କରିପାରିବ। ସର୍ବୋତ୍ତମ ସୁପର କମ୍ପ୍ୟୁଟର ପକ୍ଷରେ ମଧ୍ୟ ଏହା ସମ୍ଭବ ନୁହେଁ।

ଯଦିଓ ଏହି ସବୁ ଉତ୍ସାହଜନକ ଲାଗୁଛି, ଏପର୍ଯ୍ୟନ୍ତ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକର ସଫଳତା ଅସ୍ୱଷ୍ଟ। ଏହା ସ୍ୱଷ୍ଟ ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ବାସ୍ତବ ଦୁନିଆରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ନୁହନ୍ତି। ସମ୍ପୂର୍ଣ୍ଣ ଉପଲବ୍ଧ ହେବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବାକୁ ପଡ଼ିବ। ତଥାପି ଏହା ଦେଖାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ଦୃଢ଼ତା ହେଉଛି ଏହାର ଦୁର୍ବଳତା। ଯୋଉ କ୍ୱାଣ୍ଟମ୍ ଗୁଣଗୁଡ଼ିକ ଯଥା ସୁପରପୋଜିସନ୍, ଏନଟାଙ୍ଗଲମେଣ୍ଟ ଏବଂ ଇଣ୍ଟରଫେରେନ୍ସ- ଏହାକୁ ଏତେ ଶକ୍ତିଶାଳୀ କରେ, ସେମାନଙ୍କ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ କରିବା ମଧ୍ୟ ଅତ୍ୟନ୍ତ କଷ୍ଟକର। କ୍ୟୁବିଟ୍‌ଗୁଡ଼ିକ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ସେଥିପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକୁ ସଠିକ୍ ଗଣନା ପାଇଁ ଆବଶ୍ୟକ କ୍ୱାଣ୍ଟମ୍ ଅବସ୍ଥା ବଜାୟ ରଖିବା ପାଇଁ ବିଶେଷ ଏବଂ ପ୍ରାୟତଃ କ୍ରାୟୋଜେନିକାଲି-ନିୟନ୍ତ୍ରିତ ପରିବେଶ ଆବଶ୍ୟକ। ତେଣୁ ଅନେକ ପରସ୍ପର ସହିତ ଜଡ଼ିତ କ୍ୱିବିଟ୍ ସହିତ ଏକ କ୍ୱାଣ୍ଟମ୍ ସିଷ୍ଟମ୍ ନିର୍ମାଣ କରିବା ଏକ ମହଙ୍ଗା ଏବଂ ଜଟିଳ ଯାନ୍ତ୍ରିକ ଆହ୍ୱାନ। କ୍ୱାଣ୍ଟମ୍ ସିଷ୍ଟମ୍ ପାଇଁ ସଫ୍ଟୱେର୍ ଏବଂ ଆଲଗୋରିଦମର ବିକାଶ ନିମନ୍ତେ ଆବଶ୍ୟକ ଉପକରଣ ଓ ଫ୍ରେମୱାର୍କର ଅତ୍ୟନ୍ତ ଅଭାବ ଅଛି।

ଏତେ ବିପୁଳ ପରିମାଣର କାମର ଆବଶ୍ୟକତା ସତ୍ତ୍ୱେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ପୂର୍ବରୁ କିଛି ଆଶ୍ଚର୍ଯ୍ୟଜନକ ସମ୍ଭାବନା ପ୍ରଦର୍ଶନ କରିସାରିଛନ୍ତି। ଉଦାହରଣ ସ୍ୱରୂପ, ଆମେରିକୀୟ ଫାର୍ମ ଡି-ୱେଭ୍ ଏହି ବର୍ଷ ଆରମ୍ଭରେ ଦାବି କରିଥିଲା ଯେ ସେମାନେ କ୍ୱାଣ୍ଟମ୍ ଚୁମ୍ବକୀୟ ପର୍ଯ୍ୟାୟ ପରିବର୍ତ୍ତନ(କ୍ୱାଣ୍ଟମ ମାଗ୍ନେଟିକ ଫେଜ ଟ୍ରାଞ୍ଜିସନ)ର ସିମୁଲେସନ୍ କରିଛନ୍ତି, ଯାହା ସବୁଠାରୁ ଶକ୍ତିଶାଳୀ ଶାସ୍ତ୍ରୀୟ ଡିଭାଇସ୍ ଦ୍ୱାରା ସମ୍ଭବ ହେବ ନାହିଁ। ଯଦି ସତ୍ୟ, ତେବେ ଏହା ପ୍ରଥମ ଥର ପାଇଁ ଏକ କ୍ୱାଣ୍ଟମ୍ କମ୍ପ୍ୟୁଟରର ଏକ ବ୍ୟବହାରିକ ସଫଳତା ବୋଲି ଧରା ହେବ। କ୍ୱିବିଟ୍ ସ୍ଥିରତା ସମସ୍ୟାର ସମାଧାନ ପାଇଁ ସାରା ବିଶ୍ୱରେ ବହୁତ ଗବେଷଣା ଓ ବିକାଶ ଚାଲିଛି। କୌଣସି ପର୍ଯ୍ୟାୟରେ ଦୃଢ଼ ଓ ନିର୍ଭରଯୋଗ୍ୟ କ୍ୱାଣ୍ଟମ୍ କମ୍ପ୍ୟୁଟର ସ୍ଥାପତ୍ୟ ପାଇଁ ଏକ ଯୁଗାନ୍ତକାରୀ ଡିଜାଇନ୍ ହେବାର ସମ୍ଭାବନା ଅଛି। ପ୍ରଚ୍ଛଦପଟରେ ବର୍ତ୍ତମାନ ବହୁତ ବୈଷୟିକ ଉନ୍ନତି ଘଟୁଛି।

ବିଶ୍ୱାସ କରାଯାଉଛି ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକୁ ବଦଳାଇବ ନାହିଁ, ଅତି କମରେ ପ୍ରାରମ୍ଭିକ ଭାବରେ ନୁହେଁ, ବରଂ ସେମାନଙ୍କ ସହିତ କାମ କରିବ। କାରଣ ପ୍ରତ୍ୟେକର ନିଜସ୍ୱ ଆପେକ୍ଷିକ ଶକ୍ତି ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକ ଔଷଧ ଆବିଷ୍କାର, ସାମଗ୍ରୀ ବିଜ୍ଞାନ, ଆର୍ଥିକ ମଡେଲିଂ, ଜଟିଳ ଅପ୍ଟିମାଇଜେସନ୍ ସମସ୍ୟା ଏବଂ ବର୍ଦ୍ଧିତ ବଡ଼ କୃତ୍ରିମ ବୁଦ୍ଧିମତ୍ତା ଏବଂ ମେସିନ୍-ଶିକ୍ଷଣ ମଡେଲ ଭଳି ନିର୍ଦ୍ଦିଷ୍ଟ ଏବଂ ଅତ୍ୟନ୍ତ ଦାବିପୂର୍ଣ୍ଣ (ଡିମାଣ୍ଡିଙ୍ଗ ) କମ୍ପ୍ୟୁଟେସନାଲ କାର୍ଯ୍ୟ ପାଇଁ ଉପଯୁକ୍ତ ହେବ। ଏଗୁଡ଼ିକ ସମସ୍ତ ଶାସ୍ତ୍ରୀୟ କମ୍ପ୍ୟୁଟର ସମ୍ବଳର ସୀମା ବାହାରେ। ଶାସ୍ତ୍ରୀୟ କମ୍ପ୍ୟୁଟରଗୁଡ଼ିକ ୱେବ୍ ବ୍ରାଉଜିଂ, ୱାର୍ଡ ପ୍ରୋସେସିଂ ଏବଂ ଡାଟାବେସ୍ ପରିଚାଳନା ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ପ୍ରାସଙ୍ଗିକ ରହିବ ଏବଂ କ୍ୱାଣ୍ଟମ୍ ସିଷ୍ଟମ ଦ୍ୱାରା ଆବଶ୍ୟକ ତଥ୍ୟ ପ୍ରସ୍ତୁତି, ଭିଜୁଆଲାଇଜେସନ୍ ଏବଂ ତ୍ରୁଟି ସଂଶୋଧନ ପରିଚାଳନା ପାଇଁ ଅତ୍ୟାବଶ୍ୟକ ହେବ।

ଶେଷରେ, ଏଠାରେ ଉଲ୍ଲେଖ କରିବା ପାଇଁ ଗୋଟିଏ ବିଶେଷ କଥା ରହିଛି। ତାହା ହେଉଛି ସାଇବର ସୁରକ୍ଷା। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ବର୍ତ୍ତମାନର ଏନକ୍ରିପ୍ସନ୍ ପଦ୍ଧତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରେ, ଯାହା ବହୁଳ ଭାବରେ ବ୍ୟବହୃତ ପବ୍ଲିକ୍-କୀ କ୍ରିପ୍ଟୋଗ୍ରାଫିକୁ ଦୁର୍ବଳ କରିବାର ଆଶଙ୍କା ରଖେ। ଏହା ଚିନ୍ତାର ବିଷୟ ଯେ ଆଜିକାଲି ହ୍ୟାକର୍ସମାନେ ଭବିଷ୍ୟତର କ୍ୱାଣ୍ଟମ୍ ଡିକ୍ରିପ୍ସନ୍ ଆଶାରେ ସେମାନଙ୍କର ଚୋରି ହୋଇଥିବା ତଥ୍ୟ ସଂରକ୍ଷଣ କରୁଛନ୍ତି। ଏହା ସତ୍ତ୍ୱେ ଆମେ ଆଶା କରିପାରିବା ଯେ କ୍ୱାଣ୍ଟମ୍ କମ୍ପ୍ୟୁଟରର ଭବିଷ୍ୟତ ଉଜ୍ଜ୍ୱଳ। ●

(ପୂର୍ବତନ ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ମାଇକ୍ରୋଓଏଭ ଚୁଲିର ଭଲ-ମନ୍ଦ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶେଷ କରି ସହରାଞ୍ଚଳମାନଙ୍କରେ ମାଇକ୍ରୋଓଏଭ ଚୁଲି ପ୍ରାୟ ଘରେ ଘରେ ବ୍ୟବହାର ହେଉଛି। ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି। ଏଥିରେ ରନ୍ଧନ ସହଜ ଓ ପରିଷ୍କାର ରହୁଥିବାରୁ ଆଦର ବଢ଼ୁଚି। କିନ୍ତୁ ଏହାର ଭଲ ଗୁଣ ଯେତିକି, ମନ୍ଦ ଗୁଣ ତା'ଠାରୁ ନିହାତି କମ ନୁହେଁ ବୋଲି ବୈଜ୍ଞାନିକମାନେ ମତ ଦେଲେଣି।

ମାଇକ୍ରୋଓଏଭ ଚୁଲିର ଉଦ୍ଭାବନ କରିଥିଲେ ଆମେରିକାର ପ୍ରସିଦ୍ଧ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ଓ ଯୋଗାଣକାରୀ କମ୍ପାନୀର ପ୍ରଯୁକ୍ତି ବିଜ୍ଞାନୀ ପର୍ସି ସ୍ପେନସର। ତପ୍ରରେ ଏ କମ୍ପାନୀ ୧୯୪୬ ମସିହାରେ ମାଇକ୍ରୋଓଏଭ ରନ୍ଧନ ପଦ୍ଧତିକୁ ସ୍ୱାଧିକାର ଭୁକ୍ତ (ପାଟେଣ୍ଟ) କଲା ଏବଂ ୧୯୪୭ ଦଶକର ପ୍ରାରମ୍ଭରେ ଲିଟନ୍ ନାମକ ଅନ୍ୟ ଏକ କମ୍ପାନୀ ଏହାର ସତ୍ତ୍ୱାଧିକାର କ୍ରୟ କରି ଆଧୁନିକ ମାଇକ୍ରୋଓଏଭ୍ ଚୁଲିମାନ ତିଆରି କରି ବଜାରକୁ ଛାଡ଼ିଲା। ଏ ଚୁଲିରେ ରନ୍ଧନ ଅନେକ ଦୃଷ୍ଟିରୁ ସୁବିଧାଜନକ। ପ୍ରଥମତଃ, ଏହା ପାରମ୍ପରିକ ପଦ୍ଧତିଗୁଡ଼ିକ ଠାରୁ କମ୍ ସମୟ ନିଏ ଏବଂ ସେଥିପାଇଁ କମ୍ ଶକ୍ତି ଆବଶ୍ୟକ କରେ। ପୁନଶ୍ଚ ଏଥିରେ ପ୍ରସ୍ତୁତ ଖାଦ୍ୟରେ ଥିବା ବିବଧ ପୁଷ୍ଟିକର। ବିଶେଷକରି, ପ୍ରୋଟିନ ଓ ଭିଟାମିନ୍ ଏହିପ୍ରକାର ରନ୍ଧନ ପ୍ରଣାଳୀରେ ସୁରକ୍ଷିତ ରହେ। ଏପରିକି ଏଥିରେ ଖାଦ୍ୟକୁ ବାରମ୍ବାର ଗରମ କଲେ ମଧ୍ୟ ତାର ପୌଷ୍ଟିକମାନ ବିଶେଷ ପ୍ରଭାବିତ ହୁଏ ନାହିଁ।

ତେବେ ଏ ରନ୍ଧନର କେତେକ ନକାରାତ୍ମକ ଦିଗ ଥିବା କଥା ବୈଜ୍ଞାନିକମାନେ ସୂଚୀତ କଲେଣି। ତଦନୁଯାୟୀ ଏଥିରେ ଖାଦ୍ୟ ଅଳ୍ପ ସମୟ ପାଇଁ ଗରମ କରାଯାଉଥିବାରୁ ତାହା ଅସମାନ ହୁଏ। ଅଧିକାଂଶ ସମୟରେ ଆମେ ଏଥିରେ ଆଗରୁ ପ୍ରସ୍ତୁତ ଖାଦ୍ୟକୁ ପୁନର୍ବାର ଗରମ କରି ଖାଇଥାଉ। ସେଥିରେ ଜୀବାଣୁ ସମେତ କିଛି ସୂକ୍ଷ୍ମଜୀବ ବଢ଼ି ପାରିଥା'ନ୍ତି। ଅସମାନ ଗରମ ସେଗୁଡ଼ିକୁ ମାରି ପାରେ ନାହିଁ। ପୁନଶ୍ଚ ମାଇକ୍ରୋଓଏଭ ଚୁଲିରେ ବାରମ୍ବାର ପ୍ରକ୍ରିୟାକରଣ ଖାଦ୍ୟରେ କିଛି ଅଜଣା ଉପଜାତ ପଦାର୍ଥ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏଗୁଡିକୁ ଆମ ଚୟାପ୍ରନ (ମେଟାବୋଲିଜିମ୍) ପ୍ରକ୍ରିୟା ବିଭାଜିତ କରିପାରେ ନାହିଁ। ଏହା ଆମ ମସ୍ତିଷ୍କର ସ୍ନାୟୁତନ୍ତୁଗୁଡ଼ିକୁ କ୍ଷତି ପହଞ୍ଚାଇ ପାରନ୍ତି। ଏହାବ୍ୟତୀତ ଏଥିରେ ରନ୍ଧା ହେଲେ ପନିପରିବାରେ ଥିବା ଖଣିଜ ଲବଣଗୁଡ଼ିକ କର୍କଟ ରୋଗକାରୀ ମୁକ୍ତ ମୂଳକ (ଫ୍ରି-ରାଡିକାଲସ୍)ରେ ପରିଣତ ହୋଇପାରନ୍ତି। ସେହିପରି ଏତଦ୍ୱାରା ଖାଦ୍ୟର ଅନ୍ୟାନ୍ୟ ପୁଷ୍ଟିକାରକ ଅଣୁଗୁଡ଼ିକର ସଂରଚନା ବଦଳି ସେମାନେ ଭିନ୍ନ ରୂପ ନେଇପାରନ୍ତି, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

ତେବେ ବର୍ତ୍ତମାନ ମାଇକ୍ରୋଓଏଭ ଚୁଲି ଆମର ଏକ 'ଅତ୍ୟାବଶ୍ୟକ ହାନିକାରୀ'ରେ ପରିଣତ ହୋଇଛି। ଏଣୁ ଏହାକୁ ଆଉ ପରିତ୍ୟାଗ କରିବା ସମ୍ଭବପର ନୁହେଁ। ଏପରିସ୍ଥଳେ ତାହା ବ୍ୟବହାର କଲାବେଳେ କେତେକ ପ୍ରତିକାର ପଦକ୍ଷେପ ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ହେଲା ଖାଦ୍ୟ ପଦାର୍ଥଗୁଡ଼ିକୁ ସମାନଭାବେ ଛୋଟ ଛୋଟ କରି କାଟିଲେ ଏଥିଷର ଭଲ ରାନ୍ଧି ହୁଏ। କାରଣ ସେଥିମଧ୍ୟକୁ ମାଇକ୍ରୋଓଏଭ ତରଙ୍ଗ ସମାନ ଭାବେ ପ୍ରବେଶ କରେ। ଏଥିରୁ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ଏଥିରେ ବ୍ୟବହୃତ ରନ୍ଧନ ପାତ୍ର କାଚ ବା ସେରାମିକ ହେବା ଦରକାର। ତାହା ଟେକା ବା ଗୋଲ ହୋଇଥିଲେ ତାହାର ଚାରିଆଡ଼େ ତାପମାତ୍ରା ସମାନ ହୁଏ। ଯେଉଁ ଖାଦ୍ୟ ଯେତିକି ସମୟ ରନ୍ଧାଯିବା କଥା ତା'କୁ ସେତିକି ସମୟ ରନ୍ଧିବା ଉଚିତ। ଏଥିରେ ମାଂସ, କୁକୁଡ଼ା ମାଂସ, ମାଛ କିମ୍ବା ଅଣ୍ଡା ରାନ୍ଧିଲେ ବିଶେଷ ସାବଧାନତା ଅବଲମ୍ବନ କରିବା ଦରକାର। ଯେତେଦୂର ସମ୍ଭବ, ଏଥିରେ ତାହା ନ ରାନ୍ଧିଲେ ଭଲ। ରାନ୍ଧିବା ଭିତରେ ଖାଦ୍ୟକୁ ଅନ୍ତତଃ ଥରେ ଘାଣ୍ଟିବା ଦରକାର। ନଚେତ୍ ତାହାକୁ ଚୁଲି ଭିତରୁ କାଢ଼ିବା ଆଗରୁ କିଛିସମୟ ରହିବାକୁ ଦେବା ଭଲ। ତା'ହେଲେ ତହିଁରେ ତାପମାତ୍ରା ସୁଷମ ରୂପେ ଆବଣ୍ଟନ ହେବା ସମ୍ଭବ ହେବ।

ମାଇକ୍ରୋଓଏଭ ଚୁଲିରେ ପ୍ଲାଷ୍ଟିକ ବାସନ ବ୍ୟବହାର ଯେତେ କମ କରାଯିବ ସେତେ ଭଲ। କାରଣ ଏ ସମୟରେ ତହିଁରୁ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ନିର୍ଗତ ହୋଇ ଖାଦ୍ୟରେ ମିଶିପାରେ। ଏଥିପାଇଁ କିଛି ବିଶେଷ ଧରଣର ମାଇକ୍ରୋଓଏଭ ନିରାପଦ ରନ୍ଧନ ପାତ୍ର ରହିଛି। ତାହାର ବ୍ୟବହାର ନିରାପଦ ବୋଲି ମନେ କରାଯାଏ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରେମିକାର ତଣ୍ଟି କାଟିଦେଲା

ବାରିପଦା/କରଞ୍ଜିଆ, ୧୦।୧୧ (ସମିସ): ଅନ୍ୟ ଜଣଙ୍କ ସହ ଫୋନ୍‌ରେ କଥା ହେବାରୁ ପ୍ରେମିକାର ତଣ୍ଟି କାଟିଦେଲା ପ୍ରେମିକ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଇଟାମୁଣ୍ଡି ଛକ ନିକଟରେ ଏଭଳି ଏକ ଘଟଣା ଘଟିଛି। ଗୁରୁତର ପ୍ରେମିକାକୁ ଯଶିପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଅଭିଯୁକ୍ତ ପ୍ରେମିକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଜଣେ ଯୁବକ ଯଶିପୁର ଥାନା ମହାରାଜପୁର ଗାଁର ଏକ ଭଡ଼ାଘରେ ରହୁଥିଲେ। ସେଠାରେ ତାଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ସବୁ ଠିକ୍‌ଠାକ୍ ଚାଲିଥିଲା। ରବିବାର ବିଳମ୍ବିତ ରାତିରେ ଯୁବତୀଜଣଙ୍କ ଅନ୍ୟ କାହା ସହ ଫୋନ୍‌ରେ ଦୀର୍ଘ ସମୟ ଧରି କଥା ହେଉଥିଲେ। ଏପଟେ ବାରମ୍ବାର ଫୋନ୍ କରି ନିରାଶ ହେବାରୁ ଯୁବକଜଣଙ୍କ ସନ୍ଦେହ କରିଥିଲେ ଏବଂ ରାତିରେ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ଫୋନ୍ କାଟିବାକୁ କହିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକଜଣଙ୍କ ଏକ ବ୍ଲେଡ୍‌ରେ ପ୍ରେମିକାର ବେକକୁ କାଟି ଦେଇଥିଲେ। ପରିବାରଲୋକ ଏହା ଜାଣିବା ପରେ ତାଙ୍କୁ ତୁରନ୍ତ ଯଶିପୁର ମେଡିକାଲରେ ଭର୍ତ୍ତି କରାଇଥିଲେ।

## ପ୍ରେମିକାକୁ ଫଟୋ ପଠାଇ ଆତ୍ମହତ୍ୟା

ବ୍ରହ୍ମପୁର, ୧୦।୧୧(ସମିସ): ବାରମ୍ବାର ମେସେଜ୍, କଲ୍ କଲେ। ଫ୍ୟାନ୍ ହୁକରେ ଗାମୁଛା ବାନ୍ଧି ଜୀବନ ହାରିବେ ବୋଲି ଧମକ ଦେଇ ତାହାର ଫଟୋ ବି ପଠାଇଲେ। କିନ୍ତୁ ପ୍ରେମିକାଙ୍କ ପକ୍ଷରୁ କୌଣସି ପ୍ରତ୍ୟୁତ୍ତର ନ ମିଳିବାରୁ ସତକୁ ସତ ଜୀବନ ହାରିଦେଲେ। ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ଅଞ୍ଚଳରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତ ଯୁବକଜଣଙ୍କ ହେଲେ,ଲକଣ୍ଠେଶ୍ୱର ସ୍କୁଲ ନିକଟସ୍ଥ ସୁବୁଦ୍ଧିସାହିର ଦଣ୍ଡପାଣି ସାହୁ(୨୨)। ସେ ପ୍ରେମନଗର ଅଞ୍ଚଳରେ ଏକ ବାର୍ ଆଣ୍ଡ ରେଷ୍ଟୋରାଁରେ କାମ କରୁଥିଲେ। ପୁଲିସ ଘଟଣାସ୍ଥଳରୁ ଦଣ୍ଡପାଣିଙ୍କ ମୋବାଇଲ ଜବତ କରିଛି।

ସୂଚନାନୁଯାୟୀ, ଦଣ୍ଡପାଣି ପାରାଦ୍ୱୀପ ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଗତ ଅକ୍ଟୋବର ମାସରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦୁଇ ବର୍ଷ ତଳେ ଦଣ୍ଡଙ୍କ ମା' ମୃତ୍ୟୁବରଣ କରିଥିଲେ। ମାଆଙ୍କୁ ଭୁଲି ନ ପାରି ମା' ପାଖକୁ ଚାଲିଯିବି ବୋଲି ସୋସିଆଲ ମିଡିଆରେ ସେ ପ୍ରେମିକାକୁ କହି ଆସୁଥିଲେ। ରବିବାର ସକାଳେ ଦଣ୍ଡପାଣି ପ୍ରେମନଗର ଅଞ୍ଚଳରେ ଥିବା ଏକ ମେସ୍ ରୁମ୍‌ରେ ରହି ପ୍ରେମିକାକୁ ବାରମ୍ବାର ଫୋନ କରିଥିଲେ। ଆତ୍ମହତ୍ୟା ଲାଗି ନିଜକୁ ପ୍ରସ୍ତୁତ କଲା ଭଳି ବିଭିନ୍ନ ଫଟୋ ପଠାଇଥିଲେ। ରୁମ୍‌ର ଅନ୍ୟ କର୍ମଚାରୀମାନେ କାମକୁ ଯାଇଥିବା ବେଳେ ଦଣ୍ଡପାଣି ଫ୍ୟାନ୍‌ରେ ଗାମୁଛା ଦେଇ ଝୁଲି ପଡ଼ିଥିଲେ। ବଡ଼ବଜାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ମହିଳାଙ୍କୁ ହତ୍ୟା କରି ଗଛରେ ଟାଙ୍ଗିଦେଲେ!

ପାଲଲହଡ଼ା, ୧୦।୧୧ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ନନ୍ଦିନୀପାଲି ଗ୍ରାମ ରାସ୍ତାପାର୍ଶ୍ୱ ଏକ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, ଗ୍ରାମର ଗୁରୁବାରୀ ନାୟକ। ରବିବାର ସନ୍ଧ୍ୟାରୁ ଗୁରୁବାରୀ କୌଣସି କାମରେ ବାହାରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ତେବେ ସୋମବାର ସକାଳେ ଗାଁ ନିକଟ ଆମ୍ବ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ସଂପର୍କରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ ତଦନ୍ତ ଆରମ୍ଭ କରିଛି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିସ୍ଫୋରଣରେ ଥରିଲା...

ଜବତ ଘଟଣାକୁ ଏହା ସହ ଯୋଡ଼ି ଦେଖାଯାଉଛି। ଏହି ବିସ୍ଫୋରଣର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ କାର୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଉଥିବା ଦେଖାଯାଉଛି। ଅନେକ ବ୍ୟକ୍ତିଙ୍କ ମୃତଦେହ ରାସ୍ତା ଉପରେ ଛିଟିକି ପଡ଼ିଥିବା ଦେଖାଯାଇଛି। ଆହତମାନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ଭାରତର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଏଭଳି ବିସ୍ଫୋରଣ ହେବା ବଡ଼ ସୁରକ୍ଷା ଅବହେଳାକୁ ଦର୍ଶାଉଛି। ଏହାପୂର୍ବରୁ ଲାଲକିଲ୍ଲା ନିକଟରେ ଦୁଇ ଥର ଆତଙ୍କବାଦୀ ଆକ୍ରମଣ ହୋଇଛି। ତେବେ ୧୪ ବର୍ଷ ପରେ ଦିଲ୍ଲୀରେ ଏହା ହେଉଛି ସବୁଠୁ ବଡ଼ ଆକ୍ରମଣ। ଏହାପୂର୍ବରୁ ୨୦୧୧ରେ ଦିଲ୍ଲୀ ହାଇକୋର୍ଟ ପରିସରରେ ବିସ୍ଫୋରଣ ଯୋଗୁଁ ୧୫ ଜଣ ପ୍ରାଣ ହରାଇଥିଲେ।

ଦିଲ୍ଲୀ ପୁଲିସ ଡିଆଇଜି କହିଛନ୍ତି ଯେ ଆଜି ସନ୍ଧ୍ୟା ୬ଟା ୫୦ ମିନିଟରେ ଏକ କାର ରେଡ ସିଗ୍ନାଲ ନିକଟରେ ଅଟକିବା ମାତ୍ରେ ଏଥିରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ ନିଆଁ ଆଖପାଖକୁ ବ୍ୟାପିଯାଇଥିଲା। ଏଥିରେ ଅନେକ କାର ଜଳିଯାଇଛି। ତେବେ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। ଉକ୍ତ କାରରେ ମଧ୍ୟ କିଛି ଲୋକ ଯାଉଥିଲେ ବୋଲି କୁହାଯାଉଛି। ଜଣେ ଆହତ ବ୍ୟକ୍ତି କହିଛନ୍ତି ଯେ ବିସ୍ଫୋରଣ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ସେ ତିନି ଥର ତଳେ ପଡ଼ି ଯାଇଥିଲେ। ଅନ୍ୟ ଜଣେ କହିଛନ୍ତି ଯେ ନିଆଁ ଗୋଳା ଉଠିବା ପରେ ସେ ଉପରେ ଛାତରୁ ତଳକୁ ଚାଲି ଆସିଥିଲେ। କ'ଣ ହେଇଛି ଜାଣିବା ପାଇଁ ଚାହିଁଥିଲେ। ଏକାଧିକ କାର୍‌ରେ ବିସ୍ଫୋରଣ ହୋଇଥିବା ସେ କହିଥିଲେ। ଏହି ବିସ୍ଫୋରଣ ସ୍ଥଳଠାରୁ ଗୁରୁଦ୍ୱାର ସିସ୍ ଗଞ୍ଜ ସାହିବ କିଛି ଶହ ମିଟର ଦୂରରେ ଏବଂ ଜାମା ମସ୍‌ଜିଦ ଏକ କିମି ଦୂରରେ ରହିଛି। ଇତିମଧ୍ୟରେ କାରର ପ୍ରଥମ ମାଲିକ ହରିଆଣାର ମହମ୍ମଦ ସଲମାନଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଦୁଇବର୍ଷ ତଳେ ସେ ଏହି କାରକୁ ଦେବେନ୍ଦ୍ର ନାମକ ଆଉ ଜଣେ ବ୍ୟକ୍ତିଙ୍କ ବିକିଥିଲେ। ଦେବେନ୍ଦ୍ର ମଧ୍ୟ ଏହାକୁ ନଦୀମ ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକିଥିବା ବେଳେ ନଦୀମ ଏହାକୁ ପୁଲୱାମାର ତାରିକଙ୍କୁ ବିକିଦେଇଥିଲେ ବୋଲି ଜଣାପଡ଼ିଛି।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ...

ଏବଂ ଅନ୍ୟ ଅଧିକାରୀଙ୍କ ସହ କଥା ହୋଇ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବିସ୍ଫୋରଣ ସମ୍ପର୍କରେ ଅମିତ ଶାହା ମୋଦୀଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି। ଦିଲ୍ଲୀ ପୁଲିସ କମିଶନର, ଏନଆଇଏ ମୁଖ୍ୟ ଏବଂ ଗୁଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ନିୟମିତ ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ଥିତି ବିଷୟରେ ଅବଗତ କରାଉଛନ୍ତି।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘଟଣାର କଡ଼ା ନିନ୍ଦା କହିଛନ୍ତି, ଏଭଳି ଅମାନବୀୟ ଘଟଣାକୁ ଭାରତ କେବେ ବରଦାସ୍ତ କରିନାହିଁ, କି କରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଶ୍ଚିତ ଭାବେ ଏ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କୁ ଦଣ୍ଡବିଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୁଲିସ ମହାନିର୍ଦ୍ଦେଶକଙ୍କ ସହିତ ଟେଲିଫୋନ ଯୋଗେ ଆଲୋଚନା କରି ଓଡ଼ିଶାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଓଡ଼ିଶାରେ ବାଲିଯାତ୍ରା ପରି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ, ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ରାଜ୍ୟର ପ୍ରମୁଖ ସହର ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ବିସ୍ଫୋରକ, ରାଇଫଲ...

ପ୍ରଦେଶ, ହରିଆଣା ଓ ଗୁଜରାଟ ପୁଲିସର ମିଳିତ ଅପରେସନରେ ଏମାନଙ୍କୁ ଗିରଫ କରାଯାଇଛି। ଏହି ୪ ରାଜ୍ୟର ମିଳିତ ପୁଲିସ ଟିମ୍ ଗତ ୧୫ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଗତମାସ ୧୯ ତାରିଖରେ କଶ୍ମୀରର ବିଭିନ୍ନ ସ୍ଥାନରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସର ପ୍ରଚାରପତ୍ର ଲାଗିଥିଲା। ଏହାପରେ ପୁଲିସ ଏହିଠାରୁ ଆରମ୍ଭ କରିଥିଲା ସ୍ୱତନ୍ତ୍ର ଅଭିଯାନ।

ନଭେମ୍ବର ୭ରେ ଜମ୍ମୁ-କଶ୍ମୀର ପୁଲିସ ଉତ୍ତର ପ୍ରଦେଶର ସହାରନପୁରରୁ ଡାକ୍ତର ଆଦିଲ ଅହମ୍ମଦକୁ ଗିରଫ କରିଥିଲା। ସେ କଶ୍ମୀର ଅନନ୍ତନାଗର ବାସିନ୍ଦା। ସେ ଅନନ୍ତନାଗର ସରକାରୀ ମେଡିକାଲ କଲେଜରେ ପ୍ରାକ୍ଟିସ କରୁଥିଲା। ।୨୦୧୪ ସେ ଏଠାରୁ ଇସ୍ତଫା ଦେବା ସହ ସାହାରନପୁରରେ ପ୍ରାକ୍ଟିସ କରୁଥିଲା।। ତାର ପର୍ସନାଲ ଲକରରୁ ଏକେ-୪୭ ରାଇଫଲ ମିଳିଥିଲା। ସେହିଭଳି ଡାକ୍ତର ମୁଜାମ୍ମିଲ ହରିଆଣାର ଫରିଦାବାଦ୍‌ର ଅଲଫଲାହ ସ୍କୁଲ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପଢ଼ାଉଥିଲା।। ତାକୁ ଉତ୍ତରପ୍ରଦେଶର ସାହାରନପୁରରେ ଗିରଫ କରାଯାଇଛି। ମୁଜାମ୍ମିଲ ଫରିଦାବାଦ୍‌ର ଧୋଜ ଗାଁରେ ୩ ମାସ ତଳେ ଘରଭଡ଼ା ନେଇଥିଲା।। ସେ ଏଠାରେ ରହୁ ନଥିଲେ ମଧ୍ୟ କେବଳ ଜିନିଷପତ୍ର ରଖୁଥିଲା। ନଭେମ୍ବର ୯ରେ ଚଢ଼ାଉ କରାଯାଇ ମୁଜାମ୍ମିଲ ଘରର ତଲାସି ନିଆଯାଇଥିଲା ବୋଲି ଫରିଦାବାଦ୍ ପୁଲିସ କମିଶନର ସତେନ୍ଦ୍ର କୁମାର ଗୁପ୍ତା କହିଛନ୍ତି। ଏଥିରେ ୩୬୦ କେଜିର ବିସ୍ଫୋରକ ଜବତ କରାଯାଇଥିଲା। ଏହା ଆମୋନିୟମ ନାଇଟ୍ରେଟ। କିନ୍ତୁ ଏହା ଆରଡିଏକ୍ସ ନୁହଁ ବୋଲି ସ୍ପଷ୍ଟ କରାଯାଇଛି। ଗିରଫ ହୋଇଥିବା ଅନ୍ୟତମ ଡାକ୍ତର ହେଉଛି ଲକ୍ଷ୍ନୌର ମହିଳା ଡାକ୍ତର ସାହିନ ସହିଦ। ତାକୁ ଫରିଦାବାଦରୁ ଗିରଫ କରାଯାଇଛି। ତା କାରରୁ ରାଇଫଲ ଓ କ୍ୟାଟ୍ରିଜ ଜବତ କରାଯାଇଛି। ଏହାପୂର୍ବରୁ ୭ ତାରିଖରେ ହାଇଦ୍ରାବାଦର ଡାକ୍ତର ଅହମଦ ସୟିଦକୁ ଗୁଜରାଟ ପୁଲିସ ଗିରଫ କରିଥିଲା। ତା ପାଖରୁ ପିସ୍ତଲ ଓ କ୍ୟାଟ୍ରିଜ ଜବତ କରାଯାଇଛି।

ଆତଙ୍କବାଦୀ ଗତିବିଧି ସହିତ ଜଡିତ ବହୁ ଜିନିଷପତ୍ର ସହିତ ୨୦ ଟାଇମର୍ସ, ବେଟୋରୀ ମଧ୍ୟ ସେମାନଙ୍କ ଠାରୁ ଜବଦ କରାଯାଇଛି। ଆସଲ୍ଟ ରାଇଫଲ, ୩ ମ୍ୟାଗାଜିନ, ୮୩ ଗୁଳି, ଗୋଟିଏ ପିସ୍ତଲ ଓ ତା'ର ୮ ରାଉଣ୍ଡ ଗୁଳି, ୨ଟି ଖାଲି ଗୁଳି ଓ ଦୁଇଟି ଅତିରିକ୍ତ ମ୍ୟାଗାଜିନ ଜବତ କରାଯାଇଛି। ଜାତୀୟ ସୁରକ୍ଷା ଦୃଷ୍ଟିରେ ରଖି ଏ ନେଇ ଅଧିକ ସୂଚନା ଦେବାକୁ ମନା କରିଦିଆଯାଇଛି।

## ଶେଷ ପର୍ଯ୍ୟାୟ...

ବିଧାନସଭା କ୍ଷେତ୍ରକୁ ବ୍ୟାପିଥିବା ଏହି ଅଞ୍ଚଳ ସରକାର ଗଠନ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହୋଇପାରେ। ଆରଜେଡି ନେତୃତ୍ୱାଧୀନ କଂଗ୍ରେସ ଏଠାରେ ମଜବୁତ ସ୍ଥିତିରେ ଥିବାବେଳେ ଚଳିତ ଥର ଏଆଇଏମଆଇଏମ ଏବଂ ଜନସୁରାଜ ଏହି ମହାମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ମୁସଲମାନ ଏବଂ ଯାଦବଙ୍କ ବହୁଳ ଏହି କ୍ଷେତ୍ରରେ ଏନ୍‌ଡିଏ ବ୍ୟାକ୍‌ଫୁଟରେ ଅଛି। ଗତ ନିର୍ବାଚନରେ ସୀମାଞ୍ଚଳର ୫ ଆସନରେ ଏଆଇଏମଆଇଏମ ବିଜୟୀ ହୋଇ ସମସ୍ତଙ୍କୁ ଚକିତ କରିଦେଇଥିଲା। ଚଳିତ ଥର ଅଧିକ ଆସନରେ ଜିତିବାକୁ ଏହି ଦଳ ଆଶାବାଦୀ ରହିଛି। କିନ୍ତୁ ଜନସୁରାଜ ଏଥିରେ କିଛି ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ୬୫ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏଥିରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିଲେ। ଏମାନଙ୍କ ଭୋଟ୍ ନୂଆ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

## ଆଜି ନୂଆପଡ଼ା...

ଭୋଟର ଥିବାବେଳେ ୧ଲକ୍ଷ ୨୯ ହଜାର ୯୩୨ଜଣ ମହିଳା ଭୋଟର ଏବଂ ୨୧ଜଣ ତୃତୀୟଲିଙ୍ଗୀ ମତଦାତା ନିଜର ମତଦାନ କରିବାକୁ ଯାଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ମତଦାନ ପ୍ରକ୍ରିୟାରେ ମୋଟ୧୫୮୪ଜଣ କର୍ମଚାରୀ ଭାଗ ନେଉଛନ୍ତି। ସେହିପରି ମତଦାନ ପ୍ରକ୍ରିୟା ପରିଚାଳନାରେ ନିର୍ବାଚନ ମଣ୍ଡଳୀରେ ମୋଟ ୧୫୮୪ଜଣ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ମୋଟ ୩୫୮ଟି ବୁଥ୍‌ରେ ୧୫୫୨ଜଣ ପୁରୁଷ ଏବଂ ୩୨ଜଣ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୋଟ୍ ବୁଥ ଗୁଡ଼ିକ ମଧ୍ୟରୁ ୬ଟି ସଖି(ପିଙ୍କ) ବୁଥ୍ ରହିଥିବାବେଳେ ଏଥି ସକାଶେ ୮ଟି ପାର୍ଟି ବ୍ୟବସ୍ଥା କରାଯାଇଛି। ମତଦାନକୁ ନିରପେକ୍ଷ ଏବଂ ଅବାଧ କରିବାକୁ ନୂଆପଡ଼ାକୁ ନିର୍ବାଚନ ମଣ୍ଡଳୀ ବାହାର ଅର୍ଥାତ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରୁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାରେ ମୋଟ ୩୫୮ଟି ବୁଥ୍‌ରେ ଭୋଟଗ୍ରହଣ କରାଯାଉଥିବାବେଳେ ଏଥିରୁ ୪୭ଟି ମାଓବାଦୀ ପ୍ରଭାବିତ ବୁଥ୍ ରହିଥିବା ତଥ୍ୟ ରହିଛି। ତନ୍ମଧ୍ୟରୁ ୮ଟି ବୁଥ ଦୁର୍ଗମ ଅଞ୍ଚଳରେ ଥିବା ଯଥା ୩୨୦ନମ୍ବର ବୁଥ୍ ସୋସେଙ୍ଗ ସେବାଶ୍ରମ, ସୋସେଙ୍ଗ-୨, ଦେଓସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁନାବେଡା -୧, ସୁନାବେଡା ସେବାଶ୍ରମ ୧(କ), ଜାମଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗାତିବେଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ- ୧, ଗାତିବେଡା ୨ ପାଇଁ ହେଲିକପ୍ଟର ଯୋଗେ ପୋଲିଂ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିଆଯାଇଛି। ଏହାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଏସପି ଅମ୍ରିତ ପାଲ ସିଂ ଉପସ୍ଥିତ ରହି ପ୍ରତ୍ୟକ୍ଷ ମାର୍ଗଦର୍ଶନ କରିଥିଲେ। ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ନିରପେକ୍ଷ କରିବାକୁ ବ୍ୟାପକ ପୁଲିସ ବଳ ନିୟୋଜିତ କରାଯାଇଛି। ଏଥିରେ ମୋଟ୍ ୧୨୩୧ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଣେ ଏସ୍‌ପି, ଏଏସ୍‌ପି, ୬ଜଣ ଡିଏସପି, ୯ଜଣ ଇନ୍ସପେକ୍ଟର, ୩୭ଜଣ ହାବିଲଦାର, ୧୨୩ଜଣ ଓଆର କନଷ୍ଟେବଲ, ୪୧ଜଣ ଏପିଆର କନ୍‌ଷ୍ଟେବଲ, ୩୭ଜଣ ଓଏପିଏଫ, ୫୭ଜଣ ହୋମଗାର୍ଡ ନିୟୋଜିତ ରହିଥିବା ଏକ ସୂତ୍ରରୁ ପ୍ରକାଶ। ଏହାବ୍ୟତୀତ ୧୪ କମ୍ପାନୀ ସିଏପିଫ, ୬ ପ୍ଲାଟୁନ ୨ସେକ୍ସନ ଏସପି ନିୟୋଜିତ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ସମ୍ବୋଧିତ କରିବେ...

ଏହାର ପରଦିନ ଅର୍ଥାତ୍ ୨୮ ତାରିଖରେ ୨୦୨୫ - ୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବ। ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟ ଦିବସ ଥିବାବେଳେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦୃଷ୍ଟିରୁ ଅଧିବେଶନଟି ଐତିହାସିକ ହେବାକୁ ଯାଉଛି।

ବିଜ୍ଞପ୍ତି ଅନୁଯାୟୀ ୨୮ ତାରିଖରେ ଅତିରିକ୍ତ ବଜେଟ ଆଗତ ହେବା ପରେ ଏହା ଉପରେ ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ଏହାପରେ ୭ ତାରିଖ ଛୁଟି ଥିବାବେଳେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ବିଧାନସଭାର ଏକ ଅଧିବେଶନକୁ କୌଣସି ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧନ କରିବା ପ୍ରଥମ ଘଟଣା। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖାଯାଇ ବିଧାନସଭା ପରିସରକୁ ନୂଆ ରୂପ ଦିଆଯାଉଛି। ବିଶେଷକରି ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ସଦସ୍ୟ ତଥା ମନ୍ତ୍ରୀ ଥିବାବେଳେ ଯେଉଁ କୋଠରୀରେ ବସୁଥିଲେ, ତାହାର ନବୀକରଣ କରାଯାଉଛି। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅତୀତରେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଧାନସଭାକୁ ପ୍ରତିନିଧିତ୍ୱ କରିଥିବା ବେଳେ ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

## ନିରବ ଅବଧିରେ...

ପରିଚାଳନା ଗଣତନ୍ତ୍ରର ପ୍ରକୃତ ପରିଚୟ। ଅତଏବ ନୂଆପଡ଼ା ଉପନିର୍ବାଚନର ବିଶ୍ୱସନୀୟତା ରକ୍ଷା ପାଇଁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭାରତୀୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶାବଳୀ ଅନୁସାରେ ସାଇଲେଣ୍ଟ ପିରିୟଡ ଆରମ୍ଭ ହେଲେ ବାହାର ଅଞ୍ଚଳର ରାଜନୈତିକ ନେତା ଓ ପ୍ରଚାରକମାନଙ୍କୁ ନିର୍ବାଚନମଣ୍ଡଳୀରୁ ବାହାରିବାକୁ ପଡ଼େ। ମାତ୍ର ବିଜେପିର ନିର୍ବାଚନମଣ୍ଡଳୀ ବାହାରର ମନ୍ତ୍ରୀ, ବିଧାୟକ ଏବଂ ନେତାମାନେ ନୂଆପଡ଼ାରେ ଅବାଧ ଭାବେ ଘୁରି ବୁଲୁଛନ୍ତି। ସେମାନେ ଅସତ୍ ଉପାୟରେ ଭୋଟ ଦାତାମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା ଯେ ସ୍ଥାନୀୟ ବିଜେଡି ନେତାମାନେ ଯେତେବେଳେ ଏହାର ବିରୋଧରେ ସ୍ୱର ଉଠାଉଛନ୍ତି ସେମାନଙ୍କୁ ପୁଲିସ ଅଟକ ରଖୁଛି। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ପୁଲିସ ଏକ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପରିବର୍ତ୍ତେ କିପରି ସରକାରୀ ଦଳର ସ୍ୱାର୍ଥ ପୂରଣ ପାଇଁ ପଡ଼ିଥିବା ଏଥିରୁ ସ୍ପଷ୍ଟ ସୂଚୀତ ହେଉଛି। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏପରି ଘଟଣା ଆଘାତ ପହଞ୍ଚାଇବା ସହ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଥିବା ବିଶ୍ୱାସକୁ ମଳିନ କରୁଛି। ଏହା ଜାରି ରହିଲେ ନୂଆପଡ଼ା ଉପନିର୍ବାଚନର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ। ତେଣୁ ଏହାକୁ ରୋକିବା ଦିଗରେ ଭାରତୀୟ ନିର୍ବାଚନ ଆୟୋଗ ତୁରନ୍ତ କେତେକ ପଦକ୍ଷେପ ନେବାକୁ ନବୀନ ଅନୁରୋଧ କରିଛନ୍ତି। ୩୬ ଘଣ୍ଟାର ମୌନ ପର୍ଯ୍ୟାୟକୁ କଡ଼ାକଡ଼ି ଲାଗୁ କରିବା ସହ ବିଜେପିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ନିର୍ବାଚନ କ୍ଷେତ୍ର ଛାଡ଼ିବା ନିର୍ବାଚନ ଆଚରଣବିଧି ଅନୁଯାୟୀ ସୁନିଶ୍ଚିତ କରାଯାଉ। ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବା ପାଇଁ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସକୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ବିଜେପି ଦ୍ୱାରା ହେରଫେର ହେବାର ଆଶଙ୍କା ନେଇ ବିଜେଡି ଏବଂ ଅନ୍ୟ ରାଜନୈତିକ ଦଳ ପକ୍ଷରୁ ତାଲିକାରେ ଦିଆଯାଇଥିବା ସମ୍ବେଦନଶୀଳ ବୁଥ୍ ଉପରେ ମଧ୍ୟ ସ୍ୱତନ୍ତ୍ର ନଜର ରଖାଯାଉ ବୋଲି ନବୀନ ନିଜ ଦାବି କରିଛନ୍ତି। ସେ କହିଛନ୍ତି ଯେ ପୂର୍ବଜମାନଙ୍କ ବହୁ ତ୍ୟାଗ ଓ ସଂଘର୍ଷ ବଳରେ ଆମେ ଭାରତର ଜନସାଧାରଣମାନେ ଏହି ଗଣତନ୍ତ୍ର ପାଇଛୁ। ଏହିପରି ସମୟରେ ପ୍ରତ୍ୟେକ ପ୍ରତିଷ୍ଠାନ, ବିଶେଷକରି ନିର୍ବାଚନ ଆୟୋଗ, ଗଣତନ୍ତ୍ରର ପବିତ୍ରତା ରକ୍ଷା କରିବା ଏବଂ ଏହାର ସୁରକ୍ଷା କରିବା ହେଉଛି ପ୍ରଧାନ କର୍ତ୍ତବ୍ୟ ବୋଲି ନବୀନ ନିଜ ଟୁଇଟରେ ଉଲ୍ଲେଖ କରିଛନ୍ତି।

## ନକଲି ଘିଅ ଦେଇଥିଲା...

ଲହୁଣୀ କିଣି ନ ଥିଲା। ଏହାସତ୍ତ୍ୱେ ଘିଅ ଏବଂ ଲହୁଣୀ ଯୋଗାଣ କରୁଥିଲା। ଏହି କମ୍ପାନୀର ମାଲିକ ପମ୍ମିଲା ଜୈନ ଏବଂ ବିପିନ ଜୈନ ଜାଲ୍ ଘିଅ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲା। ଘିଅ ଏବଂ ଲହୁଣୀ କ୍ରୟ କରାଯାଇଥିବାର ନକଲି ବିଲ୍ ପ୍ରସ୍ତୁତ କରାଯାଇଥିଲା। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଅଜୟ କୁମାର ସୁଗନ୍ଧକୁ ଜେରା କରାଯାଇଥିଲା। ସେ ମୋନୋଡିଗ୍ଲିସରାଇଡ୍‌ସ ଏବଂ ଏସିଟିକ ଏସିଡ ଏଷ୍ଟର ଭଳି କେମିକାଲ ଯୋଗାଣ କରୁଥିବା ସ୍ୱୀକାର କରିଛି। ଏହାକୁ ମିଶାଇ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା। ୨୦୨୨ରେ ଟିଟିଡିର ଅଭିଯୋଗ କ୍ରମେ ଏହି ଭୋଲେ ବାବା ଡାଏରୀକୁ କଳାତାଲିକାଭୁକ୍ତ କରାଯାଇଥିଲା। ପରେ ଏହି ଗ୍ରୁପ ଆଉ ଏକ କମ୍ପାନୀ ଗଠନ କରିଥିଲା ଏବଂ ମନ୍ଦିରକୁ ଘିଅ-ଲହୁଣୀ ଯୋଗାଣ ଜାରି ରଖିଥିଲା। ଏଥିରେ ବୈଷ୍ଣବୀ ଡାଏରୀ (ତିରୁପତି), ମାଲ ଗଙ୍ଗା ଡାଏରୀ (ଉତ୍ତର ପ୍ରଦେଶ) ଏବଂ ଏଆର ଡାଏରୀ ଫୁଡ୍ସ (ତାମିଲନାଡୁ) ସାମିଲ ରହିଛି। ସିବିଆଇ ଏବଂ ଏଫଏସଏସଏଆଇର ତଦନ୍ତରୁ ଜଣାପଡ଼ିଛି ଯେ ଘିଅରେ ପଶୁ ଚର୍ବି ମିଶା ଯାଉଥିଲା। ୨୦୨୪ ଜୁଲାଇରେ ଟିଟିଡି ଏଆର ଡାଏରୀର ଚାରୋଟି ଟ୍ୟାଙ୍କରକୁ ଗ୍ରହଣ କରି ନ ଥିଲା। କିନ୍ତୁ ଏହି ଟ୍ୟାଙ୍କରକୁ ଫେରାଇ ନେବା ପରିବର୍ତ୍ତେ ବୈଷ୍ଣବୀ ଡାଏରୀ ନାମରେ ପଠାଇ ଦିଆଯାଇଥିଲା। ଗୁଜରାଟର ଏକ ଲ୍ୟାବ୍ ରିପୋର୍ଟରେ ଜଣାପଡ଼ିଥିଲା ଯେ ଏଆର ଡାଏରୀର ଘିଅରେ ମାଛ ତେଲ, ଗୋଚର୍ବି, ଲାଳ ମିଶା ଯାଉଥିଲା। ଏଥିପାଇଁ ଲାଞ୍ଚ କାରବାର ହେଉଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ ୫୦ ଲକ୍ଷ ଟଙ୍କା ଲୁଚାଇ ଟ୍ରାନ୍ସଫର କରାଯାଇଥିଲା। ଏହି ରାଶି ୱାଇଏସଆର କଂଗ୍ରେସର ପୂର୍ବତନ ସାଂସଦ ତଥା ଟିଟିଡିର ପୂର୍ବତନ ଅଧ୍ୟକ୍ଷ ୱାଇଭି ସୁଭା ରେଡ୍ଡୀଙ୍କ ବ୍ୟକ୍ତିଗତ ସହାୟକ ଚିନ୍ନପନ୍ନାଙ୍କୁ ଦିଆଯାଇଥିଲା। ଦିଲ୍ଲୀର ଦୁଇଟି ଅଲଗା ଅଲଗା ଟ୍ରାଞ୍ଜାକ୍ସନରେ ଏଜେଣ୍ଟ ଅମନ ଗୁପ୍ତାଠାରୁ ୨୦ ଲକ୍ଷ ଟଙ୍କା ଏବଂ ବାକି ଟଙ୍କା ଏଗ୍ରି ଫୁଡ୍ସର ଅଧିକାରୀ ବିଜୟ ଗୁପ୍ତାଙ୍କଠାରୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦାବି କରିଥିଲେ ଯେ ପୂର୍ବତନ ଜଗନ ମୋହନ ରେଡ୍ଡୀଙ୍କ ସରକାରର ସମୟରେ ପଶୁ ଚର୍ବି ଥିବା ଘିଅ ଲଡୁ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା। ଏହି ମାମଲା ସେତେବେଳେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ରାଜନୀତି ଏବଂ ଧର୍ମକୁ ମିଶାଇବା ଭୁଲ୍ ବୋଲି କୋର୍ଟ କହିଥିଲେ। ମାମଲାର ତଦନ୍ତ ପାଇଁ ସିବିଆଇ, ରାଜ୍ୟ ପୁଲିସ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ମିଳିତ ଟିମ ଗଠନ କରିଥିଲେ।

## ବିରାଦରୀ ପ୍ରୀତି...

୨୦ ବରିଷ୍ଠ ଆଇପିଏସ୍, ୪୫୦ ଓପିଏସ୍ ପାହ୍ୟାର ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଏଡ଼ିଜି, ସିସିଟିଭି ଲଗାଇବା ଦାୟିତ୍ୱରେ ଥିବା ଏଡିଜି (ମୁଖ୍ୟାଳୟ ଓ କମ୍ୟୁନିକେସନ)ଙ୍କୁ ରିପୋର୍ଟରେ କ୍ଲିନ୍‌ଚିଟ୍ ଦିଆଗଲା। ଅର୍ଥାତ୍ ରଥଯାତ୍ରାରେ ଯାହା ସବୁ ଘଟଣା ଘଟିଲା, କେବଳ ଏହି ସାତ ଜଣକ କନିଷ୍ଠ ଅଧିକାରୀଙ୍କ ପାଇଁ ଓ ଏଥିରେ ଅନ୍ୟମାନଙ୍କର କୌଣସି ଭୂମିକା ନାହିଁ। ରଥଯାତ୍ରାରେ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମଥର ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ସହ ଏଆଇ ସିସିଟିଭି କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୫ ମେଗାପିକ୍ସଲର ୨୮୨ଟି ଏଆଇ କ୍ୟାମେରା ଲଗାଯିବା ପାଇଁ ୮୮ ଲକ୍ଷ ଟଙ୍କା ବରାଦ ବି କରାଗଲା। ମାତ୍ର ୨୮୨ କ୍ୟାମେରା ବଦଳରେ ମାତ୍ର ୧୭୦ଟି କ୍ୟାମେରା ଲାଗିଲା ଓ ଯେଉଁ କ୍ୟାମେରା ଲଗାଗଲା, ତାହାର ମେଗାପିକ୍ସଲ ଓ ଫଟୋର ମାନ ଥିଲା ଅତ୍ୟନ୍ତ ଖରାପ। ୫ ମେଗାପିକ୍ସଲ ବଦଳରେ ୨ ମେଗାପିକ୍ସଲ କ୍ୟାମେରା ଲଗାଯାଇଥିବା ପରେ ଜଣାପଡ଼ିଲା। ମୋଟାମୋଟି ଦେଖିଲେ ଭିଡ଼, ଦଳାଚକଟା, ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପଛରେ ଏଆଇ କ୍ୟାମେରା ପରିଚାଳନାରେ ଦାୟିତ୍ୱହୀନତା ପ୍ରମୁଖ କାରଣ ହୋଇଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତଦନ୍ତ ରିପୋର୍ଟରେ ଏକପ୍ରକାର କ୍ଲିନ୍‌ଚିଟ୍ ଦିଆଯାଇଥିବା ଅଭିଯୋଗ ହୋଇଛି। କାହିଁକି କମ୍ କ୍ୟାମେରା ଲାଗିଲା, କ୍ୟାମେରାର ମେଗାପିକ୍ସଲ କିଏ ଓ କାହିଁକି ପରିବର୍ତ୍ତନ କଲେ, କ୍ୟାମେରା ଲଗାଇଥିବା ସମ୍ପୃକ୍ତ ଠିକା ସଂସ୍ଥାକୁ ବାଛିଥିବା ଅଧିକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିସିଟିଭି ଲଗାଇବା ନିମନ୍ତେ ଠିକା ସଂସ୍ଥା ଚୟନ ଦାୟିତ୍ୱରେ ଥିବା ତତ୍କାଳୀନ ପୁଲିସ ଏଡିଜି (ହେଡ଼କ୍ୱାର୍ଟର ଓ କମ୍ୟୁନିକେସନ)ଙ୍କୁ ଏ ସମ୍ପର୍କରେ ପ୍ରଶ୍ନଟିଏ ବି କରାଯାଇ ନାହିଁ। କନିଷ୍ଠ ପୁଲିସ କର୍ମଚାରୀଙ୍କୁ ବଳି ଦେଇ ତାଙ୍କୁ ପୂରା ଦୋଷମୁକ୍ତ କରି ଦିଆଯାଇଛି। ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ବିରାଦରୀ ପ୍ରୀତି ଯୋଗୁଁ ରିପୋର୍ଟ ନିରପେକ୍ଷତାର ଊର୍ଦ୍ଧ୍ୱକୁ ଉଠି ପାରି ନ ଥିବା ଅଭିଯୋଗ ହୋଇଛି।

ଅନୁରୂପ ଭାବରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରୀତିନୀତି ପରିଚାଳନାରେ ହୋଇଥିବା ଅବ୍ୟବସ୍ଥା ଓ ପହୁଡ଼ ବେଳେ ଉପଯୁକ୍ତ ପରିମାଣର ପୁଲିସ ମୁତୟନ କରା ନ ଯିବା ମଧ୍ୟ ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିଥିଲା। ସବୁଠାରୁ ସ୍ପର୍ଶକାତର ଘଟଣାଟି ଘଟିଥିଲା ଶରଧାବାଲିରେ। ରଥଯାତ୍ରା ଦିନ ରାତିରେ ଶୋଇଥିବାବେଳେ ଶରଧାବାଲିରେ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ଘଟଣାକୁ ସମ୍ପୂର୍ଣ୍ଣ ଗୁରୁତ୍ୱହୀନ କରି ଦିଆଯାଇଛି। କାହିଁକି ସେଠାରେ ଭିଡ଼ ଏକାଠି ହେବାକୁ ଦିଆଗଲା, ଦାୟିତ୍ୱରେ ଥିବା ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ କ'ଣ କରୁଥିଲେ, ଏଆଇ କ୍ୟାମେରାର ଭୂମିକା ଏଠାରେ କ'ଣ ଥିଲା ଏବଂ ଦଳାଚକଟା ସମୟରେ ଓ ଦଳାଚକଟା ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ କୁଆଡ଼େ ଯାଇଥିଲେ ତାହାର ଉତ୍ତର କାହାରି ପାଖରେ ନାହିଁ। ତଦନ୍ତ ରିପୋର୍ଟରେ ଏଥିପାଇଁ କେବଳ କେଇଜଣ କନିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ଯେଉଁ ବରିଷ୍ଠ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନେ କାହିଁକି ଉତ୍ତରଦାୟୀ କରାଯାଇ ନାହିଁ; ସେ ସମ୍ପର୍କରେ ସ୍ୱାଭାବିକ ପ୍ରଶ୍ନ ଉଠିଛି।


**NOTICE**

By virtue of an affidavit sworn before Executive Magistrate, Banpur, Vide No.- 4068, dated- 06/11/2025 I, Adeitya Baghasingh, Address:- S/o- Prasanna Baghasingh, At- Paladhuapalli, Po.- Ayatpur, Ps.- Nachuni, Dist.- Khordha, Odisha, Pin- 752035, declare that I have changed my name from **Ajita Baghasingh** to **Adeitya Baghasingh**. Henceforth, I shall be known as **Adeitya Baghasingh** for all purposes.

Adeitya Baghasingh

**AFFIDAVIT**

**I, Sri Rajesh Kumar Behera, S/o- Sri Chandra Sekhar Behera, R/o At/PO- Bijabandali, PS- Ambadola, Dist.- Rayagada declare that from now onwards my wife named Kshirodara shall be known as KSHIRODRA for all legal purposes by an affidavit No.384 sworn on Dt.09.06.2025.**

**AFFIDAVIT**

I, Rajib Lochan Ratha, S/o- Niranjan Ratha, resident of Po/Ps-Bhanjpur, Baripada, Mayurbhanj, Pin-757002, Odisha declare by this affidavit No. 1373 dtd- 31/10/25 that I will be known and signed as Rajib Lochan Ratha for all future purpose instead of Rajib Lachan Ratha, that reflects in my Matric Certificate.

**AFFIDAVIT**

I, Hasamtun Nisha, aged about 42 years, W/o- Fazle Karim, resident of At- Mahemudabad, Po- Kerang, Ps/Dist- Khurda, Odisha, Pin- 752055 declare by this affidavit No. 2281, dtd- 10/11/2025, that now onwards I shall be known as **HASMATUN NISHA** for all future purposes.

**AFFIDAVIT**

By virtue of an affidavit (CF No. 8003, date- 04/11/2025 sworn before the Executive Magistrate, Jharsuguda. I, **Basanti Nayak,** W/o- Keshab Parida, permanent resident of At- A.N. Guhalane, Laxmi Narayan Lane, PO: Budharaja, PS: Town, Dist: Sambalpur, PIN- 768004, Odisha declare that I have changed my minor daughter's name from **Nivedita Parida** (old name) to **Siddhi Parida** (new name). Henceforth, she shall be known as **Siddhi Parida** (new name) for all purposes.

**Basanti Nayak**

**AFFIDAVIT**

By virtue of an affidavit sworn before The Executive Magistrate, Panposh, Uditnagar, Rourkela , date- 23/05/2025. I, **Santosh Kumar Mohanty,** permanent resident of Qr No. D-418, Koelnagar, PO: Saktinagar, PS: Jhirpani, Rourkela, Dist: Dundargarh, PIN: 769014 Odisha declare that I have changed my minor son's name from **Rohan Mohnaty** to **Swarit Mohanty**. Henceforth, he shall be known as **Swarit Mohanty** (new name) for all purposes.

**Santosh Kumar Mohanty**

**AFFIDAVIT**

By virtue of an affidavit sworn before The Executive Magistrate, Deogarh, date- 31/10/2025. I, **Prema Manjari Acharya,** W/o Sribatsha Kumar Acharya, resident of Deogarh Town, Panda Sahi, New Colony, Ward No.2, PO/PS: Deogarh, Tahasil/Dist: Deogarh, Pin: 768108, Odisha declare that I have changed my name from **Premalata Acharya to Prema Manjari Acharya.** Henceforth, I shall be known as **Prema Manjari Acharya** (new name) for all purposes.

**Prema Manjari Acharya**

**AFFIDAVIT**

By virtue of an Affidavit No.6588 dt.04.07.2025 before the Executive Magistrate, Bhadrak I, Balaram Rout, aged 34 years, S/o-Nirmal Rout, At- Ajimatpur, Po-Ananda Bazar, Ps-Dhamnagar, Dist- Bhadrak have declare that my previous nick name was Deepak Kumar Jena S/o-Antaryami Jena and accordingly in my service documents at ATG Tyre Pvt. Ltd. has maintained, but my real name is Balaram Rout S/o-Nirmal Rout. Aadhaar No.6892 3027 4597 and both Deepak Kumar Jena S/o- Antaryami Jena is one and same person and both the names are belong to the deponent and I am known as Balaram Rout S/o-Nirmal Rout for all future purposes.

**Sd/- Balaram Rout**

**JOB VACANCY**

Advertisement Ref no- BWFPC/2025-26/026
Marketing Manager (01 no's): Experienced; Graduate (Age limit 40)
**Rs- 15,000/- to 16,000/-**
Accountant (01 no's): Experienced; Graduate in Commerce (Age limit40)
**Rs-8,000/- to 10,000/-.**
Send CVs through Email Id- **bonaigadawomenfpc@gmail.com** or Postal through registered office address C/c - Jaimati Kisan, At/Po Sarsara Bolang, Block Bonaigarha Dist-Sundargarh Postal - 770051 Contact No - 7606999010, 8260444056)
**Deadline for receiving applications: 25.11.2025, 5:00 PM.**

**DARWIN MEMORIAL HIGHER SECONDARY SCHOOL, KUDUMULUGUMMA, MALKANGIRI**

**WALK-IN-INTERVIEW**

A walk-in-interview for **Matron (contractual basis)** in Girls Hostel will be conducted on **19th November 2025 (Wednesday) at 10.00 A.M.** Interested candidates having necessary eligibility and documents be as follows:

1. She must be a graduate.
2. Residence certificate by competent authority.
3. NOC from concerned police station/police verification report.
4. Character certificate by any Gazetted officer.
5. Age must be 18 years as on 01.01.2025. No TA/DA is admissible.

The authority reserves the right to cancel or reject the Walk-in-Interview for any reason thereof.

**Sd/-Principal-cum-Secretary**
**Darwin Memorial H.S.S., Kudumulugumma**

ଐତିହାସିକ ବାଲିଯାତ୍ରା କଟକ

# ମନ କିଣିନେଲେ ଈରା, ଅକ୍ଷୟଙ୍କ ସଂଗୀତରେ କଟ୍‌କୀ ଛୁଙ୍କ







**କଟକ,୧୦ ।୧୧(ସମିସ):** ଐତିହାସିକ ବାଲିଯାତ୍ରା କଟକର ଆଜି ହେଉଛି ଷଷ୍ଠ ଦିନ । ଯାତ୍ରା ପଡ଼ିଆର ୨ ମଞ୍ଚ ତଥା ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୈଷ୍ଣବପାଣି ମଞ୍ଚର ପ୍ରମୁଖ ଆକର୍ଷଣ ଥିଲା ମେଲୋଡ଼ି କୁଇନ୍ ଈରା ମହାନ୍ତିଙ୍କ ସଂଗୀତ ବିଚିତ୍ରା । ଈରା ଗୋଟିଏ ପରେ ଗୋଟିଏ ହିଟ୍ ନମ୍ବର ଦର୍ଶକଙ୍କୁ ଭେଟି ଦେଇଥିଲେ । ଏ ମୋର କୁଲ୍‌ଫି ରାଣୀ ଚକୋବାର୍ ତତେ ମିସ୍ କରୁଛି ବାରମ୍ବାର, ଧନ ପାଇଁ ସଜ ହେବି, ତୋ ଦୁଆରେ ହେବ ଚାଙ୍ଗୁ ମାଡ଼, ପିଓର୍ ସୁନାର ଝୁମୁକା, ତତେ ଦେଖିଲା ଦିନୁ ହାଏ ମୋ ଜାନୁ ଧାକୁଲୁ ଧାକୁଲୁ ହାର୍ଟ, ନବୁ କି ସମ୍ବଲପୁର,କ୍ୟୁଟ୍ ଗେହ୍ଲୀ ଭଳି ଡ୍ୟାନ୍ସ ନମ୍ବର ଭେଟି ଦେଇଥିଲେ । ସେହିପରି ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ଅକ୍ଷୟଙ୍କ ସଂଗୀତ କଳାକାରମାନେ ପରିବେଷଣ କରିଥିଲେ । କଟକ ଓ ବାଲିଯାତ୍ରା ସମ୍ପର୍କିତ ସଂଗୀତକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ । ପାରମ୍ପରିକ ନୃତ୍ୟ ବ୍ୟତୀତ, ମୁଖ୍ୟ ମଞ୍ଚରେ ଆଧୁନିକ କାର୍ଯ୍ୟକ୍ରମକୁ ଦର୍ଶକ ବେଶ ପ୍ରଶଂସା କରୁଛନ୍ତି । ବିଭିନ୍ନ ସନ୍ଧ୍ୟାରେ ଲାଇଭ୍ ବ୍ୟାଣ୍ଡ, ଆଧୁନିକ ସଙ୍ଗୀତ ପରିବେଷଣ ଏବଂ ନାଟକ ଆଦି ଆୟୋଜିତ ହେଉଛି, ଯାହା ଯୁବବର୍ଗଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି ।

ଆଜି ଗଣକବି ବୈଷ୍ଣବ ପାଣି ମଞ୍ଚରେ ଶାନ୍ତି ମଞ୍ଜରୀ ସାହୁଙ୍କ ପୌରାଣିକ ନୃତ୍ୟ ଏବଂ ସୁଧାକର ମିଶ୍ର ଭଜନ ସନ୍ଧ୍ୟାକୁ ଦର୍ଶକ ବହୁତ ସମୟ ଧରି ଉପଭୋଗ କରିଥିଲେ । ଜାଗୃତି ନୃତ୍ୟ କଳାମନ୍ଦିର ପକ୍ଷରୁ ଯାଜ୍ଞସେନୀ ରାୟ 'ମାହାରୀ' ନୃତ୍ୟ ପରିବେଷଣ କରିଥିଲେ । ସ୍ମିତା ମୂଳିଆଙ୍କ ଓଲ୍ଡ ସିନେମା ସଙ୍ଗ୍ ରିମିକ୍ସ ଭିଲେଜ୍ ସଙ୍ଗ୍ ଡ୍ୟାନ୍ସକୁ ଦର୍ଶକ ବେଶ ପ୍ରଶଂସା କରିଥିବାର ଦେଖିବାକୁ ମିଳିଥିଲା । ଶ୍ରାବଣୀ ମିତ୍ରଙ୍କ 'ମଧୁରାଷ୍ଟକମ୍' ଓଡ଼ିଶୀ ପରେ ମଞ୍ଚରେ ମ୍ୟାଜିସିଆନ୍ ପି.ଭାସ୍କର୍ ଦେଖାଇଥିଲେ ମ୍ୟାଜିକ୍‌ର ବିଭିନ୍ନ ଫ୍ୟୁଜନ୍ । ଦେବାଶିଷ ଚକ୍ରବର୍ତ୍ତୀ ପଶ୍ଚିମବଙ୍ଗର ଲୋକନୃତ୍ୟ ପରିବେଷଣ କରିଥିଲେ । ଓଲିଉଡ୍ ଷ୍ଟାର୍ ଶୀତଲ ପାତ୍ରଙ୍କ ଉପସ୍ଥିତି ଦର୍ଶକ ବେଶ୍ ଆକୃଷ୍ଟ କରିଥିଲା । ରୁଦ୍ର ପ୍ରସାଦ ସ୍ୱାଇଁଙ୍କ ଦଶାବତାର ନୃତ୍ୟ ଏବଂ ବାସୁଦେବ ନାଥଙ୍କ ନୃତ୍ୟ ସହିତ ବାରବାଟୀ ଯୋଗ ଆସୋସିଏସନ୍‌ର ଯୋଗ ନୃତ୍ୟ ଏବଂ ସୁସ୍ମିତା ରଥଙ୍କ ପୌରାଣିକ ନୃତ୍ୟ ବୈଷ୍ଣବପାଣି ମଞ୍ଚର ପ୍ରମୁଖ ଆକର୍ଷଣ ଥିଲା ।

ଅକ୍ଷୟ ମହାନ୍ତି ମଞ୍ଚ ଅର୍କେଷ୍ଟ୍ରା ଗୀତ ସାଗରର 'ମେଲୋଡି' ଦର୍ଶକଙ୍କ ମଞ୍ଚ ସମ୍ମୁଖରେ ବେଶ୍ କିଛି ସମୟ ଧରି ବାନ୍ଧି ରଖିଥିଲା । ନବକଳିକାର କଳାକାରମାନେ 'ବାଲିଯାତ୍ରା ବାଲିରୁ ମୁଠେ କାହାଣୀ' ମଞ୍ଚସ୍ଥ କରିଥିଲେ । ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା । ଅଶୋକ କୁମାର ପଣ୍ଡାଙ୍କ ଗୀତିନାଟ୍ୟ 'ଭୀମ ଭୋଇ', ରବି କନ୍ନୁରଙ୍କ 'ଭାଙ୍ଗଡ଼ା', ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ଆର୍ଟ କଲଚର ପକ୍ଷରୁ ମନମୋହନ ଶର୍ମା 'କାଳୀ ମଙ୍ଗଳା ଚରଣ', ମାନସୀ ପୃଷ୍ଟିଙ୍କ 'ଜହ୍ନରେ ଜହ୍ନ' ପଲ୍ଲୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ମଞ୍ଚରେ ଆଜିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଥିଲା ଅକ୍ଷୟ ମହାନ୍ତି ନାଇଟ୍ । ଦର୍ଶକମାନେ ଅକ୍ଷୟ ମହାନ୍ତିଙ୍କ ସଂଗୀତରେ ବେଶ୍ କିଛି ସମୟ ଧରି ଝୁମୁଥିବାର ଦେଖାଯାଇଥିଲା ।

# ଲାଲକିଲ୍ଲା ବିସ୍ଫୋରଣ ପରେ ବାଲିଯାତ୍ରା ସୁରକ୍ଷା କଡ଼ାକଡ଼ି

**କଟକ, ୧୦।୧୧(ସମିସ):** ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ପରେ ସାରା ଦେଶରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହାର ପ୍ରଭାବରେ କଟକରେ ଚାଲିଥିବା ଐତିହାସିକ ବାଲିଯାତ୍ରା ପଡ଼ିଆର ସୁରକ୍ଷା ବ୍ୟବସ୍ଥାକୁ ତୁରନ୍ତ ସମୀକ୍ଷା କରିବା ପାଇଁ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଜି ସନ୍ଧ୍ୟାରେ ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ । ଶ୍ରୀ ଖୁରାନିଆଙ୍କ ସହ କଟକ କମିଶନରେଟ୍ ପୁଲିସ ଡେପୁଟି କମିଶନର ଋଷିକେଶ ଦ୍ୟାନଦେଓ ଖିଲାରୀ ମଧ୍ୟ ଯାତ୍ରା ପରିସରରେ ଉପସ୍ଥିତ ରହି ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଥିଲେ । ଉଭୟ ବରିଷ୍ଠ ପୁଲିସ ଅଧିକାରୀ ତଳ ଏବଂ ଉପର ପଡ଼ିଆର ପ୍ରତ୍ୟେକ ସମ୍ବେଦନଶୀଳ ଅଞ୍ଚଳ ଯାଞ୍ଚ କରିଥିଲେ । ସେମାନେ ମୁଖ୍ୟ ଦ୍ୱାର, ଭିଡ଼ ଅଧିକ ଥିବା ଖାଦ୍ୟ ଷ୍ଟଲ୍ ଏବଂ ଦୋଳି ନିକଟରେ ସୁରକ୍ଷାକର୍ମୀଙ୍କ ମୁତୟନ ବ୍ୟବସ୍ଥାକୁ ପରଖିଥିଲେ । ସମଗ୍ର ଯାତ୍ରା ପରିସରକୁ ନିୟନ୍ତ୍ରଣ କରୁଥିବା ଅସ୍ଥାୟୀ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସିସିଟିଭି କ୍ୟାମେରା ଏବଂ ଡ୍ରୋନ୍ ମାଧ୍ୟମରେ ହେଉଥିବା ନିରୀକ୍ଷଣ ବ୍ୟବସ୍ଥାର ତଦାରଖ କରିଥିଲେ । ଲାଲକିଲ୍ଲା ଘଟଣାକୁ ଦୃଷ୍ଟିରେ ରଖି ଡିଜିପି ଶ୍ରୀ ଖୁରାନିଆ ସୁରକ୍ଷା କର୍ମୀମାନଙ୍କୁ ଆହୁରି ଅଧିକ ସତର୍କ ରହିବାକୁ ଏବଂ ବିଶେଷ କରି ସନ୍ଦିଗ୍ଧ ବ୍ୟକ୍ତି ଓ ସାମଗ୍ରୀ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବମ୍ ସ୍କ୍ୱାଡ ଏବଂ ଡଗ୍ ସ୍କ୍ୱାଡ୍ ଦ୍ୱାରା ନିୟମିତ ଯାଞ୍ଚ ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି । ଡିସିପି ଶ୍ରୀ ଖିଲାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ବାଲିଯାତ୍ରାରେ ପୂର୍ବରୁ ହିଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, ତେବେ କେନ୍ଦ୍ରୀୟ ନିର୍ଦ୍ଦେଶକ୍ରମେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଅଧିକ ସୁରକ୍ଷା ବଳ ମୁତୟନ କରାଯାଇଛି । ଦର୍ଶକଙ୍କୁ ଭୟଭୀତ ନ ହେବା ପାଇଁ ଅନୁରୋଧ କରାଯିବା ସହ କୌଣସି ଅସ୍ୱାଭାବିକ ଗତିବିଧି ଦେଖିଲେ ତୁରନ୍ତ ପୁଲିସକୁ ଜଣାଇବାକୁ ନିବେଦନ କରାଯାଇଛି ।






ପୁଲିସ ଡିଜି ଓ ଡିସିପିଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

# ମହାନଦୀ ଜଳରାଶି ଉପରେ ମନମୋହିଲା 'ଲେଜର ଲାଇଟ୍ ଶୋ'

**କଟକ,୧୦।୧୧(ସମିସ):** ଐତିହାସିକ ବାଲିଯାତ୍ରାର ଷଷ୍ଠ ଦିବସ (ସୋମବାର) ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୂତନ ଆକର୍ଷଣ ଯୋଗୁଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସୋମବାର କାର୍ଯ୍ୟ ଦିବସ ହୋଇଥିଲେ ମଧ୍ୟ ସନ୍ଧ୍ୟା ନଇଁବା ପରେ କିଣାବିକା ଓ ଚଟପଟି ଖାଦ୍ୟର ମଜା ଲୁଟିବାକୁ ଲୋକଙ୍କ ଭିଡ଼ ପୁଣି ବଢ଼ିଥିଲା । ଏହି ସନ୍ଧ୍ୟାର ସବୁଠାରୁ ବଡ଼ ଆକର୍ଷଣ ଥିଲା ମହାନଦୀ ଜଳରାଶି ଉପରେ ଆୟୋଜିତ ଚମତ୍କାର ଲେଜର ଲାଇଟ୍ ଶୋ' । ଭୁବନେଶ୍ୱରର ଶରଦ ଆଡଭର୍ଟାଇଜିଂ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ଅଦ୍ଭୁତ ଲେଜର ଶୋ' ଚଳିତ ବର୍ଷ ବାଲିଯାତ୍ରାର ସବୁଠାରୁ ଚର୍ଚ୍ଚିତ ବୈଶିଷ୍ଟ୍ୟ ହୋଇଛି । ଚମତ୍କାର ଆଲୋକ ଏବଂ ସଂଗୀତ ସମୂହର ଅବିସ୍ମରଣୀୟ ଦୃଶ୍ୟ ବହୁ ସଂଖ୍ୟାରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଏବଂ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ ।







# ମଞ୍ଚ ଦୁଲୁକାଇଲେ ମଣ୍ଟୁ ଛୁରିଆ

ଏକାମ୍ର କ୍ଷେତ୍ର ବାଲିଯାତ୍ରା

**ଧଉଳି, ୧୦।୧୧ (ସମିସ):** ଏକାମ୍ର ନିର୍ବାଚନମଣ୍ଡଳୀ ଅଧିନ ବାସୁଆଘାଇପୁର ପଞ୍ଚାୟତ ବାଙ୍କୁଆଳ କୁଆଖାଇ ନଦୀପଠାରେ ସୋମବାର 'ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ' ଷଷ୍ଠ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଗୀତରେ ଦୁଲୁକିଲା ମଞ୍ଚ । ସମ୍ବଲପୁରୀ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ । ଆଜିର ଏହି ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବିଶ୍ୱ ଜନନୀ କଳା ପରିଷଦ କଳାକାରଙ୍କ ଦ୍ୱାରା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖଣାହାରିଙ୍କୁ ବେଶ ବିମୋହିତ କରିଥିଲା । ପରେ ଓଡିଆ କଣ୍ଠ ଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ସାଥି କଳାକାରଙ୍କ ଦ୍ୱାରା ସମ୍ବଲପୁରିଆ ବାବୁ... ରଙ୍ଗବତୀ...ଝାଲା ମାଲା, ଚିକ୍ ଚିକ ରସିଆ ଆଦି ଗୀତ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ । ସେହିପରି ଚଳଚ୍ଚିତ୍ର ଅଭିନେତା ତଥା ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ପୁଚୁକି ଗାଲୀ, ଫେସନ ବାଲି ମୋ ବୋପାଲୋ... ତୋ ଆଖି ମୋ ଆଇନା... ଗୀତ ବୋଲିବା ସହ ନିଜ ଅଭିନୀତ କିଛି ଫିଲ୍ମର ସଂଳାପ କହିଥିଲେ । ଆଜିର ଷଷ୍ଠ ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରି ତଥା ବିଧାୟକ ସୁରେଶ କୁମାର ରାଉତରାୟ, ଖଦିବୋର୍ଡର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାଶୂପକାର, ସନ୍ତୋଷ କୁମାର ସିଂ, ଆଦିତ୍ୟ ବେହେରା, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଧିରେନ ପଟ୍ଟନାୟକ, ଆଇନଜୀବୀ ନିହାର ରଞ୍ଜନ ସେଠି, ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମହୋତ୍ସବର ସମସ୍ତ ଆୟୋଜକ ସହଯୋଗ କରିଥିବା ବେଳେ ଇଁ ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ ।





# ସଂଗୀତରେ ମତୁଆଲା କଲେ ଦୀପ୍ତିରେଖା

ଜମୁଛି ଭୁବନେଶ୍ୱର ବାଲିଯାତ୍ରା

**ନନ୍ଦନକାନନ, ୧୦।୧୧ (ସମିସ):** ଦିନ ଯେତିକି ସରୁଛି, ଭିଡ଼ ସେତିକି ବଢୁଛି । ଉତ୍ତର ଭୁବନେଶ୍ୱରସ୍ଥିତ କୁଆଖାଇ ନଦୀପଠାରେ ଚାଲିଥିବା ୭ମ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବରେ ଆଜି ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି । ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ପିଲାଙ୍କ ଖେଳଣା, ସୌଖୀନ ଜିନିଷ ଆଦି ସବୁ ଦୋକାନରେ ଭିଡ଼ ଲାଗିଥିଲା । ସେହିପରି, ନୌବାଣିଜ୍ୟ ବୋଇତ ସେଲଫି ପଏଣ୍ଟରେ ଫଟୋ ଉଠାଇବାକୁ ଛୁଆଠାରୁ ବୁଢ଼ା ପର୍ଯ୍ୟନ୍ତ ଧାଡ଼ି ଲାଗିଥିଲା । ସାଂସ୍କୃତିକ ମଞ୍ଚରେ ଓଡ଼ିଶୀ ସମେତ ବିଭିନ୍ନ ଲୋକନୃତ୍ୟ, ମହିଳାମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣକୁ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ । ପ୍ରଥମ ମଞ୍ଚ ନିକଟରେ ବାଲୁକା ଶିଳ୍ପୀ ଯଶୋବନ୍ତ ବେହେରାଙ୍କ 'କାନ୍ଦୁଛି ଜନନୀ' ବାଲୁକା କଳା ଦର୍ଶକଙ୍କୁ ଆକର୍ଷଣ କରିଥିଲା । ସେଠାରେ ଲୋକେ ନିଜର ସେଲ୍‌ଫି ନେଇଥିଲେ ।

ସେହିପରି ଖ୍ୟାତନାମା କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ କଣ୍ଠରେ ଚିରସବୁଜ ଓଡ଼ିଆ ଗୀତ ଅଭିମାନିନୀ ଅମାନିଆ ଢେଉ, ହାଏ ତୋ ପ୍ରେମ, ସୁନ ବେଲିଆ ଲଭ ୟୁ, ହାଏ ତୋ ପ୍ରେମର ରଙ୍ଗୋଲି, ତୁ ଥରେ ମତେ କହିଦେ କହିଦେ ଆଇ ଲଭ ଆଦି ସଂଗୀତ ଦର୍ଶକଙ୍କୁ ମନୋରଂଜନର ଭରପୂର୍ ଖୋରାକ୍ ଯୋଗାଇଥିଲା ।

ଆଜିର ସଭାରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ ସ୍ଥପତିଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଇଞ୍ଜିନିୟର୍ ସୂର୍ଯ୍ୟକାନ୍ତ ରଥ, ବରିଷ୍ଠ ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର, ଜୀବନ କୁମର ବଡୁ, ଅଭୟ କୁମାର ବଡ଼ଜେନା, ଅନ୍ନପୂର୍ଣ୍ଣା ମିଶ୍ର, ଅଶୋକ ପାତ୍ର, ନିରଞ୍ଜନ ସ୍ୱାଇଁ, କର୍ପୋରେଟର୍ ମୋନାଲିସା ବେହେରା, ମିନୁଶ୍ରୀ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବାଲିଯାତ୍ରାର କଥାକଳ୍ପ ବିସ୍ତାରିତ ହେଉଥିବାରୁ ବିଧାୟକ ତଥା ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ କମିଟି ସଭାପତି ସୁଶାନ୍ତ ରାଉତଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରାଯାଇଥିଲା । ବାଲିଯାତ୍ରା କମିଟିର କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କମିଟିର ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଓ ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଅଭୟ ବଡ଼ଜେନା ଧନ୍ୟବାଦ ଦେଇଥିଲେ ।

ବିନୋଦ ସାହୁ, ସନ୍ତୋଷ ନାଥ, ଅନୁପ ଖୁଣ୍ଟିଆ, ବୀରେନ୍ଦ୍ର ଜେନା, ପ୍ରଦୀପ୍ତ ପରିଡ଼ା, ତପନ ଦାଶ, ମନୋଜ ଦାସ, ଅକ୍ଷୟ ବେହେରା, ସନ୍ତୋଷ ସାହୁ, ନବକିଶୋର ବାରିକ, ଜିତେନ୍ଦ୍ର ସାସମଲ, ହିରୋ ରାଉତ, ଲଛମନ ପଢ଼ିଆରୀ, ବସନ୍ତ ରାଉତ, କାହ୍ନା ମହାନ୍ତି, ଲକ୍ଷ୍ମୀଧର ବେହେରା, କୃଷ୍ଣପ୍ରିୟା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



### ମାଫିଆଙ୍କ ଅକ୍ତିଆରରେ ସରକାରୀ ଜମି

# ସରକାରୀ କାର୍ଯ୍ୟ ପାଇଁ ମିଳୁନି ସ୍ଥାନ

ଟାଙ୍ଗୀ,୧୦ ।୧୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ୨୫ଟି ୱାର୍ଡରୁ କେବଳ ଟାଙ୍ଗୀ ୨୦ଟି ୱାର୍ଡ ବିଶିଷ୍ଟ ଗାଁରେ ୧୭ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବାସ କରନ୍ତି ଏଥି ସହ ଟାଙ୍ଗୀ ଅଞ୍ଚଳରେ ଥିବା ବିଭିନ୍ନ କମ୍ପାନୀ, ସରକାରୀ କର୍ମଚାରୀ ଓ ଦୁଇଟି ଘରୋଇ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ହିସାବରେ ଯଦି ନିଆଯାଏ ଟାଙ୍ଗୀରେ ମୋଟ ୩୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ରୁହନ୍ତି । ଟାଙ୍ଗୀ ବ୍ଲକର ଟାଙ୍ଗୀ ହେଉଛି ମୁଖ୍ୟ ବୈବସାୟିକ ପେଣ୍ଠସ୍ଥଳ । ଦୈନିକ ଶତାଧିକ ଲୋକ କିଣା ବିକା କରନ୍ତି କିନ୍ତୁ ସଂକ୍ଷିପ୍ତ ଜାଗା ପାଇଁ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଛି । ଟାଙ୍ଗୀରେ ସରକାରୀ ଜାଗା ରେକର୍ଡ ଅନୁସାରେ ଆଉ ନାହିଁ । କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରିଥିବା ଅଭିଯୋଗ ହୋଇଥିବା ଜଣାପଡିଛି । ସରକାରଙ୍କ ତରଫରୁ କଲ୍ୟାଣ ମଣ୍ଡପ ନିମନ୍ତେ ପଞ୍ଚାୟତରେ ଅର୍ଥ ପଡ଼ି ରହିଥିଲେ ମଧ୍ୟ ଜାଗା ଅଭାବରୁ ହୋଇପାରୁନି । ଏଥିସହ ପଞ୍ଚାୟତର ନୂତନ ମାର୍କେଟ କମ୍ପ୍ଲେକ୍ସ, ପଞ୍ଚାୟତର ନୂତନ ଗୃହ ପାଇଁ ଅର୍ଥ ଅଛି । ଏସବୁ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସରକାର ଜାଗା ଦେବାରେ ଅବହେଳା କରୁଥିବା ଦେଖିବାକୁ ମିଳିଛି । ଆଗାମୀ ଦିନରେ ଜଜ୍ କୋର୍ଟ ପାଇଁ ଜମିର ଆବଶ୍ୟକ ରହିଛି । ଟାଙ୍ଗୀରେ ସରକାରୀ ଜାଗା ପର୍ଯ୍ୟାପ୍ତ ପରିମାଣରେ ଅଛି । ଯଦି ସରକାର ଜବରଦଖଲ ଉଚ୍ଛେଦ କରି ସରକାରୀ ଗୃହ ନିର୍ମାଣ ପାଇଁ ଅନୁମତି ଦିଅନ୍ତି ତା' ହେଲେ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ବୋଲି ସ୍ଥାନୀୟ ସରପଞ୍ଚ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ । ଯଦି ସରକାର ଏହାକୁ କାର୍ଯ୍ୟକାରୀ ନ କରନ୍ତି ଆଗାମୀ ଦିନରେ ଟାଙ୍ଗୀରେ ଆନ୍ଦୋଳନର ସୂତ୍ରପାତ ହେବ ବୋଲି ସାମାଜିକ କର୍ମୀ ଅଜୟ କୁମାର ପୃଷ୍ଟିଙ୍କ ସମେତ ବୁଦ୍ଧିଜୀବୀ ଦାବି କରିଥିବା ଜଣାପଡିଛି ।

### ନରସିଂହପୁର ଛାଡ଼ଖାଇ ମହୋତ୍ସବର ୪ର୍ଥ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଲେ ଦର୍ଶକ




ନରସିଂହପୁର,୧୦।୧୧(ସମିସ): ନରସିଂହପୁର ଛାଡଖାଇ ମହୋତ୍ସବର ୪ର୍ଥ ସନ୍ଧ୍ୟା । ସୋମବାର ମହୋତ୍ସବ ମଣ୍ଡପର ସାଂସ୍କୃତିକ ରଙ୍ଗାରଙ୍ଗ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ହଜାର ହଜାର ଦର୍ଶକ ଆଞ୍ଚଳିକ ସଂସ୍କୃତିକ କାର୍ଯ୍ୟକ୍ରମ, ସରକାରଙ୍କ ତରଫରୁ ଆସିଥିବା ସଂସ୍କୃତି ବିଭାଗର ସଙ୍ଗୀତ କାର୍ଯ୍ୟକ୍ରମ, ବରଗଡରୁ ଆସିଥିବା ଗ୍ରୁପ ଡ୍ୟାନ୍ସର ନୃତ୍ୟର ମଜା ଦର୍ଶକ ନେଇଥିଲେ । ଭୁବନେଶ୍ୱରର ସଙ୍ଗୀତକାର କୁଳଦୀପ ପଟ୍ଟନାୟକଙ୍କ ଡ୍ୟାନ୍ସ ଗ୍ରୁପ ସହିତ ଅଞ୍ଚଳିକ ଗୁରୁକୃପା ଡ୍ୟାନ୍ସ ଗ୍ରୁପର କୁନି କଳାକାରଙ୍କ ମତୁଆଲା ନୃତ୍ୟରେ ଯୁବ ବର୍ଗର ଦର୍ଶକ ବିଭୋର ହୋଇଥିଲେ । ଆଜି ମଞ୍ଚର ମୁଖ୍ୟ ଅତିଥିଭାବେ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ.ସନ୍ତୋଷ କୁମାର ରାଉତ, ମୁଖ୍ୟବକ୍ତା ଭାବେ ପ୍ରକ୍ତନ ଶିକ୍ଷା ପ୍ରଶାସକ ପ୍ରଶାନ୍ତ କୁମାର ମହାନ୍ତି, ସମ୍ମାନୀତ ଅତିଥିଭାବେ ଓକିଲ ସଂଘର ସଭାପତି ସରୋଜ ସାହୁ, ଶିକ୍ଷାବିତ ସଚିଦାନନ୍ଦ ଦାଶ, ବାଲିଝରି ସରପଞ୍ଚ ସ୍ୱାଗତିକା ରାଉତ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଏହା ସମଗ୍ର ରାଜ୍ୟର ବୃହତ୍ତ ଉତ୍ସବ ମଧ୍ୟରେ ସ୍ଥାନିତ ହେବ ବୋଲି ଅଭିଭାଷଣ ରଖିଥିଲେ । କମିଟିର ସଭାପତି ତଥା ଭାରପ୍ରାପ୍ତ ତହସିଲଦାର ପ୍ରଳୟାନନ୍ଦ ଶତପଥୀ ପୌରହିତ୍ୟ କରିଥିଲେ । ଶେଷରେ ଭାରପ୍ରାପ୍ତ ଥାନା ଅଧିକାରୀ ତଥା କମିଟିର ସମ୍ପାଦକ ଭବାନୀ ଶଙ୍କର ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ ।

## କର୍କଟ ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୦।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମପଞ୍ଚାୟତ ଧଳପଡା ଗ୍ରାମର ଜଣେ କର୍କଟ ଆକ୍ରାନ୍ତ ମହିଳାଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାଟି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ସୂଚନା ଥାଉକି ଏହି ଗ୍ରାମର ଧନେଶ୍ୱର ମଲିକଙ୍କ ପତ୍ନୀ ମାମି ମଲିକ(୩୫) ଗତ କିଛି ଦିନ ହେଲା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲା ବେଳେ ତାଙ୍କର ମୃତ୍ୟୁ ହୋଇଥିବାର ଖବର ଶାଶୁଘରକୁ ଦିଆଯାଇଥିଲା । ମହିଳା ଜଣକ ନିଜ ଶାଶୁଘରକୁ ଆସିବା ପୂର୍ବରୁ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଘରେ ଉପସ୍ଥିତ ହୋଇ ସାରିଥିଲେ । କାନ୍ଦ ବୋବାଳିରେ ଘର କମ୍ପି ଉଠିଥିଲା । ତାଙ୍କର ଅନ୍ତିମ ସଂସ୍କାର ନିମନ୍ତେ ସମସ୍ତ ବ୍ୟବସ୍ଥା ମଧ କରାଯାଇଥିଲା । ତେବେ କୋକେଇ ବନ୍ଧା ହେବା ପୂର୍ବରୁ ହଠାତ ମହିଳା ଜଣକର ହାତ ଗୋଡ ହଲିବାକୁ ଆରମ୍ଭ କରିଥିଲା । ଏପରି ଘଟଣା ଦେଖି ବନ୍ଧୁବାନ୍ଧବ ଓ ଆତ୍ମୀୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ତାଙ୍କୁ ତୁରନ୍ତ ପୁନର୍ବାର ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ କଟକ ବଡ ଡାକ୍ତରକାନାରେ ଦୁଇ ଦିନ ଚିକିତ୍ସା ହେବା ପରେ ମହିଳା ଜଣକ ଆଖି ବୁଜିଥିଲେ । ତାଙ୍କ ମରଶରୀରକୁ ଶାଶୁଘରକୁ ଅଣାଯାଇ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା ।

## ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

ନରସିଂହପୁର,୧୦।୧୧(ସମିସ): ନରସିଂହପୁର ପିଚ୍ଛୁଳି ଘାଟି ରାସ୍ତା କଡ଼ ଦେବଭୂଇଁ ଜଙ୍ଗଲରୁ ଜନୈକ ଯୁବକଙ୍କ ମୃତଦେହକୁ ସୋମବାର ପୁଲିସ ଜବତ କରିଛି । ତେବେ ଯୁବକ ଜଣଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତକଙ୍କ ସ୍ତ୍ରୀ ନରସିଂହପୁର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଥିବା ଜଣାପଡିଛି । ଖବର ମୁତାବକ ଅନୁଗୁଳ ଜିଲ୍ଲା ଟୁଲୁକା ଅଞ୍ଚଳର ଅଭିମନ୍ୟୁ ଭୋଇ (୨୯) ଦୀର୍ଘ ବର୍ଷ ହେଲା ଏହି ଥାନାର ଘାଟି ଉପରେ ଥିବା କଣ୍ଡାଳ ଗାଁରେ ଘରଦ୍ୱାର କରି ରହି ଆସୁଥିଲେ । ସେଠାରେ ରହଣି ଭିତରେ ସେହି କଣ୍ଡାଳ ଗ୍ରାମର ପପୁ ଅମାନ୍ତ ଓ କାଳିଆ ଅମାନ୍ତ ଦୁଇ ଯୁବକଙ୍କ ସହିତ ମିଳାମିଶା ଓ ବନ୍ଧୁତା ରହିଥିଲା । ତେବେ ମୃତ ଅଭିମନ୍ୟୁଙ୍କ ସ୍ତ୍ରୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପପୁ ଏବଂ କାଳିଆ ତାଙ୍କ ସ୍ୱାମୀଙ୍କୁ ମିଶି ହତ୍ୟା କରିଛନ୍ତି । କାଳିଆ ଅମାନ୍ତ ନିଜର ବାହାଘର ପାଇଁ ଏକ ଲକ୍ଷ ଟଙ୍କା ଅଭିମନ୍ୟୁଙ୍କୁ ମାଗିଥିଲେ । ଏନେଇ ସେ ଅଭିମନ୍ୟୁଙ୍କୁ ବାରମ୍ବାର ମାଗି ଆସୁଥିଲେ ଏବଂ ଅଭିମନ୍ୟୁ ନ ଦେବାରୁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କର ପତ୍ନୀ କବିତା ଭୋଇ ନରସିଂହପୁର ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି । ମୃତଦେହ ଦେବଭୂଇଁ ସଂରକ୍ଷିତ ଜଙ୍ଗଲରୁ ମିଳିଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ମେଡିକାଲକୁ ପଠାଇ ତଦନ୍ତ ଜାରି ରହିଥିବା ନରସିଂହପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି ।

## ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରରେ ଝୁଲୁଛି ତାଲା




ଭଦ୍ରେଶ୍ୱର,୧୦।୧୧(ସମିସ): ମାହାଙ୍ଗା ବ୍ଲକ ସବଲକଣା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରରେ ତାଲା ଝୁଲୁଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ବିଭାଗୀୟସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କାରଣରୁ ଗୋପାଳକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ବିଗତ ନବୀନ ସରକାରଙ୍କ ଶାସନ କାଳରେ ଏବଂ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ସବଳକଣା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏହି କେନ୍ଦ୍ର ଉପରେ ଗାଇଗୋରୁ, ଛେଳି ମେଣ୍ଢାଙ୍କ ଚିକିତ୍ସା ନିମନ୍ତେ କୁରୁଜଙ୍ଗା ଓ ଗୋପାଳପୁର ଗ୍ରାମପଞ୍ଚାୟତର ଲୋକମାନେ ନିର୍ଭର କରିଥାନ୍ତି । ମାତ୍ର ଉଦଘାଟନ ପରଠାରୁ ଏହି କେନ୍ଦ୍ରରେ ତାଲା ଝୁଲୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀ ଜଣକ କେତେବେଳେ କାର୍ଯ୍ୟାଳୟକୁ ଆସୁଛନ୍ତି ତାହା ନେଇ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି । ଜରୁରୀକାଳୀନ ପରସ୍ଥିତିରେ ଲୋକେ ଏହି କେନ୍ଦ୍ରକୁ ପଶୁଙ୍କୁ ଚିକିତ୍ସା କରିବା ନିମନ୍ତେ ଯାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି । ଏଠାରେ କୌଣସି କର୍ମଚାରୀ ନ ଥିବା କାରଣରୁ ପ୍ରାଣୀମାନେ ଚକିତ୍ସା ଅଭାବରୁ ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ଦାବି ହୋଇଛି ।

## ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ଆଠଗଡ,୧୦।୧୧(ସମିସ): ସୋମବାର ଆଠଗଡ଼ ବ୍ଲକ ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଧପୁର ଠାରେ କଟକ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା (୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା) ଅନୁଷ୍ଠିତ ହୋଇଯାଇଛି । ଆଠଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ କବିରାଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଉପଖଣ୍ଡର ସହକାରୀ ଉପଜିଲ୍ଲାପାଳ ମାନସ ବେହେରା, ସମ୍ମାନୀତ ଅତିଥିଭାବେ ଜିଲ୍ଲା କ୍ରୀଡା ଅଧିକାରୀ ସୌଦାମିନୀ ଦାସ, ଶ୍ରୀ ସିମେଣ୍ଟ କାରଖାନାର ସୁଶିଲ ରାଉତ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜିତ ମହାନ୍ତି, ପ୍ରଧାନଶିକ୍ଷକ ପବିତ୍ର ସାହୁ, ହରେକୃଷ୍ଣ ବିଶ୍ୱାଳ, ରେଣୁବାଳା ଦାସ, ମାଧପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । କ୍ରୀଡାବିତଙ୍କୁ ଶୃଙ୍ଖଳିତ ଭାବେ ଖେଳିବା ସହିତ ନିଜର ଶ୍ରେଷ୍ଠତ୍ୱକୁ ପ୍ରଦର୍ଶନ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ୭୫୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ କ୍ରୀଡା ସମ୍ପାଦକ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ । କେନ୍ଦ୍ର ସଂଯୋଜକ ଶଶଧର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଆଠଗଡ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତୀକାତ୍ମକ ଧାରଣା




ଆଠଗଡ,୧୦।୧୧(ସମିସ): ଆଠଗଡ ଜିଲ୍ଲା ଆନ୍ଦୋଳନ ପୁଣି ଆରମ୍ଭ ହୋଇଛି । ସେଥିପାଇଁ ସୋମବାର ଠାରୁ ଆଠଗଡ ମହୋତ୍ସବ ପଡିଆରେ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତିକାତ୍ମକ ଧାରଣା ଆରମ୍ଭ ହୋଇଛି । ୨୦୨୩ ମସିହା ଠାରୁ ଆଠଗଡ ଜିଲ୍ଲା ଦାବି ନେଇ ଆନ୍ଦୋଳନ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ ୨୦୨୪ର ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା । ୨୦୨୬ ମସିହାରୁ ସାରା ଦେଶରେ ଡ଼ିଲିମିଟେସନ ଆରମ୍ଭ ହେଉଥିବାରୁ ଲୋକସଭା, ବିଧାନସଭା, ଜିଲ୍ଲା, ବ୍ଲକ, ତହସିଲ, ଏନଏସି, ମ୍ୟୁନିସିପାଲିଟି, ପଞ୍ଚାୟତ ପ୍ରଭୃତି ବଢିବାର ଥିବାରୁ ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପୁନର୍ବାର ଆଠଗଡ ଜିଲ୍ଲା ଆନ୍ଦୋଳନକୁ ଗୁରୁତ୍ୱ ଦେଇ ଆଠଗଡକୁ ଜିଲ୍ଲା କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛି । ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆବାହକ ଲଲାଟେନ୍ଦୁ ସେନାପତି, ଉପସଭାପତି ସୁରେଶ ଚନ୍ଦ୍ର ପରିଡା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ ପରିଷଦ ସଭାପତି ବିଚିତ୍ରା ନନ୍ଦ ସେଠୀ, ନବକିଶୋର ନାୟକ, ସୁବାଷ ମଲ୍ଲିକ, ପ୍ରଫୁଲ୍ଲ ନାୟକ, ନରେଶ ସାହୁ, ଅକ୍ଷୟ ଦାସ ପ୍ରମୁଖ ପ୍ରତୀକାତ୍ମକ ଧାରଣାରେ ଯୋଗଦେଇଥିଲେ ।

## ସ୍କୁଲ ସମସ୍ୟା ବିଷୟରେ ବିଧାୟକଙ୍କ ଆଲୋଚନା



ନିଶ୍ଚିନ୍ତକୋଇଲି / ନେମାଳ, ୧୦।୧୧ (ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ ଅଧୀନ ଝାଡେଶ୍ୱରପୁର ପଞ୍ଚାୟତର ନରୁଆ ମଙ୍ଗଳପୁର ସରକାରୀ ଉଚ୍ଚ ବିଦ୍ୟାଳୟଟି ଦୀର୍ଘ ଦିନ ହେବ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏହି ବିଦ୍ୟାଳୟରେ ସଠିକ୍ ପରିମାଣରେ ଶ୍ରେଣୀ ଗୃହ ନ ଥିବା ବେଳେ ବହୁ ଶିକ୍ଷକ ପଦ ମଧ୍ୟ ଖାଲି ପଡିଛି । ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ପାଠ ପଢିବା ପାଇଁ ବହୁ ସମସ୍ୟାରେ ପଡୁଛନ୍ତି । ଉକ୍ତ ସମସ୍ୟା ସଂକ୍ରାନ୍ତରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କୁ ଅବଗତ କରାଯାଇଥିଲା । ସ୍କୁଲର ସମସ୍ୟା ସଂକ୍ରାନ୍ତରେ ଜାଣିବା ପରେ ବିଧାୟକ ଶ୍ରୀ ପ୍ରଧାନ ନିଜେ ସୋମବାର ଅପରାହ୍ନରେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀ, ଛାତ୍ର ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ସହିତ ସ୍କୁଲର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଏହି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବା ସହିତ ଖୁବ୍ ଶୀଘ୍ର ଖାଲି ପଡିଥିବା ଶିକ୍ଷକ ପଦ ପୂରଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ଏହାଛଡା ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀଟି ଏବେ ବିପଦସଂକୁଳ ଅବସ୍ଥାରେ ରହିଥିବାରୁ ଏହାକୁ ଭାଙ୍ଗିଦେବା ପାଇଁ ପରିଚାଳନା କମିଟି ପକ୍ଷରୁ ବିଧାୟକଙ୍କୁ ଅବଗତ କରାଯିବା ପରେ ସେ ଏଥିପାଇଁ ତ୍ୱରିତ ପଦକ୍ଷେପ ନେବେ ବୋଲି କହିଛନ୍ତି । ପ୍ରଧାନଶିକ୍ଷକ ଦୀପକ ବାରିକଙ୍କ ସଂଯୋଜନାରେ ଏହି ବୈଠକରେ ବିଧାୟକଙ୍କ ସହିତ ମଣ୍ଡଳ ଶିକ୍ଷାଅଧିକାରୀ ସଂଯୁକ୍ତା ମହାପାତ୍ର, ଟିସି ସରୋଜ ସାହୁ, ପରିଚାଳନା କମିଟି ସଭାପତି ଅଜିତ ଦାସ, ସଭ୍ୟ ଆଇନଜୀବୀ ଅରୁଣ ଜେନା, ମାଧବାନନ୍ଦ ଗୋଚ୍ଛାୟତ, ସରପଞ୍ଚ ଅନୀଲ ଦଳାଇ, ପୂର୍ବତନ ସରପଞ୍ଚ ରତ୍ନାକର ମହାନ୍ତି, ଆଲୁମନି କମିଟି ସଭାପତି ଅମରେନ୍ଦ୍ର ନାରାୟଣ ଦାସଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କିଡ୍‌ନୀ ରୋଗରେ ଜଣେ ମୃତ

ବଡ଼ମ୍ବା,୧୦।୧୧(ସମିସ): ବଡ଼ମ୍ବା ବ୍ଲକ ଅଧୀନ ବେଲିଆପାଳ ଗ୍ରାମପଞ୍ଚାୟତର ଡମଣଗାଡ଼ିଆ ଗ୍ରାମର ଚକ୍ରଧର ପ୍ରଧାନ (୬୪) ବର୍ଷ କିଡ୍‌ନୀଜନିତ ରୋଗରେ ଗତ କାଲି ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଛନ୍ତି । ଗତ କିଛି ଦିନ ହେବ ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଥିଲେ । ଶ୍ରୀ ପ୍ରଧାନଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା, ନାଏବ ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରଭାକର ପ୍ରଧାନ, ସରପଞ୍ଚ ଅଞ୍ଜଳି ବେହେରା, ସମିତିସଭ୍ୟା ଭାରତୀ ଦଳେଇ, ନିଶାମଣି ରାଉତ ଶେଷ ଦର୍ଶନ କରିଥିଲେ । ପୁତ୍ର ସନ୍ତୋଷ ପ୍ରଧାନ ମୁଖାଗ୍ନି ଦେଇଥିଲେ ।

## ଚାଷୀଙ୍କ ସହ ଆଲୋଚନା କଲେ କେନ୍ଦ୍ର କୃଷିମନ୍ତ୍ରୀ

କନ୍ଦରପୁର,୧୦।୧୧(ସମିସ): କଟକ ସଦର ବ୍ଲକ ପରମହଂସ ପଞ୍ଚାୟତ ରାଜହଂସ ଠାରେ କେନ୍ଦ୍ର କୃଷି ଓ କିଶାନ୍ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜହଂସ ଗ୍ରାମରେ ପହଞ୍ଚି ଚାଷୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଗୋବିନ୍ଦ ବେହେରା, ରାମଚନ୍ଦ୍ର ମୁଦୁଲି, ପ୍ରଭାକର ମୁଦୁଲି, ବିଶ୍ୱଜିତ୍ ମୁଦୁଲି, ନାରାୟଣ ବେହେରା, ଗିରିଧାରୀ ଲେଙ୍କା, ଅଜୟ ଜେନା ନବକିଶୋର ଜେନାଙ୍କ ସମେତ ବହୁ ଚାଷୀ ନିଜ ନିଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଆଇସିଏଆର୍-ସିଆରଆରଆଇ ନିର୍ଦ୍ଦେଶକ ଡ଼ଃ ଜିଏକେ କୁମାର ପ୍ରମୁଖ ଯୋଗଦେଇଥିଲେ ।

## ସାନ୍ତପୁର ବକ୍ରେଶ୍ୱର ଶିବ ମନ୍ଦିରର ପୁନଃରୁଦ୍ଧାର



ନେମାଳ,୧୦।୧୧(ସମିସ): ଆଜି ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ବକ୍ରେଶ୍ୱର ଶୈବ ମନ୍ଦିର ମରାମତି ପାଇଁ ଏକ ପ୍ରସ୍ତୁତି ବୈଠକ ଶିକ୍ଷାବିତ ଅମୂଲ୍ୟ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି । ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ମନ୍ଦିର ଛାତରୁ ବର୍ଷାଦିନେ ପାଣି ଝରିବା ଦେଖାଯାଇଥିଲା, ବହୁ ପୁରାତନ ଏହି ମନ୍ଦିର ନୂତନ ଭାବେ ନିର୍ମାଣ କରିବା ପାଇଁ ଆଖପାଖ ପଞ୍ଚାୟତର ବହୁ ଶିବଭକ୍ତ ଯୋଗଦେଇ ଆଲୋଚନା କରିଥିଲେ । ତେବେ ମନ୍ଦିରର ପୁନଃଉଦ୍ଧାର ସହିତ ପୀଠ ଚତୁଃପାଶ୍ୱର୍ରେ ସ୍ଥାୟୀ ପ୍ରାଚୀର ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ପଣ୍ଡିତ ଚନ୍ଦ୍ରଶେଖର ଦାଶ ବିଲ୍ୱମଙ୍ଗଳ ଶତପଥି, ନବକିଶୋର ଦାଶ, ରବୀନ୍ଦ୍ରନାଥ ପଣ୍ଡା, ମିହିର ଜେନା, ଧରଣୀଧର ନାୟକ, ଧରଣୀଧର ପୁଝାରୀ, ମଳୟ ଦେ, ଅମୀୟ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଭୂୟାଁ, ପ୍ରମୋଦ ରାଉତରାୟ, ଗୀତାଞ୍ଜଳି ଲେଙ୍କା, ସୀତାରାମ ପାଣ୍ଡେ, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ । ସୁବାଷ ଚନ୍ଦ୍ର ଦାସ, ଦେବବ୍ରତ ମହାନ୍ତି, ଅଜୟ ମହାନ୍ତି, ଭାରତ ଚନ୍ଦ୍ର ଦଳାଇ ସମେତ ବକ୍ରେଶ୍ୱର କ୍ଲବ୍ ସମସ୍ତ ପୂଜକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିଳ୍ପୀ ନୟାଗଡ଼ର ରାମଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା, ପ୍ରସନ୍ନ ସ୍ୱାଇଁ, କୃଷ୍ଣଚନ୍ଦ୍ର ରାଉତ, ଗଗନ ବିହାରୀ ଦାସ, ପ୍ରିୟରଞ୍ଜନ ଖୁଣ୍ଟିଆ, ତରଣୀସେନ ଜେନା ପ୍ରମୁଖ ଯୋଗଦେଇଥିଲେ । ଅମିତାଭ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## କାରକୁ ଧକ୍କା ଦେଲା ହାଇୱା; ଅଳ୍ପକେ ବର୍ତ୍ତିଲେ ଚାଳକ



ତ୍ରିଶୂଳିଆ,୧୦।୧୧(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ନିକଟରେ କାରକୁ ଧକ୍କା ଦେଲା ହାଇୱା ଅଳ୍ପକେ ବର୍ତ୍ତିଲେ ଚାଳକ । ଘଟଣାରୁ ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ତ୍ରିଶୂଳିଆ ବଜାର ଅଞ୍ଚଳରୁ ବାରଙ୍ଗ ଅଭିମୁଖେ ଯାଉଥିବା ଓଡି ୦୨ ଏକ୍ସ ୧୪୬୪ କାରକୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ହାଇୱା ଗାଡିଟି ଧକ୍କା ଦେଲା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଦୁର୍ଘଟଣାରେ କାର ପଛପଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ହାଇୱା ଗାଡ଼ିଟିକୁ ସ୍ଥାନୀୟ ଲୋକମାନେ ପିଛା କରିଥିଲେ ମଧ୍ୟ ହାଇୱା ଗାଡିଟିର କୌଣସି ନମ୍ବର ନ ଥିବା ହେତୁ ଦ୍ରୁତଗତିରେ ଫେରାର ହୋଇଯାଇଥିଲା ।

### ଡାଲମିଆ ଭାରତ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାକୁ ସହାୟତା

# ତୃଣମୂଳସ୍ତରରୁ କ୍ରୀଡ଼ାର ବିକାଶକୁ ଗୁରୁତ୍ୱ




କଟକ,୧୦।୧୧(ସମିସ): ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) କଟକର ଟାଙ୍ଗି, ଚୋ÷ଦ୍ୱାର ଅନ୍ତର୍ଗତ ସଫାସ୍ଥିତ ଉତ୍କଳମଣି ବିଦ୍ୟାପୀଠରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଦୋ÷ଡକୁଦ ପ୍ରତିଯୋଗିତା (୧୪ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ ବାଳିକାଙ୍କ ନିମନ୍ତେ) ଆୟୋଜନ ପାଇଁ ସହାୟତା ଯୋଗାଇ ଦିଆଯାଇଛି । ଏହି ପ୍ରୟାସ ଯୁବ ବିକାଶକୁ ପୃଷ୍ଠପୋଷକତା କରିବା ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ସଶକ୍ତିକରଣ ନିମନ୍ତେ କ୍ରୀଡାକୁ ଏକ ସାଧନ ଭାବରେ ପ୍ରୋତ୍ସାହିତ କରିବା ଦିଗରେ ଡିବିଏଫର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୋ÷ଦାମିନୀ ଦାସ ଯୋଗଦେଇ ଅଂଶଗ୍ରହଣକାରୀଙ୍କ ପ୍ରୟାସକୁ ସାଧୁବାଦ ଜଣାଇବା ସହିତ ଡାଲମିଆ ଭାରତ ଫାଉଣ୍ଡେସନକୁ ତୃଣମୂଳସ୍ତରରେ କ୍ରୀଡାକୁ ପ୍ରୋତ୍ସାହନ ଯୋଗାଇଦେବାରେ ତାହାର ମୂଲ୍ୟବାନ ଅବଦାନ ନିମନ୍ତେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ୧୪ଟି ବ୍ଲକ୍‌ରୁ ୩୫୬ ଜଣ ଛାତ୍ରଛାତ୍ରୀ, ୫୬ ଜଣ ଶିକ୍ଷା କର୍ମଚାରୀ ଏବଂ ୮୯ ଜଣ ସ୍ଥାନୀୟ ବ୍ଲକ ଅଧିକାରୀ ଭାଗ ନେଇଥିଲେ । ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ପଙ୍କଜ ଗୁପ୍ତା, ୟୁନିଟ ହେଡ୍, କେସିଡବ୍ଲ୍ୟୁ, ଡାଲମିଆ ସିମେଣ୍ଟ କହିଥିଲେ, ଡାଲମିଆ ଭାରତ ଏହାର ସେବା ଯୋଗାଉଥିବା ଅଞ୍ଚଳଗୁଡିକରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଯୁବ ପ୍ରତିଭାମାନଙ୍କର ପରିପୋଷଣ ନିମନ୍ତେ ପ୍ରତିବଦ୍ଧ ରହିଛି । ଆମେ ଯୁବ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡା ଜରିଆରେ ସେମାନଙ୍କର ସାମର୍ଥ୍ୟ ଅନ୍ୱେଷଣ କରିବା ସକାଶେ ସେମାନଙ୍କୁ ଉତ୍ସାହିତ କରୁଥିବା ପ୍ରୟାସର ଅଂଶବିଶେଷ ହେବା ନେଇ ଆନନ୍ଦ ଅନୁଭବ କରୁଛୁ । ଏହି ପ୍ରୟାସ ଡିବିଏଫର ବ୍ୟବସାୟ ପରିଚାଳନା ଅଞ୍ଚଳଗୁଡିକରେ ଶିକ୍ଷା, କ୍ରୀଡା ଓ ଗୋଷ୍ଠୀଗୁଡିକର କଲ୍ୟାଣକୁ ସମର୍ଥନ କରିବାକୁ ବିସ୍ତାରିତ ଲକ୍ଷ୍ୟର ଅଂଶବିଶେଷ ହୋଇଛି ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୦୦ ● ପାଉଣ୍ଡ ୧୧୫.୭୮
- ୟୁରୋ ୧୦୧.୫୯ ● ୟେନ୍ ୦.୫୭




**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୯୫୦ (ନୂଆଦିଲ୍ଲୀ)
- ରୁପା : ୧,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୩୫.୦୦
- ନିଫ୍ଟି ୨୫,୫୭୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପ୍ରଭାବିତ ହୋଇପାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

**ଭାରତର ଚିନ୍ତା ବଢ଼ିଲା**

**ଟ୍ରମ୍ପଙ୍କ ଶୁଳ୍କ ଉପରେ ଆମେରିକା ସୁପ୍ରିମକୋର୍ଟରେ ମାମଲା**

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ବୃହତ୍ ଟାରିଫ୍ ବା ଶୁଳ୍କ ଉପରେ ଆମେରିକାର ସୁପ୍ରିମକୋର୍ଟରେ ଚାଲିଥିବା ମାମଲା ଭାରତ ପାଇଁ ଏବେ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସମ୍ପ୍ରତି ଭାରତୀୟ ଅଧିକାରୀ ଏବଂ ବାଣିଜ୍ୟ ବିଶେଷଜ୍ଞ ଏହି ମାମଲା ଉପରେ ନଜର ରଖିଛନ୍ତି। କାରଣ ହେଉଛି ଏହି ଟାରିଫ୍ ମାମଲା ସିଧାସଳଖ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ପ୍ରଭାବିତ କରିପାରେ। ଏପ୍ରିଲରେ, ଟ୍ରମ୍ପ୍ ଦେଶର ବର୍ଦ୍ଧିତ ବାଣିଜ୍ୟ ନିଅଣ୍ଟକୁ ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ଅଧିକାଂଶ ଦେଶ ଉପରେ ବ୍ୟାପକ ଶୁଳ୍କ ଲଗାଇଥିଲେ। ବର୍ତ୍ତମାନ, କୋର୍ଟ ନିଷ୍ପତ୍ତି ନେବେ ଯେ ରାଷ୍ଟ୍ରପତିଙ୍କର ଏତେ ବ୍ୟାପକ ଅଧିକାର ଅଛି କି ନାହିଁ।

ଗତ ସପ୍ତାହରେ ଏକ ଶୁଣାଣିରେ, ସୁପ୍ରିମକୋର୍ଟର ବିଚାରପତିମାନେ ଟ୍ରମ୍ପଙ୍କ ଶୁଳ୍କ ଲାଗୁ କରିବାର ଅଧିକାର ଉପରେ ସନ୍ଦେହ ପ୍ରକାଶ କରିଥିଲେ। ଅନେକ ବିଚାରପତି ପ୍ରଶ୍ନ କରିଥିଲେ ଯେ ଏକ ଜରୁରୀକାଳୀନ ଆଇନ ରାଷ୍ଟ୍ରପତିଙ୍କୁ ଆମଦାନୀ ଶୁଳ୍କ ବୃଦ୍ଧି କିମ୍ବା ହ୍ରାସ କରିବାର କ୍ଷମତା ଦିଏ କି ନାହିଁ। ଆମେରିକା ସମ୍ବିଧାନ କଂଗ୍ରେସକୁ ଶୁଳ୍କ ଲାଗୁ କରିବାର ଅଧିକାର ପ୍ରଦାନ କରେ, କିନ୍ତୁ ପ୍ରଥମ ଥର ପାଇଁ, ଟ୍ରମ୍ପ ପ୍ରଶାସନ ଦାବି କରୁଛି ଯେ ଜରୁରୀକାଳୀନ ଆଇନ ସେମାନଙ୍କୁ ଏହି କ୍ଷମତା ପ୍ରଦାନ କରେ। ବିଚାରପତିମାନଙ୍କ ମନ୍ତବ୍ୟ ଟ୍ରମ୍ପଙ୍କ ଯୁକ୍ତିକୁ ଦୁର୍ବଳ କରୁଥିବା ପରି ମନେ ହେଉଛି।



ଯଦି କୋର୍ଟ ଟ୍ରମ୍ପଙ୍କ ବିରୁଦ୍ଧରେ ରାୟ ଦିଏ, ତେବେ ଏହା ବିଶ୍ୱ ବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ।

ଭାରତ ଏବଂ ଆମେରିକାର ଟିମ୍ ଏକ ବାଣିଜ୍ୟ ଚୁକ୍ତିନାମା ପାଇଁ ଆଲୋଚନା କରୁଛନ୍ତି। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଯେକୌଣସି କାର୍ଯ୍ୟାନୁଷ୍ଠାନ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରିବ। ସେ କହିଛନ୍ତି, ଭାରତୀୟ ଦଳ କୌଣସି ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁନାହିଁ। ସବୁକିଛି କୋର୍ଟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।

ବାଣିଜ୍ୟ ଏବଂ ଶିଳ୍ପ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ କୋର୍ଟ ଟ୍ରମ୍ପଙ୍କ ବିରୁଦ୍ଧରେ ରାୟ ଦେଲେ ମଧ୍ୟ ସେ ହାର ମାନିବେ ନାହିଁ। ଯଦିଓ ନିଷ୍ପତ୍ତି ଟ୍ରମ୍ପଙ୍କ ସପକ୍ଷରେ ନ ଯାଏ, ତଥାପି ସେ କୌଣସି ପ୍ରକାରେ ଶୁଳ୍କ ଲାଗୁ କରିବେ। ଶୁଳ୍କ ହେଉଛି ଟ୍ରମ୍ପଙ୍କ ପ୍ରିୟ ଅସ୍ତ୍ର। କୋର୍ଟଙ୍କ କଟକଣା ସତ୍ତ୍ୱେ, ଟ୍ରମ୍ପ ଅନ୍ୟ ଆଇନର ଆଶ୍ରୟ ନେଇ ବାଣିଜ୍ୟିକ ଅଂଶୀଦାରମାନଙ୍କୁ ଟାର୍ଗେଟ କରିପାରିବେ।

ଦିଲ୍ଲୀ-ଭିତ୍ତିକ ଏକ ଥିଙ୍କ ଟ୍ୟାଙ୍କ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ଦ୍ୱାରା ଗତ ସପ୍ତାହରେ ଜାରି ଏକ ରିପୋର୍ଟରେ ଚେତାବନୀ ଦିଆଯାଇଥିଲା ଯେ ଯଦି ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଜରୁରୀକାଳୀନ କ୍ଷମତାକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ତାଙ୍କର "ମୁକ୍ତି ଦିବସ" ଶୁଳ୍କ ଉଠାଇ ଦିଅନ୍ତି, ତେବେ ଏହାର ଆମେରିକା ବାହାରେ ବଡ଼ ପ୍ରଭାବ ପଡ଼ିପାରେ। ରିପୋର୍ଟରେ କୁହାଯାଇଛି ଯେ ଏହା ଇୟୁ , ଜାପାନ, ଦକ୍ଷିଣ କୋରିଆ ଏବଂ ୟୁକେ ଭଳି ଦେଶ ସହିତ ସାମ୍ପ୍ରତିକ ବାଣିଜ୍ୟ ଚୁକ୍ତିକୁ ପଲଟାଇଦେଇପାରେ, କାରଣ ସେଗୁଡ଼ିକ ସବୁ ଶୁଳ୍କ ଚାପରେ କରାଯାଇଥିଲା।

ଭାରତ ସହିତ ଚାଲିଥିବା ଆଲୋଚନା, ଯେଉଁଠାରେ ଆମେରିକା ଚାପ ପ୍ରୟୋଗ କରିବା ପାଇଁ ଶୁଳ୍କକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି, ତାହା ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହେବ। ଗତ ସପ୍ତାହରେ ଏକ ସାକ୍ଷାତକାରରେ ଟ୍ରମ୍ପ ସ୍ପଷ୍ଟ ଭାବରେ କହିଥିଲେ ଯେ ଶୁଳ୍କ ହଟାଇବା ତାଙ୍କ ଦେଶ ପାଇଁ ଏକ ବିପର୍ଯ୍ୟୟ ହେବ। ସେ ଚେତାବନୀ ଦେଇଥିଲେ ଯେ ଯଦି ସେ ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଶୁଳ୍କ ଲାଗୁ କରିପାରିବେ ନାହିଁ, ତେବେ ସମଗ୍ର ବିଶ୍ୱ ମାନସିକ ଅବସାଦରେ ବୁଡ଼ିଯିବ।

## ଖିମଜୀ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର,୧୦।୧୧(ସମିସ): ଖିମଜୀ ଗ୍ରୁପ୍ ପକ୍ଷରୁ ଭାରତୀୟ ରେଡକ୍ରସ ସୋସାଇଟି (ଆଇଆରସିଏସ୍), ଓଡ଼ିଶା ରାଜ୍ୟ ଶାଖା ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଭୁବନେଶ୍ୱରସ୍ଥିତ ଏନଏସ୍‌ଆଇସି ସୌଧରେ ଥିବା ଖିମଜୀ ଗ୍ରୁପ୍ କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରକୁ ମିତେଶ ଖିମଜୀ, ମ୍ୟାନେଜିଂ ଡାଇରେକ୍ଟର ଖିମଜୀ ଗ୍ରୁପ୍ ଏବଂ ଡା. ରଘୁନାଥ ବେହେରା, ମେଡିକାଲ ଅଫିସର, ଆଇଆର୍‌ସିଏସ୍ ବିଶିଷ୍ଟ ଅତିଥି ଗୁଲଶନ କୁମାର ଦାଶ, ରେଡକ୍ରସ ପ୍ରତିନିଧି, ତ୍ରିଲୋଚନ ଦାଶ, ସଂଯୋଜକ, ଓଡ଼ିଶା ରକ୍ତ ସଞ୍ଚାର ମହାସଂଘ ଏବଂ ଖିମଜୀ ଜୁଏଲର୍ସର ବରିଷ୍ଠ ପ୍ରତିନିଧିଗଣ, ଖିମଜୀ ଫିନସର୍ଭ ଓ ଖିମଜୀ ଫାଉଣ୍ଡେସନ୍‌ର ମାନବ ସମ୍ବଳ ଓ କର୍ପୋରେଟ କମ୍ୟୁନିକେସନ ଟିମ୍‌ର ପ୍ରତିନିଧିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମିତେଶ ଖିମଜୀ କହିଥିଲେ ଯେ, କହିବାକୁ ଗଲେ ରକ୍ତ ହେଉଛି ଲାଲ ସୁନା ଏବଂ ଏହାର ମୂଲ୍ୟ ଜରୁରୀ ପରିସ୍ଥିତିରେ କେତେ ମୂଲ୍ୟବାନ ତାହା ଜଣାପଡିଥାଏ। ପ୍ରତ୍ୟେକ ରକ୍ତ ବୁନ୍ଦା ଆବଶ୍ୟକ କରୁଥିବା ଜଣେ ବ୍ୟକ୍ତିଙ୍କ ପାଇଁ ଆଶାର କିରଣ। ଖିମଜୀରେ ଆମେ ବିଶ୍ୱାସ ରଖୁଛୁ ଯେ ପ୍ରତ୍ୟେକ ୟୁନିଟ ରକ୍ତର ତିନିଟି ମୂଲ୍ୟବାନ ଜୀବନ ବଞ୍ଚାଇବାର ଶକ୍ତି ରହିଛି। ଏହି ରକ୍ତଦାନ ଶିବିରରେ ମୋଟ ୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଖିମଜୀ ଗ୍ରୁପ୍‌ର ୨୪ଜଣ ଉତ୍ସାହୀ କର୍ମଚାରୀଙ୍କ ସହିତ ଏନଏସ୍‌ଆଇସିରୁ ୧୦ଜଣ ରକ୍ତଦାନ କରିଥିଲେ।

## ଟାରିଫ୍‌ରୁ ପ୍ରତି ଆମେରିକୀୟଙ୍କୁ ୧.୭୭ ଲକ୍ଷ ଦେବେ ଟ୍ରମ୍ପ୍

ୱାଶିଂଟନ୍,୧୦।୧୧(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ଟ୍ରୁଥ୍ ସୋସିଆଲ ମିଡିଆରେ ପୋଷ୍ଟ କରି ଦାବି କରିଛନ୍ତି ଯେ ସେ ଲାଗୁ କରିଥିବା ଟାରିଫ୍ କୋଟି କୋଟି ଡଲାର ରାଜସ୍ୱ ସୃଷ୍ଟି କରୁଛି। ସେ କହିଛନ୍ତି ଯେ ଏହି ରାଜସ୍ୱ ଅର୍ଥକୁ ଆମେରିକା ବାସୀଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। ଧନୀ ଲୋକଙ୍କୁ ଛାଡି ଏଥିରୁ ପ୍ରତ୍ୟେକ ଆମେରିକୀୟ ନାଗରିକଙ୍କୁ ୨୦୦୦ ଡଲାର (ପ୍ରାୟ ୧.୭୭ ଲକ୍ଷ ଟଙ୍କା) ର "ଲାଭାଂଶ" ପ୍ରଦାନ କରିବ। ପୋଷ୍ଟରେ ଟ୍ରମ୍ପ ଶୁଳ୍କର ସମାଲୋଚକମାନଙ୍କୁ "ମୂର୍ଖ" ବୋଲି କହିଛନ୍ତି। ସେ କହିଛନ୍ତି, ଯେଉଁମାନେ ଶୁଳ୍କ ବିରୁଦ୍ଧରେ କଥା କୁହନ୍ତି ସେମାନେ ମୂର୍ଖ। ଆମ ସରକାର ଆମେରିକାକୁ ବିଶ୍ୱର ସବୁଠାରୁ ଧନୀ ଏବଂ ସବୁଠାରୁ ସମ୍ମାନଜନକ ଦେଶ କରିଛି, ଯେଉଁଠାରେ ମୁଦ୍ରାସ୍ଫୀତି କିଛି ବି ନୁହେଁ ଏବଂ ସେୟାର ବଜାର ରେକର୍ଡ ସ୍ତରରେ ଅଛି। ତଥାପି, ଟ୍ରମ୍ପ ଏହି ସୁବିଧା କିଏ ପାଇବେ ତାହା ସ୍ପଷ୍ଟ କରି ନାହାଁନ୍ତି, ଯୋଗ୍ୟତା ମାନଦଣ୍ଡ (ଯେପରିକି ଆୟ ସୀମା) କିମ୍ବା ସମୟସୀମା ବିଷୟରେ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରିନାହାଁନ୍ତି। ଏହା ପ୍ରଥମ ଥର ନୁହେଁ ଯେତେବେଳେ ସେ ଏପରି ପ୍ରତିଶ୍ରୁତି ଦେଇଛନ୍ତି।

## ଭାରତ ମସଲା ପକ୍ଷରୁ ୪ର୍ଥ ଦିନର ଲକି ଡ୍ର

କଟକ,୧୦।୧୧(ସମିସ): ପ୍ରତିଦିନ କଟକ ବାଲିଯାତ୍ରାରେ ଭାରତ ମସଲା ପକ୍ଷରୁ ଲକି ଡ୍ର କାର୍ଯ୍ୟକ୍ରମ ଜାରି ରହିଛି। ଗ୍ରାହକଙ୍କ ଭାରି ଚାହିଦାକୁ ଆଖି ଆଗରେ ରଖି ମସଲାର ମାନ, ଗୁଣବତ୍ତା ଓ ମୂଲ୍ୟରେ କମ୍ପାନୀ ଏ ପର୍ଯ୍ୟନ୍ତ ସାଲିସ କରିନି ବୋଲି ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ଆଜିର ଲକି ଡ୍ର ବିଜେତାମାନଙ୍କୁ ମୁଖ୍ୟ ଅତିଥି ଭାରତ ମସଲାର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ଆଜିର ପ୍ରଥମ ଭାଗ୍ୟଶାଳୀ ବିଜେତା ଢେଙ୍କାନାଳ ଜିଲ୍ଲା ଗୁଡ଼ିଆକାଟେଣୀ ଅଞ୍ଚଳର ଭରତ କୁମାର ରାଉତଙ୍କୁ ମାଇକ୍ରୋ ଓଭେନ୍, ଦ୍ୱିତୀୟ ବିଜେତା ସିଡିଏ ସେକ୍ଟର ୧୦ ର ପ୍ରଦୀପ କୁମାର ଦାସଙ୍କୁ ରେସିଂ ବାଇସାଇକେଲ, ତୃତୀୟ ବିଜେତା ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ଈଶ୍ୱର ଚନ୍ଦ୍ର ବଳଙ୍କୁ ବାଉଲ ସେଟ୍ ଓ ସାନ୍ତ୍ୱନା ମୂଳକ ପୁରସ୍କାର ସ୍ୱରୂପ ସାଇଲୋ ଗୋବିନ୍ଦପୁର ମେଘା ଅଞ୍ଚଳର ମୀନକେତନ ରାଉତରାୟଙ୍କୁ ଫ୍ରାଇଂ ପ୍ୟାନ୍ ଶ୍ରୀ ପଣ୍ଡା ପ୍ରଦାନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଜିନ୍ଦଲ ଷ୍ଟେନ୍‌ଲେସ୍ ତ୍ରୈମାସିକ ଆର୍ଥିକ ଫଳାଫଳ

ଭୁବନେଶ୍ୱର, ୧୦।୧୧(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ)ର ନିର୍ଦ୍ଦେଶକ ମଣ୍ଡଳୀ ଆଜି ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି। କମ୍ପାନୀର ବିକ୍ରି ପରିମାଣ ୬,୪୮,୦୫୦ ଟନ୍ ରେକର୍ଡ ହୋଇଛି, ଯାହା ବାର୍ଷିକ ଆଧାରରେ ୧୪.୮% ବୃଦ୍ଧି ପାଇଛି। ମୋଟ ରାଜସ୍ୱ ୧୦,୮୮୧ କୋଟି ଟଙ୍କା ହୋଇଛି,ଯାହା ବାର୍ଷିକ ଆଧାରରେ ୧୧.୬% ବୃଦ୍ଧି ପାଇଛି। ଷ୍ଟାଣ୍ଡଆଲୋନ୍ ଇବିଆଇଟିଡିଏ ଏବଂ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୧,୦୬୦ କୋଟି ଟଙ୍କା ଏବଂ ୬୪୪ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଭିତିରେ ଯଥାକ୍ରମେ ୫.୩% ଏବଂ ୯.୩% ବୃଦ୍ଧି ପାଇଛି। ଏକୀକୃତ ଭାବେ, ମୋଟ ରାଜସ୍ୱ ୧୦,୮୯୩ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ଭିତିରେ ୧୧.୪% ବୃଦ୍ଧି ପାଇଛି। ଏକୀକୃତ ଇବିଆଇଟିଡିଏ ୧,୩୮୮ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ୮୦୮ କୋଟି ଟଙ୍କା ରେକର୍ଡ ହୋଇଛି, ଯାହା ବାର୍ଷିକ ଭିତିରେ ଯଥାକ୍ରମେ ୧୭% ଏବଂ ୩୨.୬% ବୃଦ୍ଧି ପାଇଛି। ଏକୀକୃତ ମୋଟ ଋଣ ୩,୬୪୬ କୋଟି ଟଙ୍କା ଥିଲା, ଯେତେବେଳେ ମୋଟ ଋଣ-ଇକ୍ୱିଟି ଅନୁପାତ ୦.୨x ରହିଛି।

## ବେଦାନ୍ତ ଆଲୁମିନିୟମ୍‌ର 'ପ୍ରୋଜେକ୍ଟ ସମ୍ପର୍କ'

ଭୁବନେଶ୍ୱର, ୧୦।୧୧(ସମିସ): ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟୀତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କମ୍ପାନୀ ବଞ୍ଜାରୀ, କୁଡାଲୋଇ ଏବଂ ପିପଲିମାଲ ଗ୍ରାମରୁ ୧,୦୦୦ରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଏବଂ ଜୈବିକ ଘରେ ଉତ୍ପାଦିତ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ପାଇଁ ସଶକ୍ତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହିତ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ମିଳିଥିଲା। ମୋଟ ୧୦,୦୦୦ରୁ ଅଧିକ ବିହନ ପ୍ୟାକେଟ ମହିଳା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ବଣ୍ଟନ କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁଛୁ ଯେ ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ, ଆମେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଏବଂ କଲ୍ୟାଣର ଦାୟିତ୍ୱ ନେବାକୁ ସକ୍ଷମ କରୁଛୁ।





**ଆସିଲା ନୂଆ ଆଧାର ଆପ୍**

# କ୍ୟୁଆର୍‌ରେ ସେୟାର ହେବ ଆଧାର କାର୍ଡ

- ଆଉ ସାଥିରେ ନେବାକୁ ପଡ଼ିବନି ଆଧାର କାର୍ଡ
- ମୋବାଇଲରେ ହିଁ ସେଭ୍ ହୋଇ ରହିବ ଆଧାର କାର୍ଡ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି):ଏଣିକି ଆଉ ସବୁବେଳେ ସଙ୍ଗରେ ନେବାକୁ ପଡ଼ିବନି ଆଧାର କାର୍ଡ। ମୋବାଇଲରେ ହିଁ ସେଭ୍ ହୋଇ ରହିବ ଆଧାର କାର୍ଡ। ଇଣ୍ଟରନେଟ ଥାଉ କି' ନ ଥାଉ ଆପ୍ ମାଧ୍ୟମରେ କାଢ଼ିପାରିବେ ନିଜର ଓ ନିଜ ପରିବାର ସଦସ୍ୟଙ୍କ ଆଧାରକାର୍ଡ। ଖାଲି ସେତିକି ନୁହେଁ ସୁରକ୍ଷିତ ଉପାୟରେ ଆଧାରକାର୍ଡର କେବଳ ଜରୁରୀ ତଥ୍ୟ ହିଁ ଶେୟାର କରିପାରିବେ। ଆଧାର କାର୍ଡର ଡିଜିଟାଲ ବ୍ୟବହାରକୁ ଆହୁରି ସରଳ ଓ ସହଜ କରିବା ପାଇଁ ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ ବା ୟୁଆଇଡିଏଆଇ ଏକ ନୂଆ ମୋବାଇଲ ଆପ୍ ଲଞ୍ଚ କରିଛି। ଏହି ଆପ୍ ଜରିଆରେ ଏଣିକି ଆପଣ ନିଜ ଆଧାର କାର୍ଡକୁ ସବୁବେଳେ ଫୋନ୍‌ରେ ନେଇପାରିବେ। ଅର୍ଥାତ ଆପଣଙ୍କୁ କୌଣସି ଫିଜିକାଲ ଆଧାରକାର୍ଡ ପାଖରେ ରଖିବା ଆବଶ୍ୟକ ପଡିବନାହିଁ। ପୁରୁଣା ଏମ-ଆଧାର ଆପ୍‌ଠାରୁ ଅଲଗା ନୂଆ ଆପ୍‌ରେ ଆଧାର କାର୍ଡ ସହ ଜଡ଼ିତ କୌଣସି ଭେରିଫିକେସନ ୟୁପିଆଇ ପେମେଣ୍ଟ ଭଳି ସହଜରେ ହୋଇପାରିବ। ଇ-ଆଧାର ସବୁବେଳେ ସମସ୍ତଙ୍କ ପାଖରେ ଫୋନ୍‌ରେ ରହିପାରିବ। ପେପର କପି ରଖିବାର ଆବଶ୍ୟକତା ପଡ଼ିବନି। ଯଦି ଆପଣ ନିଜ ଆଧାର କାର୍ଡ କେଉଁଠାରେ ବ୍ୟବହାର କରିବାକୁ ଚାହିଁବେ ତେବେ ଆପଣଙ୍କୁ ଫେସ୍ ସ୍କାନ କରିବାକୁ ହେବ। ଏହା ସହ ବାୟୋମେଟ୍ରିକ ଅଥେଣ୍ଟିକେସନ ଦ୍ୱାରା ଆପ ଖୋଲି ହେବ। ଆପ୍‌ର ଏକାଧିକ ଭାଷା, ଅଫ୍‌ଲାଇନ୍ ୟୁଜ ଭଳି ସୁବିଧା ମଧ୍ୟ ରହିଛି। ସୂଚନାଥାଉକି, ପୂର୍ବରୁ ଏମ ଆଧାର ଆପ୍‌ର ବ୍ୟବହାର ହେଉଥିଲା। ଏହା ଆଧାର ଡିଟେଲ ଚେକ୍ କରିବା, ଡିଜିଟାଲ ଆଧାର କାର୍ଡ ଡାଉନଲୋଡ କରିବା ଏବଂ ପିଭିସି କାର୍ଡ ମଗାଇବା ପାଇଁ ବ୍ୟବହାର ହେଉଥିଲା। ସେହିଭଳି ନୂଆ ଆପ୍‌ରେ ୟୁଜର୍ସ ନିଜ ଆଧାର ତଥ୍ୟକୁ ନିରାପଦ ରଖି ସ୍କାନ କରି ଶେୟାର କରିପାରିବେ। ନୂଆ ଆପ ଦ୍ୱାରା ଚେକ-ଇନ୍, ସିମ୍ ଆକ୍ଟିଭେସନ କିମ୍ବା ବ୍ୟାଙ୍କ୍ କେଓ୍ୱାଇସି ସହଜ ହେବ। ପରିବାର ସଦସ୍ୟଙ୍କ ଆଧାର କାର୍ଡ ମଧ୍ୟ ଏଥିରେ ସହଜରେ ରହିପାରିବ। ତଥାପି ପିଡିଏଫ ଡାଉନଲୋଡ କିମ୍ବା ପିଭିସି କାର୍ଡ ପାଇଁ ଏବେ ବି ଏମଆଧାର ବ୍ୟବହାର କରନ୍ତୁ। ଭର୍ଚୁଆଲ ଆଇଡି ଜେନେରେଟ୍ କିମ୍ବା କିଛି ଅପଡେଟ କରିବା ପାଇଁ ୟୁଆଇଡିଆଇ ପୋର୍ଟାଲ କିମ୍ବା ଏମ ଆଧାର ହିଁ ଉତ୍ତମ। ନୂଆ ଆପ୍‌ରେ ପ୍ରାଇଭେସୀକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା କେବଳ ଆବଶ୍ୟକୀୟ ତଥ୍ୟ ହିଁ ଶେୟାର କରିପାରିବେ।




Government of India
Ministry of Environment, Forest & Climate Change
Regional Office, Bhubaneswar, Odisha

Online Proposal No.: FP/OR/RAIL/438606/2023

Dated: 07/10/2025

To,
The Addl. Chief Secretary,
Forest, Environment & CC Deptt.,
Government of Odisha,
Bhubaneswar – 751 001

Subject: Diversion of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd.

Sir/Madam,

I am directed to refer to State Govt. letter No.FE-DIV-FLD-0106-2023-25213/FE&CC dated 05.12.2023, No.26151/FE&CC dated 30.12.2024, No.2072/FE&CC dated 21.01.2025 and Online Proposal No.FP/OR/RAIL/438606/2023, wherein prior approval of the Ministry of Environment, Forest & Climate Change for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., was sought in accordance with Section-2 (1)(ii) of the Van (Sanrakshan Evam Samvardhan) Adhiniyam, 1980. After due consideration of the proposal by the Ministry of Environment, Forest & Climate Change, the in-principle approval for diversion of the said forest land was accorded by Ministry vide this office letter of even number dated 24.01.2025, subject to fulfillment of certain conditions. The State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the Addl. PCCF & Nodal Officer (FCA), Odisha vide their letter No.19249/9F (Rail)-391/2023 dated 15.09.2025 and submission of the compliance report by the State Govt. in Parivesh web portal on 26.09.2025, Stage-II/final approval of the Ministry of Environment, Forest & Climate Change is hereby granted under Section 2 (1)(ii) of the Van (Sanrakshan Evam Samvardhan) Adhiniyam, 1980 for non-forestry use of 4.519 ha of forest land for construction of proposed Rail Corridor in village Kadei under Tangi Choudwar Tahasil of Cuttack District in Cuttack Forest Division by M/s My Home Industries Pvt. Ltd., subject to the fulfillment of the following conditions:-

1. General Conditions

| S. No | Conditions |
|---|---|
| 1.1 | The State Govt. shall ensure that the legal status of diverted forest land shall remain unchanged. |
| 1.2 | The State Govt. shall ensure that the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.3 | The State Govt. should ensure that the non-forest land proposed for CA shall be notified as PF under Section 29 of the IFA, 1927 or local Act before handing over of the diverted forest land to the user agency and after notification of such non-forest land, the Nodal Officer, Odisha shall upload a copy of said notification on the PARIVESH portal. |
| 1.4 | The State Govt. shall ensure the compliance on FRA, 2006 as per Van (Sanrakshan Evam Samvardhan) Rules and guidelines issued from time to time before handing over of the diverted forest land to user agency. |
| 1.5 | The State Govt. shall ensure that the KML files of the area to be diverted, CA and Addl. CA areas shall be uploaded on the e-Green watch portal with all requisite details before handing over of the diverted forest land to the user agency. |
| 1.6 | The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.7 | The State Govt. shall ensure that the State Forest Department will raise compensatory afforestation over 4.654 ha identified in village Chhotapadagon under Tangi Choudwar Tahasil of Cuttack District under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.8 | The State Govt. shall ensure that the State Forest Department will raise additional compensatory afforestation over 5.2 ha of degraded forest land identified in Kaliamba PRF of Dalijoda Range under Cuttack Forest Division within two years from the date of Stage-II Clearance and maintained thereafter by the State Forest Department as per approved plan/scheme and maintained thereafter, at the cost of user agency. |
| 1.9 | The State Govt. shall ensure that the species to be planted in the CA and Addl. CA scheme shall be of native species of the area. At least 18 month old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals. |
| 1.10 | The State Govt. shall ensure that State Forest Department shall implement the Site Specific Wildlife Conservation Plan duly approved by Chief Wildlife Warden, Odisha the project cost. |
| 1.11 | The State Govt. shall ensure controlled speed limit of 20 Km/Hr, if the trains passing through the forest portion to enable the trains drivers to react to the sudden appearance of the wild animals on the track. As and when required speed of train shall be regulated in consultation with CWLW of the State Govt. There should be regular communication with the local forest department to know the presence/movement of elephant near the track. |
| 1.12 | The State Govt. and User Agency shall ensure that speed regulating signage will be erected along the railway line at regular intervals in Protected Areas/Forest Areas. |
| 1.13 | The State Govt. and the User Agency shall ensure that the designing of new culverts/bridges, if any, over the natural streams/ rivers/canals should be done in such a manner that it does not hamper the natural course of water, does not give rise to water-logging, so that it does not hamper movement of wild animals. |
| 1.14 | The State Govt. and the User Agency shall ensure that the reclamation of quarry, if any, should be done under the supervision of the State Forest Department. The quarry shall be reclaimed and afforested completely before the project is closed. |
| 1.15 | The State Govt. shall ensure that the user agency shall take up Avenue Plantation on either side of alignment of the track at its own cost in consultation with the DFO. |
| 1.16 | The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department. |
| 1.17 | The State Govt. shall ensure that the period of diversion under this approval shall be co-terminus with the period of lease granted in favour of user agency or the project life, whichever is less. |
| 1.18 | The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas. |
| 1.19 | The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner. |
| 1.20 | The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency. |
| 1.21 | The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change. |
| 1.22 | The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change. |
| 1.23 | The State Govt. shall ensure that no damage to the flora and fauna of the adjoining area shall be caused. |
| 1.24 | The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area. |
| 1.25 | The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Integrated Regional Office of this Ministry by the end of March every year regularly. |
| 1.26 | The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency. |
| 1.27 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.28 | Any other direction issued by the Ministry as a result of Hon'ble Supreme Court order will have bearing on this approval. |
| 1.29 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

2. Standard conditions

3. Specific Conditions

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Deputy General Manager (Projects), M/s My Home Industries Pvt. Ltd., 9th Floor, Block-3, My Home Hub, Madhapur, Hyderbad-500081, Telangana.

Your's faithfully
(Sujoy Dutta)
Assistant Commissioner (Forestry)

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେଇପାରେ। ପିଲାମାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଯୋଜନା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ। ଦାନ ଧର୍ମ କରିବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସହିତ ହସ ଖୁସିରେ ସମୟ ବିତାଇବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ। ଆୟ ଅନୁସାରେ ଖର୍ଚ୍ଚ କରିବେ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୯ - ୱାଶିଂଟନ୍‌କୁ ଆମେରିକାର ୪୨ ତମ ପ୍ରାନ୍ତ ଘୋଷଣା କରାଗଲା।
- ୧୯୫୬- ରାଜଧାନୀ ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ ହେଲା।
- ୧୯୬୬- ନାସା ମହାକାଶ ଯାନ 'ଜେମିନି-୧୨' ଲଞ୍ଚ୍ କଲା।
- ୧୯୭୩- ପ୍ରଥମ ଅନ୍ତରାଷ୍ଟ୍ରୀୟ ଡାକଟିକଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଇସ୍ରାଏଲର ସେନା ମୁଖ୍ୟାଳୟରେ ଗ୍ୟାସ୍ ବିସ୍ଫୋରଣ ଯୋଗୁଁ ପାଖାପାଖି ୬୦ ଲୋକଙ୍କ ମୃତ୍ୟୁ।
- ୨୦୦୧-ଦୋହା ବୈଠକରେ ଡବ୍ଲ୍ୟୁଟିଓ ଭାରତର ସମର୍ଥନ କଲା।

## ଜାତୀୟ ଶିକ୍ଷା ଦିବସ

ଦେଶର ବିକାଶରେ ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ। ମଣିଷ ଜୀବନରେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୧କୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଉଛି। ଶିକ୍ଷା ହେଉଛି ଏକ ଶକ୍ତିଶାଳୀ ସାଧନ ଯାହା ମାଧ୍ୟମରେ ଆମେ ଆମ ଜୀବନକୁ ଉନ୍ନତ କରିପାରିବା । ଏହା ଆମକୁ ଜ୍ଞାନ, କୌଶଳ, ଏବଂ ଦକ୍ଷତା ପ୍ରଦାନ କରିବା ସହ ଆମ ଲକ୍ଷ୍ୟ ପୂରଣ କରିବାରେ ଏବଂ ବିଶ୍ୱର ଉନ୍ନତି କରିବାରେ ସାହାଯ୍ୟ କରିଥାଏ। ଏହିଦିନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ତଥା ଭାରତ ରତ୍ନ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଦିବସ। ମୌଲାନା ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ଲେଖକ ଥିଲେ। ସେ ୧୮୮୮ ମସିହା ଆଜିର ଦିନରେ ଆରବର ମକ୍କା ସହରରେ ଜନ୍ମଗ୍ରହଣ କରିଥିଲେ।



ମୌଲାନା ତାଙ୍କୁ ପ୍ରଦତ୍ତ ଏକ ସମ୍ମାନସ୍ୱଦ ଉପାଧି ଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କ ନାମରେ ଆଜାଦ ଯୋଡ଼ିଥିଲେ, ଯାହାର ଅର୍ଥ ମୁକ୍ତି । ୧୫ ଅଗଷ୍ଟ ୧୯୪୭ରୁ ଫେବୃଆରୀ ୨, ୧୯୫୮ ପର୍ଯ୍ୟନ୍ତ ସେ ଭାରତର ଶିକ୍ଷା ମନ୍ତ୍ରୀ ଥିଲେ। ମୌଲାନାଙ୍କ ଅନୁସାରେ, ବିଦ୍ୟାଳୟ ଏପରି ଏକ ପ୍ରୟୋଗଶାଳା, ଯେଉଁଠାରେ ରାଷ୍ଟ୍ରର ଭବିଷ୍ୟତ ପିଢ଼ିଙ୍କ ବିକାଶ ହୋଇଥାଏ। ଭାରତରେ ପ୍ରତିଷ୍ଠିତ ବିଭିନ୍ନ ଆଇଆଇଟିଗୁଡ଼ିକର ଶ୍ରେୟ ତାଙ୍କୁ ଦିଆଯାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଶିକ୍ଷା ମନ୍ତ୍ରୀ ଥିବା ସମୟରେ ସେ ଜାତୀୟ ଶିକ୍ଷା ନୀତିର ସ୍ଥାପନା କାରିଥିଲେ। ପ୍ରାଥମିକ ଶିକ୍ଷାର ଅଗ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ୧୯୯୨ ମସିହାରେ ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ର ସ୍ଥାପନା କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ନଭେମ୍ବର ୧୧ ତାରିଖକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଶିକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବା ତଥା ଲୋକଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ । ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ପୁସ୍ତକ ମେଳାର ଆୟୋଜନ କରାଯାଇଥାଏ ।

## ଟଙ୍କା ଦେଇ ୱେଟର୍ ସାଜନ୍ତି ଗ୍ରାହକ



ରେସ୍ତୋରାଁଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଯୋଜନା କରନ୍ତି। ଏହି କ୍ରମରେ ଜାପାନରେ ଏମିତି ଏକ ରେସ୍ତୋରାଁ ରହିଛି ଯେଉଁଠି ଗ୍ରାହକ ୱେଟର୍ ଅନୁଭୂତି ପାଇବାକୁ ରେସ୍ତୋରାଁ ଆସନ୍ତି। ଆଉ ଟଙ୍କା ଦେଇ ୱେଟର୍ ସାଜନ୍ତି। ଜାପାନର ଏକ ଲୋକପ୍ରିୟ ରେସ୍ତୋରାଁରେ ଗ୍ରାହକ ଟଙ୍କା ଦେଇ ୱେଟର୍ ସାଜିବା ଅନୁଭୂତି ନେଉଛନ୍ତି। ଏଥିପାଇଁ ରେସ୍ତୋରାଁ ପକ୍ଷରୁ ଗ୍ରାହକଙ୍କୁ ୱେଟର୍‌ଙ୍କ ପୋଷାକ ଦିଆଯାଏ। ତେବେ ସାମାଜିକ ଗଣମାଧ୍ୟମରେ ରେସ୍ତୋରାଁର ଏହି ନିୟମ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପପ୍-ଅପ୍ ଆଉଟଲେଟରେ କିଛି ଗ୍ରାହକ ଖାଦ୍ୟ ଖାଇବା ସହ ୱେଟର୍ ସାଜିବା ସଉକ ପୂରା କରିବାକୁ ଆସିଥାନ୍ତି। ରେସ୍ତୋରାଁରେ ଗ୍ରାହକ ୱେଟର୍ ପୋଷାକ ପିନ୍ଧି ରେସ୍ତୋରାଁର କର୍ମଚାରୀମାନଙ୍କୁ ଖାଦ୍ୟ ପରଷନ୍ତି। ଅବଶ୍ୟ ଗ୍ରାହକଙ୍କୁ ଏଭଳି ସଉକ ପୂରଣ କରିବା ପାଇଁ ୯୦ ମିନିଟ୍‌କୁ ଭାରତୀୟ ମୁଦ୍ରାରେ ୨,୨୯୮ ଟଙ୍କା ଦେବାକୁ ପଡ଼େ। ଏହାଦ୍ୱାରା ଗ୍ରାହକ କିଛି ସମୟ ପାଇଁ ନିଜକୁ ୱେଟର୍ ଭାବିଥାନ୍ତି। କିଛି ଲୋକ ୱେଟର୍‌ଙ୍କ ଭଳି ପୂରା ପୋଷାକ ନ ପିନ୍ଧି କେବଳ ପୋଷାକ ଉପରେ ତାକୁ ଗଳାଇ ଦେଇଥାନ୍ତି।

## ବିବାହ ପରେ ବିଦା ହୁଏ ବର

ସାଧାରଣତଃ ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ସଂସ୍କୃତି, ପ୍ରଥା, ପରମ୍ପରା ଆଦି ଦେଖିବାକୁ ମିଳିଥାଏ। ଏହିକ୍ରମରେ ମେଘାଳୟର ଖାସୀ ଜନଜାତିରେ ମଧ୍ୟ ବିବାହକୁ ନେଇ ଅଜବ ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ବିବାହ ପରେ କନିଆ ବଦଳରେ ବର ବିଦା ହୋଇଥାଏ। ତେବେ ଏହି ଜନଜାତିରେ ମହିଳାମାନଙ୍କର ରାଜୁତି ଚାଲେ। ଏଥିସହ ସମାଜରେ ସେମାନଙ୍କ ଭୂମିକା ସର୍ବୋଚ୍ଚ ବୋଲି କୁହାଯାଏ। ଏହି ପରମ୍ପରା ବର୍ଷ ବର୍ଷ ଧରି ଏଠାରେ ପାଳିତ ହୋଇ ଆସୁଛି। ଏଠାକାର ସମାଜ ମାତୃକୈନ୍ଦ୍ରିକ। ଏଠାରେ ପରିବାର ମୁଖ୍ୟ ଘରର ମହିଳା ହୋଇଥାନ୍ତି। ଘରର ସମ୍ପତ୍ତି, ଉପନାମ ସହ ଘରର ସମସ୍ତ ଦାୟିତ୍ୱ ଝିଅ ନେଇଥାଏ। ସେହିପରି ବିଶେଷ କଥା ହେଉଛି ପରିବାରର ସବୁଠୁ ସାନ ଝିଅଙ୍କୁ ମାଆବାପାଙ୍କ ଦେଖାଶୁଣା ଦାୟିତ୍ୱ ଦିଆଯାଏ। ପୁରୁଷମାନେ ଏଠି ମହିଳାମାନଙ୍କୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରନ୍ତି। ଶେଷ ନିଷ୍ପତ୍ତି କିନ୍ତୁ ମହିଳାଙ୍କ ଦ୍ୱାରା ହିଁ ନିଆଯାଇଥାଏ। ଏହି ନିଆରା ପରମ୍ପରା ମହିଳାଙ୍କ ସ୍ୱାଧୀନ ଚିନ୍ତାଧାରା ପ୍ରତୀକ। ଖାସି ଜନଜାତିର ସବୁଠୁ ରୋଚକୀୟ କଥା ହେଉଛି ବିବାହ ପରେ ବର ଶ୍ୱଶୁର ଘରକୁ ଯାଇଥାଏ। ବର ଶ୍ୱଶୁର ଘରକୁ ଯାଇ କନିଆ ପରିବାର ସହ ମିଶି ଜୀବନ ଅତିବାହିତ କରିଥାଏ। ଏହି ପରମ୍ପରା ଜନଜାତିଙ୍କ ପାଇଁ ଗର୍ବର ବିଷୟ ଭାବେ ଜଣାଯାଏ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଲୋକବିଶ୍ୱାସ ଅନୁଯାୟୀ, ଏହାଦ୍ୱାରା ପରିବାର ମଜଭୁତ ରହିବା ସହ ମହିଳାଙ୍କୁ ସାମାଜିକ ସମାନତା ମିଳିଥାଏ। ନିକଟରେ ଏହାକୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ସଭିଙ୍କ ଧ୍ୟାନ ଆକର୍ଷଣ କରିଥିଲା।



## 'ବର୍ଡର ୨'
## ଆସିଲା ବରୁଣଙ୍କ ଲୁକ୍

ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ 'ବର୍ଡର ୨' ଫିଲ୍ମରୁ ବରୁଣ ଧୱନଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଏହାପୂର୍ବରୁ ଫିଲ୍ମରୁ ସନ୍ନି ଦେୱଲଙ୍କ ଲୁକ୍ ଭାଇରାଲ ହୋଇଥିଲା। ଜାନୁଆରୀ ୨୩, ୨୦୨୬ରେ ଏହା ପରଦାକୁ ଆସିବ। ସାମାଜିକ ଗଣମାଧ୍ୟମରେ ବରୁଣ ଫିଲ୍ମର ପୋଷ୍ଟର ସେୟାର୍ କରି ଲେଖିଛନ୍ତି- 'ଦେଶର ସିପାହୀ ପିବିସି ହୋସିଆର ସିଂହ ଦହିଆ।' ପୋଷ୍ଟର୍‌ରେ ବରୁଣ ସେନା ପୋଷାକରେ ବନ୍ଧୁକ ଧରିଥିବାର ଦେଖାଯାଇଛନ୍ତି। ତାଙ୍କ ଆଖପାଖରେ କିଛି ସୈନିକ ମଧ୍ୟ ଅଛନ୍ତି। ତନ୍ମଧ୍ୟରୁ କିଛି ଜଣ ଆହତ ହୋଇଥିବାବେଳେ ଆଉ କିଛି ଲଢ଼ୁଥିବାର ଦେଖାଯାଇଛନ୍ତି। ବରୁଣଙ୍କ ଆଖିରେ ଶତ୍ରୁପକ୍ଷ ପ୍ରତି ଆକ୍ରୋଶ ସ୍ପଷ୍ଟ ବାରି ହୋଇ ପଡୁଛି। ଏଥିରେ ବରୁଣଙ୍କ ସହ ସନ୍ନି ଦେୱଲ, ଦିଲଜିତ୍ ଦୋସାଞ୍ଜ,ଅହାନ୍ ସେଟ୍ଟୀ, ମେଘା ରାଣା, ମୋନା ସିଂହ, ସୋନମ୍ ବାଜୱା ପ୍ରମୁଖ ନଜର ଆସିବେ। ସେହିଭଳି ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା, ନିଧି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ବର୍ଡର ୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ନିର୍ଦ୍ଦେଶିତ 'ବର୍ଡର'ର ସିକ୍ୱେଲ।






## କୁକୁଡ଼ା ବସନ୍ତ

**ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ଜିଲ୍ଲାରେ କୁକୁଡ଼ା ବସନ୍ତ ରୋଗ ଦେଖାଯାଉଛି। ଏହା ଏକ ଭୂତାଣୁଜନିତ ରୋଗ। ଶୀତଋତୁରେ ଆର୍ଦ୍ର ବାତାବରଣ ଯୋଗୁଁ କୁକୁଡ଼ା ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା ଯୋଗାଇଦେବା ଆବଶ୍ୟକ।**



କୁକୁଡ଼ା ବସନ୍ତ ରୋଗରେ ଆକ୍ରାନ୍ତ କୁକୁଡ଼ାଙ୍କ ମୁଣ୍ଡ, ପାଟି, ଆଖି ଆଦି ସ୍ଥାନରେ ଘା' ହୋଇଯାଏ। ଆଖି ବନ୍ଦ ହୋଇଯିବାରୁ ସେମାନେ ଦେଖିପାରନ୍ତିନି। ପ୍ରାୟତଃ ଅନ୍ଧ ହୋଇଯାଆନ୍ତି। ଚୂଳ, ଥଣ୍ଟ, ବେକ ଆଦି ସ୍ଥାନରେ ବସନ୍ତ ହୋଇ ଫୋଟକା ସୃଷ୍ଟି ହୁଏ। ଏହି ରୋଗରେ ଆକ୍ରାନ୍ତ କୁକୁଡ଼ା ଖାଇବା ପିଇବା ବନ୍ଦ କରିଥାନ୍ତି। ଗମ୍ଭୀରସ୍ଥିତିରେ କୁକୁଡ଼ା ମୃତ୍ୟୁବରଣ କରିଥାନ୍ତି। ତେବେ ଆକ୍ରାନ୍ତ କୁକୁଡ଼ାଠାରୁ ଅନ୍ୟକୁକୁଡ଼ାଙ୍କୁ ଏହି ରୋଗ ବହୁତ ଜୋରରେ ବ୍ୟାପୁଥିବାରୁ ରୋଗର ଲକ୍ଷଣ ଦେଖିବାମାତ୍ରେ ଡାକ୍ତରଙ୍କ ପରାମର୍ଶରେ ଯତ୍ନ ନେବା ଜରୁରି। ରୋଗର ନିରାକରଣ ପାଇଁ ବଡ଼ କୁକୁଡ଼ା ଓ ଛୋଟ କୁକୁଡ଼ାଙ୍କୁ ଟିକା କରଣ କରାଯାଏ। କୁକୁଡାର ପର ତଳେ ୦.୧ ମିଲି ଟିକା ଦିଆଯାଇଥାଏ। ସେହିପରି ଘା' ଗୁଡିକୁ ପଟାସ ପାଣିରେ ଧୋଇବା ଜରୁରି। ଯଦି ଟିକା ଉପଲବ୍ଧ ନ ଥାଏ, ହୋମିଓପାଥି ଉପଚାର କରି ପାରିବେ। ପାଣିରେ ହୋମିଓପାଥି ଔଷଧ ପକାଇ କୁକୁଡ଼ାଙ୍କୁ ଦେଲେ ରୋଗର ତୀବ୍ରତା କମିଥାଏ। ତେବେ ସଂକ୍ରମିତ କୁକୁଡ଼ାଙ୍କୁ ସୁସ୍ଥ କୁକୁଡ଼ାଙ୍କଠାରୁ ଦୂରେଇ ରଖନ୍ତୁ।

## ଏମାସର ଚାଷ

**ଆମ ରାଜ୍ୟର ପ୍ରାୟତଃ ଚାଷୀ ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପରିବା ଚାଷ କରିଥାନ୍ତି। ତେଣୁ ନଭେମ୍ବର ମାସରେ ପରିବା ଚାଷ କରୁଥିଲେ; କିଛି କଥାକୁ ଧ୍ୟାନ ଦେବା ଜରୁରି।**



ଚାଷ ପୂର୍ବରୁ ଜମିରେ ମାଟିକୁ ଗୁଣ୍ଡ କରି ଏକର ପ୍ରତି ୧୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରି ମାଟିକୁ ସମତଳ କରିଦିଅନ୍ତୁ। ନଭେମ୍ବର ମାସରେ ଆଳୁ, ଗାଜର, ମୂଳା, ବିଟ୍, କୋବି ଓ ଟମାଟୋ ଆଦି ପନିପରିବା ଚାଷ କରିପାରିବେ। ମୁଖ୍ୟତଃ ଏହି ଦିନେ ତାପମାତ୍ରା କମ୍ ରୁହେ, ତେଣୁ ଗଛ ମୂଳରେ ଅଧିକ ମାତ୍ରାର ପାଣି ଦେବା ଅନୁଚିତ। ଏହାଦ୍ୱାରା ଗଛ ମୂଳ ସଢ଼ିଯାଇଥାଏ। ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଗଛ ଲଗାଇବା ଭଲ। ଜମିରେ ବୁଣାକାମ ପୂର୍ବରୁ ମାଟିରେ ଖତ ମିଶାଇ ଦିଅନ୍ତୁ। ଗଛରେ ଯବକ୍ଷାରଜାନ ଓ ପଟାସ ଆଦି ଉପଯୋଗ କରିପାରିବେ। ଯଦି ଚାହିଁବେ ଜୈବିକ ପ୍ରଣାଳୀରେ ଚାଷ କରିପାରିବେ।

ଗଛ ଲଗାଇବା ପରେ ସପ୍ତାହ ଅନ୍ତରରେ ୪ରୁ ୫ ଥର ଜଳ ସିଞ୍ଚନ କରିବାକୁ ଭୁଲନ୍ତୁନି। ଏକମାସ ପରେ ଚାଷଜମିରେ କୋଡାଖୋସା କରିବା ଆବଶ୍ୟକ। ଘାସ ନିୟନ୍ତ୍ରଣ କରି ଜୈବିକ ସାର ପ୍ରୟୋଗ କଲେ ଫସଲ ସୁରକ୍ଷିତ ରୁହେ। ୪୫ ଦିନରେ ୩ରୁ ୪ କ୍ୱିଣ୍ଟାଲ ପ୍ରତି ଏକର ପିଛା ଜିଆ ଖତ ପ୍ରୟୋଗ କରିପାରିବେ।

## ନଡ଼ା ସଫା ଯନ୍ତ୍ର



ଅଧିକାଂଶ ଚାଷୀ ଫସଲ ଅମଳ ପରେ ସେହି ଜମିରେ ଅନ୍ୟ ଫସଲ ଚାଷ କରିଥାନ୍ତି। ପ୍ରତ୍ୟେକ ଚାଷକାର୍ଯ୍ୟ ଆରମ୍ଭରୁ ମାଟିକୁ ଭଲ ଭାବେ ଗୁଣ୍ଡ କରି ଜମି ପ୍ରସ୍ତୁତ କରାଯାଏ। ତେବେ ପ୍ରଥମ ଫସଲ ଯଥା ଧାନ, ଗହମ କିମ୍ବା ଅନ୍ୟାନ୍ୟ ଫସଲ ଅମଳ ପରେ ଜମିରେ ଏହାର ଅବଶିଷ୍ଟାଂଶ ରହିଥାଏ। ଏନେଇ ଅଧିକାଂଶ ଲୋକ ଚାଷ ପୂର୍ବରୁ ପୁରୁଣା ଫସଲର ଅବଶିଷ୍ଟାଂଶକୁ ପୋଡ଼ିଥାନ୍ତି। ଏହା ଯୋଗୁଁ ଜମିରେ ଉପଯୋଗୀ ଜୀବାଣୁ ନଷ୍ଟ ହୋଇଯାଇଥାନ୍ତି। ମାଟି ଟାଣ ହେବା ସହ ଜଳଧାରଣା କ୍ଷମତା କମିଯାଏ। ତେଣୁ ଏବେ ଏହି ସମସ୍ୟାକୁ ଦୂର କରିବ ସୁପର ସିଡର। ଏହି କୃଷି ଯନ୍ତ୍ରଟି ଗହମ, ଧାନ ତଥା ଅନ୍ୟ ଫସଲ କାଟିବା ପରେ ଜମିରେ ବଳକା ଥିବା କୁଟା, ନଡ଼ା, କାଠି ଆଦିକୁ ସିଧାସଳଖ ମାଟିରେ ମିଶାଇ ଦିଏ। ଏହାଦ୍ୱାରା ଚାଷୀଙ୍କୁ ଆଉ ଫସଲ ବର୍ଜ୍ୟକୁ ପୋଡିବାକୁ ପଡ଼ି ନ ଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଦ୍ୱାରା ଜମିର ବର୍ଜ୍ୟ ମାଟିରେ ମିଶି ଫସଲରେ ଖତ ପରି କାମ ଦିଏ। ଏହି କୃଷି ଯନ୍ତ୍ରର ମୂଲ୍ୟ ପାଖାପାଖି ୨.୪୦ଲକ୍ଷରୁ ୩ ଲକ୍ଷ ଟଙ୍କା ହେବ । ଏହି ଯନ୍ତ୍ରଟିକୁ ଟ୍ରାକ୍ଟର ସହିତ ଫିଟ୍ କରି ଜମିରେ ବ୍ୟବହାର କରିବାକୁ ପଡ଼େ। ଫଳରେ ଚାଷୀମାନେ ସହଜ ଓ ସ୍ୱଳ୍ପ ମୂଲ୍ୟରେ ହଳ ସହିତ ବୁଣା କାମ କରିପାରନ୍ତି।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ। ବେଙ୍ଗଳା ପରେ ଧାନକୁ ଭଲ ଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ।
- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଓ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଅମଳକ୍ଷମ ପିଆଜର କିସମ ଗୁଡିକ ହେଲା- ଆଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆଗ୍ରିଫାଉଣ୍ଡ ଡାର୍କ ରେଡ୍, ଭୀମ ଶକ୍ତି, ଭୀମ ସୁପର ଇତ୍ୟାଦି।
- ଉଚ୍ଚ-ମଧ୍ୟମ ଜମିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ଲଙ୍କାରେ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ଯନ୍ତା ଲଗାନ୍ତୁ।
- ଶୀତଋତୁରେ ମାଛମାନଙ୍କ ଦେହରେ କବକ ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି କିମ୍ବା ପଟାସିୟମ ପରମାଙ୍ଗାନେଟ୍ ୧ ରୁ ୨ କେଜି କିମ୍ବା ଚୂନ ୫୦ରୁ ୧୦୦ କେଜି ମିଶାଇ ବିଶୋଧନ କରନ୍ତୁ।



## କୁଣ୍ଡରେ ମଟର ଅମଳ

ଶୀତଦିନେ ମଟରର ଚାହିଦା ଅଧିକ ଥାଏ। ତେଣୁ ବାଲ୍‌କୋନି କିମ୍ବା ଘରେ କୁଣ୍ଡରେ ମଟର ଚାଷ ସମ୍ଭବ। ମଟର ଚାଷ କରିବାକୁ ୧୦ରୁ ୧୨ ଇଞ୍ଚ ଗଭୀର କୁଣ୍ଡ ଆବଶ୍ୟକ ହୋଇଥାଏ। କୁଣ୍ଡ ତଳପାର୍ଶ୍ୱରେ ବାୟୁ ଚଳାଚଳ ପାଇଁ ଛୋଟ କଣା ରହିଥିବା ଜରୁରି। ମାଟି, ସଢ଼ାଗୋବର, ଖତ ବାଲି ଆଦିକୁ ମିଶାଇ କୁଣ୍ଡ ଭର୍ତ୍ତି କରି ସେଥିରେ ଗଛ ଲଗାଯାଏ। ମାଟିରେ ବାୟୁ ଚଳାଚଳ ଯେପରି ହୋଇପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ। କୁଣ୍ଡରେ ମଞ୍ଜିକୁ ୩ରୁ ୪ ସେମି ଗଭୀରରେ ପୋତି ଗଛକୁ ଗଛ ୧୦ରୁ ୧୫ ସେମି ଦୂରରେ ରଖାଯାଏ।



ସେହିପରି ଗଛକୁ ଯେପରି ୬ଘଣ୍ଟା ସୂର୍ଯ୍ୟକିରଣ ମିଳିପାରିବ ତାହାକୁ ଧ୍ୟାନ ଦେବା ଆବଶ୍ୟକ। ମଟର ଗଛର ଲତା ବଢ଼ିଲେ ଏହାକୁ ସାହାରା ଦେବାକୁ ରଞ୍ଜା (ବାଉଁଶ, ଜାଲି) ବନ୍ଦୋବସ୍ତ କରିପାରିବେ। ସମୟେ ସମୟେ ଘାସ ନିୟନ୍ତ୍ରଣ କରିବାକୁ ଭୁଲନ୍ତୁନି। ଗଛରେ ରୋଗପୋକ ଦେଖାଦେଲେ, କୃଷି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଔଷଧ ସିଞ୍ଚନ କରନ୍ତୁ। ଏହାଦ୍ୱାରା ଗଛରେ ଶୀଘ୍ର ଫଳ ଆସିଥାଏ। ମଟର ଫଳିବାକୁ ପାଖାପାଖି ଦୁଇରୁ ଅଢ଼େଇ ମାସ ସମୟ ଲାଗେ। ମଟର ଛୁଇଁ ପରିପକ୍ୱ ହୋଇଥିଲେ ଏହାକୁ ତୋଳି ପାରିବେ ।

● ଆଇପିଏଲ୍-୨୦୨୬

## ସିଏସ୍‌କେରୁ ଖେଳିପାରନ୍ତି ସାମସନ, ରାଜସ୍ଥାନରୁ ଜାଡ଼େଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଆସନ୍ତାବର୍ଷ ଖେଳାଯିବାକୁ ଥିବା ଆଇପିଏଲ୍-୧୯ ର ନିଲାମ ଏଥର ମଧ୍ୟ ବିଦେଶରେ ହେବ। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ୧୫ କିମ୍ବା ୧୬ରେ ଏହି ମିନି ନିଲାମ ଆବୁଧାବିରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଗତ ଦୁଇବର୍ଷ ହେଲା ଏହା ଯଥାକ୍ରମେ ଜେଦ୍ଦା, ସାଉଦି ଆରବ ଓ ଦୁବାଇରେ ଆୟୋଜିତ ହୋଇଥିଲା। ନଭେମ୍ବର ୧୫ ସୁଦ୍ଧା ଖେଳାଳି ରିଟେନସନ ତାଲିକା ବିସିସିଆଇର ହସ୍ତଗତ ହେଲେ ନିଲାମ ତାରିଖ ଘୋଷଣା କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମହିଳା ପ୍ରିମିୟର ଲିଗ୍ ଲାଗି ନିଲାମ ନୂଆଦିଲ୍ଲୀରେ ନଭେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଜଣାଇଦିଆଯାଇଛି। ଏହା ମଧ୍ୟରେ ଆଉ ଏକ ଘଟଣାକ୍ରମରେ ସଞ୍ଜୁ ସାମସନ ଏଥର ଚେନ୍ନାଇ ସୁପରକିଙ୍ଗ୍‌ସ (ସିଏସ୍‌କେ) ପକ୍ଷରୁ ଏବଂ ରବୀନ୍ଦ୍ର ଜାଡେଜା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବେ ବୋଲି ଏକପ୍ରକାର ସ୍ଥିର ହୋଇଛି। ଆଇପିଏଲ ଟ୍ରେଡ୍ ମାଧ୍ୟମରେ ଏହା ସମ୍ଭବ ହେବାକୁ ଯାଉଛି। ସଞ୍ଜୁ ସାମସନଙ୍କୁ ହଟାଇବା ଲାଗି ରାଜସ୍ଥାନ ରୟାଲ୍ସ ଏକାଧିକ ଫ୍ରାଞ୍ଚାଇଜ୍ ସହ ଆଲୋଚନା କରିଛି। କିନ୍ତୁ ଏଥିରେ ବିଫଳ ହେବା ପରେ ସିଏସ୍‌କେ ରାଜି ହୋଇଛି।

## ପାକିସ୍ତାନ କ୍ରିକେଟର୍ ନସୀମଙ୍କ ଘର ଉପରକୁ ଗୁଳି ମାଡ଼

ଇସଲାମବାଦ୍, ୧୦।୧୧ (ଏଜେନ୍ସି): ପାକିସ୍ତାନ କ୍ରିକେଟର୍ ନସୀମ ଶାହଙ୍କ ଘର ଉପରକୁ ଅଜଣା ଆତତାୟୀମାନେ ଦିନ ଦ୍ୱିପହରେ ଆଖିବୁଜା ଗୁଳିଚାଳନା କରିଛନ୍ତି। ଖାଇବର ପଖତୁନଖୱା ପ୍ରଦେଶର ଲୋୟର ଡି ଜିଲ୍ଲାରେ ଥିବା ନସୀମଙ୍କ ଘରର ମୁଖ୍ୟ ଦ୍ୱାରରେ ଏହି ଗୁଳିମାଡ଼ ହୋଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ଲୁହାରେ ନିର୍ମିତ ମୁଖ୍ୟ ଦ୍ୱାରରେ ଅନେକ ଛିଦ୍ର ହୋଇଥିବାବେଳେ ନିକଟରେ ଥିବା ଏକ କାର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ୫ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

● ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟ

## ସମ୍ବିତ୍ ଓ ଅନ୍ୱେଷଙ୍କୁ ଟାଇଟଲ୍

ଭୁବନେଶ୍ୱର,୧୦।୧୧(ସମିସ): ଆଇଏମ୍ ସମ୍ବିତ ପଣ୍ଡା ଓ ଡାକ୍ତର ଅନ୍ୱେଷ ଉପାଧ୍ୟାୟ ପ୍ରଥମ ଚେସଟର୍ଫ ରାପିଡ୍ ଓ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଚେସ୍‌ଟର୍ଫ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶାରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଆୟୋଜିତ ହୋଇଥିଲା। ସମଗ୍ର ରାଜ୍ୟରୁ ୨୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ



କରିଥିଲେ। ସମ୍ବିତ ସମସ୍ତଙ୍କୁ ପଛରେ ପକାଇ ରାପିଡ୍ ବିଭାଗରେ ଚାମ୍ପିଅନ ହେବା ସହ ଟ୍ରଫି ଓ ୨୧,୦୦୦ ଟଙ୍କାର ପୁରସ୍କାର ଜିତିଥିଲେ। ଏହି ବିଭାଗରେ ଫିଡେ ମାଷ୍ଟର ଶ୍ରୀଅଂଶ ଦାସ ଦ୍ୱିତୀୟ ସ୍ଥାନରେ ରହି ୧୧,୦୦୦ ଟଙ୍କା ଓ ଅନ୍ୱେଷ ତୃତୀୟ ସ୍ଥାନରେ ରହି ୮,୦୦୦ ଟଙ୍କାର ପୁରସ୍କାର ପାଇଥିଲେ। ସେହିପରି ବ୍ଲିଜ୍ ବିଭାଗରେ ଡାକ୍ତର ଅନ୍ୱେଷ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କୁ ପୁରସ୍କାର ବାବଦରେ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ସମ୍ବିତ ରନର୍ସଅପ୍ ଓ ଜ୍ୟୋସ୍ନାଭ ତାଲୁକଦାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୋଟ ୧.୭୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ ଓ ଆୟୋଜକ ଚେସ୍‌ଟର୍ଫ ଏକାଡେମୀର ସମ୍ପାଦକ ସ୍ୱାଂଶୁ ସତ୍ୟକାମ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଜୁନିଅର ମହିଳା ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳ ଘୋଷିତ

# ଟିମ୍‌ରେ ଓଡ଼ିଶାରୁ ସୁନେଲିତା, ହର୍ଷାରାଣୀ, ପୂଜା

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍ ଲାଗି ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂ ପୂର୍ବପରି ଜୁନିଅର ଦଳର ନେତୃତ୍ୱ ବଜାୟ ରଖିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚିଲିର ସାଣ୍ଟିଆଗୋଠାରେ ଡିସେମ୍ବର ୧ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଜୁନିଅର ହକିର ଏହି ମେଗା ଇଭେଣ୍ଟରେ ଭାରତ ପୁଲ-ସି'ରେ ସ୍ଥାନ ପାଇଛି। ଏହା ମଧ୍ୟରୁ ଦଳ ପ୍ରଥମ ମ୍ୟାଚ୍ ନାମିବ୍ୟା ସହ ଡିସେମ୍ବର ୧ରେ, ଦ୍ୱିତୀୟ ମ୍ୟାଚ୍ ଜର୍ମାନୀ ସହ ଡିସେମ୍ବର ୩ ଓ ତୃତୀୟ ମ୍ୟାଚ୍ ଆୟର୍ଲାଣ୍ଡ ସହ ଡିସେମ୍ବର ୫ରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଡିସେମ୍ବର ୭ରୁ ୧୩ ତାରିଖଯାଏ ନକ୍‌ଆଉଟ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଏହା ମଧ୍ୟରେ ଡିସେମ୍ବର ୧୩ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।








ଭାରତ ପକ୍ଷରୁ ଘୋଷିତ ୨୦ ଜଣିଆ ଦଳରେ ୧୮ଜଣ ଖେଳାଳି ଓ ୨ଜଣ ବଦଳ ଖେଳାଳି ରହିଛନ୍ତି। ଏମାନଙ୍କ ବ୍ୟତୀତ ୩ଜଣଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଗୋଲରକ୍ଷକ ଏଞ୍ଜେଲ ହର୍ଷାରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ସମସ୍ତଙ୍କର ଜୁନିଅର ଅନ୍ତର୍ଜାତୀୟ ହକି ଖେଳିବାରେ ଅଭିଜ୍ଞତା ରହିଛି। ସୁନେଲିତା ଟପ୍ପୋ ଗୋଟିଏ ପାଦ ଆଗେଇଯାଇ ସିନିଅର ଦଳ ପକ୍ଷରୁ ଖେଳିଛନ୍ତି। ସେହିପରି ମମିତା ଓରାମ ଚତୁର୍ଥ ଖେଳାଳିମାନେ ଷ୍ଟାଣ୍ଡବାଇରେ ରହିଛନ୍ତି। ମହିଳା ହକି ଦଳର ହେଡ୍ କୋଚ୍ ତୁଷାର ଖାଣ୍ଡେକର ଦଳଠାରୁ ଭଲ ପ୍ରଦର୍ଶନ ଆଶା ରଖିଛନ୍ତି। ଖେଳାଳିମାନଙ୍କୁ ଶିବିରରେ ରଖାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ପରେ ବିଭିନ୍ନ ଟୁର୍‌ରେ ମଧ୍ୟ ଏମାନେ ଖେଳିଥିଲେ। ଏଣୁ ଅନ୍ତର୍ଜାତୀୟ ଅଭିଜ୍ଞତା ଥିବା ଖେଳାଳିମାନେ ଏଥର ଦଳରେ ସ୍ଥାନ ପାଇଛନ୍ତି ଓ ଏଥର ଦଳ ଭଲ ଖେଳିବ ବୋଲି ଖାଣ୍ଡେକର କହିଛନ୍ତି।

### ଖେଳସୂଚୀ

୧-୧୨ ବନାମ ନାମିବ୍ୟା
୩-୧୨ ବନାମ ଜର୍ମାନୀ
୫-୧୨ ବନାମ ଆୟର୍ଲାଣ୍ଡ

### ଘୋଷିତ ଦଳ

ନିଧି, ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍ (ଗୋଲରକ୍ଷକ), ସାକ୍ଷୀ ଶୁକ୍ଲା, ପୂଜା ସାହୁ ଓ ନନ୍ଦିନୀ (ସମସ୍ତେ ଡିଫେଣ୍ଡର), ସାକ୍ଷୀ ରାଣା, ଇଶିକା, ସୁନେଲିତା ଟପ୍ପୋ, ଜ୍ୟୋତି ସିଂ (ଅଧିନାୟିକା), କେ, ଶିଲେଇମା ଚାନୁ, ବିନିମା ଧାନ୍ (ମିଡ୍‌ଫିଲ୍ଡର), ସୋନମ, ପୂର୍ଣ୍ଣିମା ଯାଦବ, କନିକା ସିୱାଚ୍‌ଳ ହୀନା ବାନୋ ମନୀଷା, ଲାଲଥାନଲୁଆଲାଙ୍ଗି ଓ ସୁଖବୀର କୌର।

ରଣଜୀ ଟ୍ରଫି: ବିଦର୍ଭର ଅମନ, ଧ୍ରୁବଙ୍କ ଶତକ

## ଓଡ଼ିଶା ଆଗରେ ୩୪୫ ରନ୍‌ର ଟାର୍ଗେଟ

ଭୁବନେଶ୍ୱର, ୧୦।୧୧ (ସମିସ): ଅମନ ମୋଖାଡେ ଓ ଧ୍ରୁବ ସୋରେଙ୍କ ଶତକ ବଳରେ ଏଠାରେ ଚାଲିଥିବା ରଣଜୀ ଟ୍ରଫିର ଏଲିଟ୍-ସି'ର ଏକ ମ୍ୟାଚ୍‌ରେ ଘରୋଇ ବିଦର୍ଭ ଦଳ ଭ୍ରମଣକାରୀ ଓଡ଼ିଶା ଆଗରେ ୩୪୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୧୨ ଓଭର ଖେଳି ବିନା ୱିକେଟରେ ୪୪ ରନ୍ କରିନେଇଛି। ଦୁଇ ଓପନର ସ୍ୱସ୍ତିକ ସାମଲ ୨୫ ଓ ଗୌରବ ଚୌଧୁରୀ ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ପିଚ୍‌ରେ ମ୍ୟାଚ୍ ବଞ୍ଚାଇବା କଷ୍ଟକର ହୋଇଥିଲାବେଳେ ମ୍ୟାଚ୍ ଜିତିବାକୁ ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ବାକିଥିବା ସମସ୍ତ ୧୦ଟିଯାକ ଦ୍ୱିତୀୟ ଇନିଂସ ୱିକେଟ୍‌ରେ ଆଉ ୩୦୧ ରନ୍ ଆବଶ୍ୟକ ହେଉଛି। ଓଡ଼ିଶାର ଦ୍ୱିତୀୟ ଇନିଂସ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଇନିଂସ ଶେଷ କରିଥିଲେ। ଗତକାଲି ୬ ୱିକେଟରେ ୧୨୨ ରନ୍ କରିଥିବା ଓଡ଼ିଶା ଆଜି ଆଉ ୩୮ ରନ୍ ଯୋଡିବା ପରେ ୧୬୦ ରନ୍‌ରେ ଅଲଆଉଟ ହୋଇଥିଲା। ଶେଷଭାଗରେ ସମ୍ବିତ ବରାଳଙ୍କ ୨୯ ରନ୍ ଲାଗି ଏହା ସମ୍ଭବ ହୋଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୧ ରନ୍ କରିଥିଲେ। ଘରୋଇ ଦଳର ଦୁଇ ମିଡିୟମ ପେସ୍ ବୋଲର ଗୌରବ ଫାର୍ଡେ ୪ଟି ଓ ପାର୍ଥ ରେଖାଡେ ୨ଟି ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୨୬ ରନ୍‌ରେ ଆଗୁଆ ଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୧୮ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଅମନ ମୋଖାଡେ ଅପରାଜିତ ୧୦୧ ରନ୍ କରିଥିଲାବେଳେ ଧ୍ରୁବ ସୋରେ ୧୦୧ ରନ୍ କରି ଆଉଟ ହୋଇଥିଲେ। ୨ଟିଯାକ ୱିକେଟ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ଧ୍ରୁବ ମଧ୍ୟ ପ୍ରଥମ ଇନିଂସରେ ଶତକ ସହ ୧୪୪ ରନ୍‌ର ବିରାଟ ଇନିଂସ ଖେଳିଥିଲେ।


## କିଟ୍ ଓ କିସ୍‌ରେ ୩୨ କୋଚ୍‌ଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୧୦।୧୧ (ସମିସ): କିଟ୍ ଓ କିସ୍ ପକ୍ଷରୁ ଏହାକୁ କ୍ରୀଡ଼ା ଇକୋସିଷ୍ଟମକୁ ସୁଦୃଢ଼ କରିବା ଲାଗି ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ୩୨ଜଣ ପୂର୍ବତନ କ୍ରୀଡ଼ାବିତ୍ ଓ ଏନ୍‌ଆଇଏସ୍-ପ୍ରମାଣିତ ପ୍ରଶିକ୍ଷକଙ୍କୁ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ ନିଯୁକ୍ତି କରାଯାଇଛି। ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଲିମ୍ପିଆନ ରାହୁଲ ବାନାର୍ଜୀ (ମୁଖ୍ୟ କୋଚ୍, ତୀରନ୍ଦାଜୀ), ସିଏସ୍ ଲାଗୁରୀ, କୁନି ଭଦ୍ରା, ଉମା ଦଳପତି, ଜଗନ୍ନାଥ ମାଝୀ, ସରିତା ଏକ୍କା, ମକରନ୍ଦ ପ୍ରଧାନ ପ୍ରମୁଖ ରହିଛନ୍ତି। ଏହି ସମସ୍ତ ଖେଳାଳି ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରି ଓଡ଼ିଶା ଓ ଦେଶ ପାଇଁ ସଫଳତା ଆଣିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ନବନିଯୁକ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ନିଯୁକ୍ତି ଫଳରେ କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗରେ କର୍ମଚାରୀ ସଂଖ୍ୟା ୩୩୭କୁ ବୃଦ୍ଧି ପାଇଛି।

## ସାଓ ପାଓଲୋ ଗ୍ରାଁପ୍ରି ଜିତିଲେ ନୋରିସ

ସାଓ ପାଓଲୋ, ୧୦।୧୧ (ଏଜେନ୍ସି): ମ୍ୟାକଲରେନ୍‌ର ଚାଳକ ଲାଣ୍ଡୋ ନୋରିସ ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସିଂ ସାଓ ପାଓଲୋ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ୭୧ ଲ୍ୟାପ୍ ତଥା ୩୦୫.୮ କିମି ବିଶିଷ୍ଟ ଏହି ରେସକୁ ନୋରିସ ଏକ ଘଣ୍ଟା ୩୨ ମିନିଟ୍ ଓ ୦୧.୫୯୬ ସେକେଣ୍ଡ ସମୟ ନେଇ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ମର୍ସିଡିଜର ଯୁବ ଚାଳକ କିମି ଆଣ୍ଟୋନେଲି ୧୦.୩୮୮ ସେକେଣ୍ଡ ଅଧିକ ସମୟ ନେଇ କ୍ୟାରିୟର ଶ୍ରେଷ୍ଠ ପ୍ରଥମ ରନର୍ସଅପ୍ ଓ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ୧୦.୭୫ ସେକେଣ୍ଡ ଅଧିକ ସମୟ ସହ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଏଠାରେ ବିଜୟ ସହ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ଟାଇଟଲ୍ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ନୋରିସ ବର୍ତ୍ତମାନ ୩୯୦ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ମ୍ୟାକଲରେନର ଅନ୍ୟତମ ଚାଳକ ଓସ୍କାର ପିଆଷ୍ଟ୍ରି ମୋଟ୍ ୩୬୬ ପଏଣ୍ଟ ସହ ଦ୍ୱିତୀୟ ଓ ଭର୍ଷ୍ଟାପେନ ୩୪୧ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି। ଚଳିତ ସିଜନରେ ଆଉ ୩ଟି ରେସ୍ ବାକି ରହିଥିବାବେଳେ ୪୯ ପଏଣ୍ଟ ପଛରେ ଥିବା ଭର୍ଷ୍ଟାପେନଙ୍କ ଟାଇଟଲ୍ ଜିତିବା ଆଶା ମଉଳି ଯାଇଛି।




ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

## ହର୍ଷିତ ପ୍ରିୟଦର୍ଶୀଙ୍କୁ ତ୍ରିମୁକୁଟ, ନିମିଶା ଓ ସୌମ୍ୟଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର,୧୦।୧୧(ସମିସ): ଓଡ଼ିଶା ରାଜ୍ୟ ୧୫ ଓ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଭୁବନେଶ୍ୱର ପୋଖରୀପୁଟସ୍ଥିତ ବିଜୁପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ ବାଳକ ବିଭାଗରେ କଟକର ହର୍ଷିତ ପ୍ରିୟଦର୍ଶୀ ବେହେରା ତ୍ରିମୁକୁଟ ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝା ଓ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ମଧ୍ୟ ଦ୍ୱିମୁକୁଟ ଲାଭ କରିଛନ୍ତି।

୧୫ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଫାଇନାଲରେ ସମ୍ବଲପୁରର ଅୟଙ୍କ ସାହୁଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ବାଳକ ଡବଲ୍ସରେ ସେ ଓ ଅୟଙ୍କ, ମିକ୍ସଡ ଡବଲ୍ସରେ ସେ ଓ ଆଦ୍ୟାଶା ମହନ୍ତ ଟାଇଟଲ ଜିତିଥିଲେ। ବାଳିକା ବିଭାଗରେ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ଡବଲ ସଫଳତା ମିଳିଛି। ସିଙ୍ଗଲ୍ସ ଫାଇନାଲରେ ସେ କଟକର ସ୍ୱାତୀ ନାୟକଙ୍କୁ ହରାଇଥିଲେ। ଡବଲ୍ସରେ ନିମିଶା ଓ ସ୍ୱାତୀ ନାୟକ ଚାମ୍ପିଅନ ହୋଇଥିଲେ। ୧୭ ବର୍ଷରୁ କମ୍ ବିଭାଗରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା। ବାଳକ ବିଭାଗ ସିଙ୍ଗଲ୍ସ ଫାଇନାଲରେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ୨-୦ରେ ନିଜ ଜିଲ୍ଲାର ବାପୁନ ରାଉତଙ୍କୁ ହରାଇଥିଲେ। ମିକ୍ସଡ ଡବଲ୍ସରେ ସେ ଓ ଭଦ୍ରକର ଜେସିକା ସାହୁ ଟାଇଟଲ ଜିତିନେଇଥିଲେ। ଡବଲ୍ସରେ ଖୋର୍ଦ୍ଧାର ବାପୁନ ରାଉତ ଓ ସମ୍ବଲପୁରର ଜୟକୃଷ୍ଣ ଗର୍ଡିଆ ଟାଇଟଲ କବ୍‌ଜା କରିଥିଲେ। ବାଳିକା ବିଭାଗ ସିଙ୍ଗଲ୍ସରେ କଟକର ସ୍ୱାତୀ ନାୟକ ଖୋର୍ଦ୍ଧାର ନିମିଶା ଓଝାଙ୍କୁ ହରାଇ ଟାଇଟଲ ଜିତିଥିଲେ। ଡବଲ୍ସରେ ଯାଜପୁରର ରତିକା ଦାସ ଓ ଭଦ୍ରକର ବି.ଲକ୍ଷ୍ମୀ ରେଡ୍ଡୀ ଚାମ୍ପିଅନ ହୋଇଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର, ଆୟୋଜନ କମିଟି ସମ୍ପାଦକ କମଳ ଦାଶ୍ ଓ ଅଜିତ ମହାନ୍ତି, ପର୍ଯ୍ୟବେକ୍ଷକ ଶିବମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଶୁଭମ ନାୟକ, ଚିଫ୍ ରେଫରୀ ରୀତା ଦାଶ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗାଯିବ ଜବାହରଲାଲ୍ ନେହରୁ ଷ୍ଟାଡିୟମ

ନୂଆଦିଲ୍ଲୀ, ୧୦।୧୧ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀର ଐତିହାସିକ ଜବାହରଲାଲ ନେହରୁ ଷ୍ଟାଡିୟମ ଏବେ ଇତିହାସ ହୋଇଯିବ। ଦିଲ୍ଲୀର ପ୍ରତୀକ ଭାବେ ବିବେଚିତ ହେଉଥିବା ଏହି ଷ୍ଟାଡିୟମ ଭଙ୍ଗାଯିବ। ଏହି ଷ୍ଟାଡିୟମକୁ ଭାଙ୍ଗି ଏଠାରେ ୧୦୨ ଏକର ଜାଗାରେ ସ୍ପୋର୍ଟ୍ସ ସିଟି ନିର୍ମାଣ କରାଯିବ। ଯେଉଁଥିରେ ସମସ୍ତ ପ୍ରମୁଖ ଖେଳର ଆୟୋଜନ ସ୍ଥଳ ଏବଂ ଆଥ୍‌ଲେଟଙ୍କ ଲାଗି ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଯୋଜନା କରିଛି। ଏହାର ବଜେଟ ବିବରଣୀ ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନ ଥିବା ଜଣାପଡ଼ିଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ଭାରତ ରହିଥିବାରୁ ଏହାକୁ ଲକ୍ଷ୍ୟ ରଖି ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରାଯାଉଛି। ରିପୋର୍ଟ ଅନୁସାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏବେ ବିଶ୍ୱର ବିଭିନ୍ନ ଷ୍ଟାଡିୟମର ମଡେଲର ଅଧ୍ୟୟନ କରାଯାଉଛି। କତାର ଓ ଅଷ୍ଟ୍ରେଲିଆରେ ରହିଥିବା ସ୍ପୋର୍ଟ୍ସ ସିଟି ପ୍ରକଳ୍ପର ନିର୍ମାଣ ଢାଞ୍ଚାକୁ ନଜରରେ ରଖି ଦିଲ୍ଲୀର କ୍ରୀଡ଼ା ନଗରୀ ନିର୍ମାଣ ହେବାର ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ, ୧୯୮୨ରେ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ ତିଆରି କରାଯାଇଥିଲା। ଏହାର ଦର୍ଶକ କ୍ଷମତା ୬୦ ହଜାର ରହିଛି। ଗତ ୧୫ ବର୍ଷ ମଧ୍ୟରେ ଏହି ଷ୍ଟାଡିୟମର ନବୀକରଣରେ ପାଖାପାଖି ୧୦୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇସାରିଛି। ନିକଟରେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଲାଗି ୩୦ କୋଟି ଟଙ୍କା ବ୍ୟୟରେ ଏକ ଟ୍ରାକ୍ ବିଛାଯାଇଥିଲା।

## ମହିଳାରେ ପୁରୀ, ପୁରୁଷରେ ଜଟଣୀ ଚାମ୍ପିଅନ

ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ



ଭୁବନେଶ୍ୱର,୧୦।୧୧(ସମିସ): ପୁରୀ ସଦର ଓ ଜଟଣୀ ଦଳ ସୋଆ ୟୁନିଭର୍ସିଟି କ୍ୟାମ୍ପସରେ ଶେଷ ହୋଇଥିବା ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍‌ରେ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗରେ ଯାଜପୁର ଜିଲ୍ଲା ଓ ପୁରୁଷ ବିଭାଗରେ ପୁରୀ ସଦର ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା ବିଭାଗରେ ପୁରୀ ଜିଲ୍ଲା ଓ ସୋଆ, ପୁରୁଷ ବିଭାଗରେ ଭଦ୍ରକ ଓ ପୁରୀ ସଦର ମିଳିତଭାବେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ, ମାର୍ଗଦର୍ଶନ କୃଷ୍ଣଚନ୍ଦ୍ର ପଣ୍ଡା ଓ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସନାଲ ରେଫରୀ ଯଶୋବନ୍ତ ପରମଗୁରୁ, ଦୀପ୍ତିରଞ୍ଜନ ସାମନ୍ତରାୟ, ସେକ୍ ଆଜାରୁଦ୍ଦିନ, ଏସ୍ ଜଗା ରେଡ୍ଡୀ ଓ କଳ୍ପନା ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା।

'ନନ୍ଦିଘୋଷ ଟିଭି'
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS